ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

RNI REGD. No. : ODIODI/2020/78909

# ନିଷ୍କର୍ଷ
NISHKARSHA

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 03 ♦ ISSUE-26 ♦ CUTTACK ♦ WEEKLY ♦ 27 JUN TO 03 - JULY 2022 ♦ 8 PAGE ♦ RATE- 5/- ■ ବର୍ଷ - ୦୩ ♦ ସଂଖ୍ୟା -୨୬ ♦ କଟକ ♦ ସାପ୍ତାହିକ ♦ ୨୭ ଜୁନ ରୁ ୦୩ ଜୁଲାଇ ୨୦୨୨ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


**ଅମାନିଆ ସାବଧାନ !**

## ମନ୍ତ୍ରୀ ବିଧାୟକଙ୍କୁବି ନିସ୍ତାର ନାହିଁ

### ବିନା ହେଲମେଟରେ ବାଇକରେ ଯିବାରୁ କଟିଲା ହଜାର ଟଙ୍କାର ଚାଲାଣ




**ବାଲେଶ୍ୱର(ଏନ୍.ଏମ୍.) :** ଅମାନିଆକୁ ସାବଧାନ କରିଛି ଟ୍ରାଫିକ ପୁଲିସ। ବିନାହେଲମେଟରେ ବାଇକ ଚଳାଇଲେ ଦଣ୍ଡ ଗଣିବାକୁ ପଡୁଛି। ଏପରିକି ମନ୍ତ୍ରୀ ବିଧାୟକ ବି ଦଣ୍ଡ ଗଣିବାରୁ ନିସ୍ତାର ପାଇ ନାହାନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସଦର ବିଧାୟକ ସ୍ୱରୂପ କୁମାର ଦାସ ବାଲେଶ୍ୱରରେ ଏକ ବାଇକରେ ଯାଉଥିବା ବେଳେ ତାଙ୍କ ବାଇକ ନମ୍ବର ଉପରେ ୧ହଜାର ଟଙ୍କାର ଚାଲଣ କଟିଛି। ଉଭୟେ ଏହି ସମୟରେ ଟ୍ରାଫିକ ନିୟମ ଭଙ୍ଗ କରିଥିବା ଜଣାଯାଇଛି। ଏଥିଲାଗି ଗାଡ଼ିମାଲିକଙ୍କ ଠାରୁ ଟ୍ରାଫିକ ପୁଲିସ ୧ହଜାର ଟଙ୍କା ଜରିମାନା ଆଦାୟ କରିଛି। ସୂଚନା ଅନୁଯାୟୀ, ବାଲେଶ୍ୱର ସହରର ହେମକାପଡା ଛକରେ


ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶


## ଦଳମତ ନିର୍ବିଶେଷରେ ମାଟିର ଝିଅଙ୍କୁ ସମର୍ଥନ କରିବାକୁ ବିଧାନସଭାର ସବୁ ସଦସ୍ୟଙ୍କୁ ଅପିଲ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର (ଏନ୍.ଏମ୍.):** ଓଡ଼ିଶାର ଦ୍ରୌପଦୀ ମୁର୍ମୁ ହୋଇଛନ୍ତି ଏନ୍ଡିଏର ରାଷ୍ଟ୍ରପତି ପ୍ରାର୍ଥୀ। ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଜଣାଇଛି ବିଜେଡ଼ି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଦଳମତ ନିର୍ବିଶେଷରେ ମାଟିର ଝିଅକୁ ସମର୍ଥନ କରିବାକୁ ବିଧାନସଭାର ସବୁ ସଦସ୍ୟଙ୍କୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏନଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଜଣେ ଓଡ଼ିଆଙ୍କୁ ଘୋଷଣା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଏନଡିଏର ରାଷ୍ଟ୍ରପତି ହୋଇଥିବାରୁ ଦ୍ରୌପଦୀ ମୁର୍ମୁଙ୍କୁ ଟ୍ୱିଟ କରି ଶୁଭେଚ୍ଛା ଜଣାଇଥିଲେ। ଏନ୍ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଅପିଲ କରିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ସର୍ବସମ୍ମତି କ୍ରମେ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ସେ କହିଛନ୍ତି। ଏଥିସହ ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ପଦବୀ ପାଇଁ ସମର୍ଥନ କରିବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ। ମୟୂରଭଞ୍ଜର ଝିଅ ଦ୍ରୌପଦୀ ମୁର୍ମୁ ବିଜେପି ନେତୃତ୍ୱାଧୀନ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ମଙ୍ଗଳବାର ତାଙ୍କ ନାଁ ଘୋଷଣା ହେବା ପରେ ଓଡ଼ିଆଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଖୁସି ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି ଲେଖିଥିଲେ, ଦେଶର ସର୍ବୋଚ୍ଚ ପଦବୀ ପାଇଁ ଏନଡିଏ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ମୋର ଶୁଭେଚ୍ଛା। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ମୋ' ସହ ଆଲୋଚନା କରିବା






ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶


## ଅପେରା ରାଇଜରେ ଲୋକପ୍ରିୟ ଅଭିନେତା ରାଇମୋହନ



**ଭୁବନେଶ୍ୱର (ଏନ୍.ଏମ୍.): :** ଓଡ଼ିଆ ଚଳଚ୍ଚିତ୍ର ଜଗତ ଓ ଅପେରା ମଞ୍ଚର ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ା (୫୯)ଙ୍କ ପରଲୋକ ଘଟିଛି। ପଳାସୁଣି ପ୍ରାଚୀବିହାର ସ୍ଥିତ ନିଜ ଘରେ ଗତ ଶୁକ୍ରବାର ଦିନ ସେ ବେକରେ ଧୋତି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଏହି ଖବର ପ୍ରଚାରିତ ହେବାପରେ ଓଡ଼ିଆ ଚଳଚ୍ଚିତ୍ର ଓ ଯାତ୍ରାଜଗତରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଆଜି ସଂଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରାଇମୋହନଙ୍କ ଏପରି ଅକାଳ ବିୟୋଗ କେବଳ ଓଲିଉଡ୍ ନୁହେଁ, ସାରାରାଜ୍ୟରେ ତାଙ୍କ ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ସ୍ତବ୍ଧ କରିଦେଇଛି। ସମ୍ମାନ ଓ ପ୍ରସିଦ୍ଧିରେ ବେଶ୍ ଉଚ୍ଚ ସୋପାନକୁ ଯାଇଥିବା ଏହି ବିଶିଷ୍ଟ ଅଭିନେତା ହଠାତ୍ କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ ତାହା ଏବେ ବେଶ୍ ରହସ୍ୟଜନକ ହୋଇପଡ଼ିଛି। ବହୁବର୍ଷ ହେଲା ରାଇମୋହନ ପ୍ରାଚୀବିହାରରେ ତାଙ୍କ ପତ୍ନୀ ଓ ଦୁଇ ଝିଅଙ୍କ ସହ ରହୁଥିଲେ। ତାଙ୍କ ବନ୍ଧୁ ତଥା ପଡ଼ୋଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ କାଲିରାତି ଯାଏ ବେଶ୍ ସ୍ୱାଭାବିକ ଥିଲେ ରାଇମୋହନ। ସାଧାରଣ ଭାବେ ବାହାରକୁ ଯାଇଥିଲେ ଓ ଘରକୁ ଫେରିଥିଲେ। ଆଜି ସକାଳ ପ୍ରାୟ ୧୦ଟା ଯାଏ ସେ ପରିବାର ସଦସ୍ୟଙ୍କ ସହ ଘରେ ଥିଲେ। ୧୦ଟାରେ ତାଙ୍କ ପତ୍ନୀ ଓ ବଡ଼ଝିଅ କେ ?ଣସି ପାରିବାରିକ କାର୍ଯ୍ୟରେ କଟକ ଯାଇଥିଲେ। ସାନ ଝିଅ କଲେଜ ଯାଇଥିଲେ। ଘରୁ ସମସ୍ତେ ଗଲାପରେ ପ୍ରାୟ ସାଢ଼େ ୧୦ଟା ବେଳକୁ ରାଇମୋହନ ନିଜ ମୋବାଇଲରୁ ପତ୍ନୀ ଓ ଦୁଇ ଝିଅଙ୍କୁ 'ବାଏ' ଲେଖିଥିଲେ। ଏପରି ମେସେଜ୍ ପାଇ ପତ୍ନୀ ଓ ଝିଅଙ୍କ ଚିନ୍ତା ବଢ଼ିଯାଇଥିଲା । ପତ୍ନୀ ଓ ବଡ଼ ଝିଅ ତୁରନ୍ତ ରାଇମୋହନଙ୍କୁ ଫୋନ୍ କରିଥିଲେ। କିନ୍ତୁ କିଛି ଉତ୍ତର ମିଳି ନ ଥିଲା। ଏହାପରେ ସେମାନେ ଡ୍ରାଇଭର୍ଙ୍କୁ ଫୋନ୍ କରି ରାଇମୋହନଙ୍କ ସମ୍ପର୍କରେ ପଚାରିଥିଲେ। ଏହାପରେ ଡ୍ରାଇଭର୍ ଉପର ମହଲାରେ ଥିବା ବେଡରୁମକୁ ଯିବା ବେଳକୁ ରାଇମୋହନଙ୍କୁ ଝୁଲିବା ଅବସ୍ଥାରେ ଦେଖିଥିଲେ। ତୁରନ୍ତ ସେ ପଡ଼ୋଶୀଙ୍କୁ ଜଣାଇବା ସହ ପତ୍ନୀ ଓ ଝିଅଙ୍କୁ ଖବର ଦେଇଥିଲେ। ମଞ୍ଚେଶ୍ୱର ଥାନା ପୁଲିସ୍ ମଧ୍ୟ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଖବର ଜଣାପଡ଼ିବା ପରେ ରାଇମୋହନଙ୍କ ବାସଭବନ ସମ୍ମୁଖ ଲୋକାରଣ୍ୟ ହୋଇଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଚଳଚ୍ଚିତ୍ର, ଧାରାବାହିକ ଓ ଯାତ୍ରା ଜଗତର ବ୍ୟକ୍ତିମାନେ ପହଞ୍ଚିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାର ପ୍ରାଥମିକ ତଦନ୍ତ କଲାପରେ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇଥିଲେ। ସେଠାରେ ଏପରି ଭିଡ଼ ଜମିଥିଲା ଯେ ଘରୁ ମରଶରୀରକୁ ବାହାର କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପୁଲିସ ନାକେଦମ୍ ହୋଇଥିଲା। ଅପରାହ୍ନରେ କ୍ୟାପିଟାଲ୍ ହସ୍ପିଟାଲ୍ରେ ମରଶରୀରକୁ ଡାକ୍ତର ଯାଞ୍ଚ୍ କଲାପରେ ବ୍ୟବଚ୍ଛେଦ ହୋଇଥିଲା। ହସ୍ପିଟାଲ୍ ପରିସରରେ ପ୍ରିୟ ଅଭିନେତାଙ୍କ ଶେଷ ଦର୍ଶନ ପାଇଁ ମଧ୍ୟ ଭିଡ଼ ଜମିଥିଲା। ଓଲିଉଡ୍ର ଜଣାଶୁଣା କଳାକାରମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ବ୍ୟବଚ୍ଛେଦ ପରେ ପୁଲିସ୍ ତାଙ୍କ ମରଶରୀରକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲା। ହସ୍ପିଟାଲୁ ରାଇମୋହନଙ୍କ ମରଶରୀରକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ସେଠାରେ ଅଧ୍ୟାପକ, ଛାତ୍ରଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ପ୍ରାଚୀବିହାରସ୍ଥିତ ତାଙ୍କ ବାସଭବନକୁ ମରଶରୀର ଅଣାଯାଇଥିଲା। ସେଠାରେ ମଧ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିଥିଲେ। ଏହାପରେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ତାଙ୍କ ମରଶରୀରକୁ ନିଆଯାଇଥିଲା। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନ ଝିଅ ଉଦିତା ପରିଡ଼ା ମୁଖାଗ୍ନି ଦେଇଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଯେଉଁ ହାତଗଣତି କିଛି କଳାକାର ସଫଳତାର ଶୀର୍ଷ ସୋପାନ ଛୁଇଁଛନ୍ତି, ତାଙ୍କ ମଧ୍ୟରେ ରାଇମୋହନ ପରିଡ଼ାଙ୍କ ସ୍ଥାନ ନିଶ୍ଚିତ ରହିବ। କେବଳ ଚଳଚ୍ଚିତ୍ର ନୁହେଁ, ଯାତ୍ରା ଓ ଧାରାବାହିକରେ ମଧ୍ୟ ସେ ଜଣେ ଆଗଧାଡ଼ିର କଳାକାର। ଖଳ ଅଭିନେତା ଭାବେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। ଜଣେ ଭଲ ଓ ମେଳାପୀ ମଣିଷ ଭାବେ ମଧ୍ୟ ସେ ସାଙ୍ଗସାଥୀଙ୍କ ମହଲରେ ପରିଚିତ। ପରଦାରେ ନିଜ ଅଭିନୟରେ ଲୋକଙ୍କୁ ଡରାଉଥିବା ଏହି ଅଭିନେତା ନିଜ



**ବ୍ୟବଚ୍ଛେଦ ବେଳେ ଚକ୍ଷୁ ଦାନ କଲେ ପରିବାର ଲୋକେ**

ଯେଉଁ ନାଲି ଆଖିକୁ ଦେଖି, ଦିନେ ଦର୍ଶକ ଭୟରେ ଥରୁଥିଲେ ସେହି ଆଖି ସତେଜ ରହିବ। ସଶରୀରେ ରାଇମୋହନଙ୍କୁ ଆଉ ତାଙ୍କ ପ୍ରଶଂସକମାନେ ଦେଖିବାକୁ ସୁଯୋଗ ପାଇବେ ନାହିଁ ସତ। କିନ୍ତୁ ତାଙ୍କ ଆଖିରେ ଆଉ କେହି ଜଣେ ଦୁନିଆ ଦେଖିବ। ରାଇମୋହନଙ୍କ ଇଚ୍ଛା ଥିଲା ମୃତ୍ୟୁପରେ ତାଙ୍କ ଚକ୍ଷୁକୁ ଦାନ କରିବେ। ତାଙ୍କ ପରିବାର ଲୋକଙ୍କ ସହମତିକ୍ରମେ ଆଜି କ୍ୟାପିଟାଲ୍ ହସ୍ପିଟାଲରେ ଚକ୍ଷୁଦାନ କରାଯାଇଛି।


ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶


## ସୁପ୍ରିମକୋର୍ଟ ବିଚାରପତିଙ୍କୁ ବି ଛାଡ଼ିଲେନି ସାଇବର ଠକ, ଜଜ୍ଙ୍କ ପରିଚୟରେ ଡେପୁଟି ରେଜିଷ୍ଟ୍ରାରଙ୍କୁ ଫୋନ୍

**ଭୁବନେଶ୍ୱର(ଏନ୍.ଏମ୍.):** ନିକଟରେ ସାଇବର ଠକ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍ ବାଲକ୍ରିଷ୍ଣନ୍ଙ୍କ ସମେତ ୨ଜଣ ପ୍ରଶାସକଙ୍କୁ ଢାଲ କରି ଅନେକ ବରିଷ୍ଠ ଅଧିକାରୀଙ୍କୁ ଠକେଇ ଉଦ୍ୟମ କରିବା ଘଟଣା ଲୋକଲୋଚନକୁ ଆସିଥିଲା। ତେବେ ଏହି ଚର୍ଚ୍ଚିତ ଘଟଣାକୁ ସପ୍ତାହେ ନ ପୂରୁଣୁ ପୁଣି ଏକ ସାଇବର ଅପରାଧ ସାମ୍ନାକୁ ଆସିଛି। ଏଥର ସାଇବର ଅପରାଧୀ ସିଧାସଳଖ ସୁପ୍ରିମକୋର୍ଟର ବିଚାରପତି ଉଦୟ ଉମେଶ ଲଳିତଙ୍କୁ ମାଧ୍ୟମ କରିଛି। ନିଜକୁ ଜଷ୍ଟିସ୍ ୟୁୟୁ ଲଳିତ ବୋଲି ପରିଚୟ ଦେଇ କଟକ ହାଇକୋର୍ଟର ଡେପୁଟି ରେଜିଷ୍ଟ୍ରାର୍ଙ୍କୁ ଫୋନ୍ କରିଛି। ତାଙ୍କୁ ହାଇକୋର୍ଟର ବିଚାରପତି ଚିତ୍ତରଂଜନ ଦାଶଙ୍କ ବଦଳିକୁ ନେଇ ପଚରାଉଚରା କରିଛି। କେବଳ ସେତିକି ନୁହେଁ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଫୋନ୍ କରି ଜଷ୍ଟିସ ଶ୍ରୀ ଦାଶଙ୍କୁ ନେଇ ଏକାଧିକ କଥା ପଚାରିଛି। ତେବେ ଏହିଭଳି ଏକାଧିକ ବ୍ୟକ୍ତିଙ୍କୁ ଫୋନ୍ କରି କଟକ ହାଇକୋର୍ଟର ବିଚାରପତିଙ୍କ ବାବଦରେ ତନାଘନା କରିବା କଥା ସାମ୍ନାକୁ ଆସିବା ପରେ କୌଣସି ବଡ଼ଧରଣର ଠକେଇ ଆଶଙ୍କା କରି ଡେପୁଟି ରେଜିଷ୍ଟ୍ରାର୍ ଦେବାଶିଷ ମହାନ୍ତି ଏନେଇ କ୍ରାଇମ୍ବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ, ଅଭିଯୋଗକାରୀ ଦେବାଶିଷ ମହାନ୍ତି କଟକ ହାଇକୋର୍ଟର ଆଡମିନଷ୍ଟ୍ରେସନ୍ ଓ ପ୍ରୋଟୋକଲ୍ ବିଭାଗର ଡେପୁଟି ରେଜିଷ୍ଟ୍ରାର୍ ହିସାବରେ କାମ କରନ୍ତି। ଗତ ୧୬ତାରିଖ ଅପରାହ୍ନ ୩ଟା ୧୧ରେ ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ସୁପ୍ରିମକୋର୍ଟର ବିଚାରପତି ୟୁୟୁ ଲଳିତ ବୋଲି ପରିଚୟ ଦେଇଥିଲେ। ସେ ତାଙ୍କୁ କଟକ ହାଇକୋର୍ଟରେ କିଛି ସମସ୍ୟା ହେଉଛି କି ନାହିଁ ବୋଲି ପଚାରିଥିଲେ। ଶ୍ରୀ ମହାନ୍ତି ସବୁ ଠିକ୍ଠାକ୍ ଅଛି ବୋଲି ତାଙ୍କୁ କହିଥିଲେ। ଏହା ପରେ ସେ ସିଧାସଳଖ ହାଇକୋର୍ଟର ବିଚାରପତି ଚିତ୍ତରଂଜନ ଦାଶଙ୍କ ବାବଦରେ ପଚାରିଥିଲେ। ନିକଟରେ ଜଷ୍ଟିସ୍ ଶ୍ରୀ ଦାଶଙ୍କର ବଦଳି କୋଲକାତାକୁ ହୋଇଥିବା ବେଳେ ସେ କାର୍ଯ୍ୟରେ ଯୋଗ ଦେଲେଣି ନା ନାହିଁ ବୋଲି ପଚାରିଥିଲେ।

ଏ ନେଇ ଶ୍ରୀ ମହାନ୍ତି ମନା କରିବା ସହିତ କହିଥିଲେ ଆସନ୍ତା ୧୮ ଜୁନରେ ସେ ଓଡ଼ିଶା ଛାଡ଼ିବା ପରେ ୨୦ଜୁନ୍ରେ କୋଲକାତାସ୍ଥିତ କୋର୍ଟରେ ଯୋଗ ଦେଇ ଶପଥ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ଅଧିକ ସୂଚନା ପାଇଁ ସାଇବର ଠକ ତାଙ୍କୁ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କ ଫୋନ୍ ନମ୍ବର ପଠାଇବାକୁ କହିଥିଲେ। ପରେ ଡେପୁଟି ରେଜିଷ୍ଟ୍ରାର୍ ଶ୍ରୀ ମହାନ୍ତି ଫୋନ୍ ନମ୍ବର୍ ମେସେଜ୍ କରିଥିଲେ। ଏହା ପରେ ପୁଣି ଅଭିଯୋଗକାରୀ ଶ୍ରୀ ମହାନ୍ତି ଉକ୍ତ ନମ୍ବରକୁ ଫୋନ୍ କରି ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କ ଫୋନ୍ ନମ୍ବର ପଠାଇଥିବା କହିଥିଲେ। ପରେ ପୁଣି ସାଇବର ଠକ ତାଙ୍କୁ ହାଇକୋର୍ଟରେ କିଛି ସମସ୍ୟା ହୋଇଥିବା ନେଇ ପଚାରିଥିଲେ। ଏନେଇ ଶ୍ରୀ ମହାନ୍ତି ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ଏ ବାବଦରେ କହିବା ପରେ ଏକ ଫେକ୍ ନମ୍ବରରୁ କଲ୍ ଆସିଥିବା ଜାଣିବାକୁ ପାଇଥିଲେ। ଏପରିକି ଏହା ପରଦିନ ଅର୍ଥାତ ୧୭ଜୁନ୍ ମଧ୍ୟରେ ସାଇବର ଠକ ପୁଣି ଶ୍ରୀ ମହାନ୍ତିଙ୍କୁ ଫୋନ୍ କରିଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପଟେ ଡେପୁଟି ରେଜିଷ୍ଟ୍ରାର୍ ଶ୍ରୀ ମହାନ୍ତିଙ୍କୁ ଯେଉଁ ନମ୍ବରରୁ କଲ୍ ଆସିଥିଲା ସାଇବର ଠକ ସେହି ନମ୍ବରରୁ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରତାପ କୁମାର ପାତ୍ରଙ୍କୁ ମଧ୍ୟ ଫୋନ୍ କରି ସମାନ ଢଙ୍ଗରେ ହାଇକୋର୍ଟ ବାବଦରେ ପଚରାଉଚରା




ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶


**ସରକାରଙ୍କ ଆବାସ ଯୋଜନାକୁ ଉପହାସ**

## ଘର ନାହିଁ, ୧୨ ବର୍ଷ ହେଲା ଗାଁ ମଣ୍ଡପରେ ରହୁଛନ୍ତି ବିଜୁଳି

**ସୋନପୁର (ଏନ୍.ଏମ୍.):** ଖାଦ୍ୟ,ବସ୍ତ୍ର, ବାସଗୃହ ଏ ସବୁ ମଣିଷର ମୌଳିକ ଅଧିକାର ବୋଲି ଆମେ ପଢ଼ିଛେ। ଏଥିପାଇଁ ମଧ୍ୟ ସରକାର ଖାଦ୍ୟସୁରକ୍ଷା ଯୋଜନା ଠାରୁ ଆରମ୍ଭ କରି ଆବାସ ଯୋଜନା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଯୋଗାଇ ଦେଉଛନ୍ତି। ହେଲେ ପ୍ରଶାସନିକ ଅଧିକାରୀଙ୍କ ବେପରୁଆ କାର୍ଯ୍ୟ ଯୋଗୁଁ ସରକାରଙ୍କ ଏସବୁ ଜନକଲ୍ୟାଣ ଯୋଜନା ହିତାଧିକାରୀଙ୍କ ପାଖରେ ଅପହଞ୍ଚ ହୋଇ ପଡୁଛି। ଫଳରେ ସରକାର ଅନେକ କିଛି ଯୋଜନା ପ୍ରଚଳନ କରିଥିଲେ ବି ସେଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚି ପାରୁନଥିବା ଦେଖିବାକୁ ମିଳିଛି। ଏଭଳି ଅଭାବ ନୀୟ ଘଟଣା ଦେଖିବାକୁ ମିଳିଛି ଓଡ଼ିଶାର ସୁବର୍ଣ୍ଣପୁର ଜିଲ୍ଲାରେ। ଆଜି ବାସ ହୀନ ହୋଇ ପଡ଼ି ରହିଛନ୍ତି ଖୋଲା ଆକାଶ ତଳେ ଆଉ ଗାଁ ଚଉପାଢ଼ି ହିଁ ପାଲଟି ଯାଇଛି ତାଙ୍କ ପାଇଁ ଶେଷ ଭରଷା।

ଅଧା ବୟସରେ ସ୍ୱାମୀ ଛାଡ଼ି ଆରପାରିକୁ ଚାଲିଗଲେ। ଯେଉଁ ଝାଟିମାଟି ଘର ଓ ଜମିବାଡ଼ି ଥିଲା, ପୁଅମାନେ ସେସବୁ ବିକ୍ରି କରି ଶ୍ୱଶୁର ଘରେ ରହିଲେ। ନିଜର ବୋଲି ଦୁନିଆରେ କେହି ରହିଲେ ନାହିଁ। ଏପରି ସ୍ଥିତିରେ ୧୨ ବର୍ଷ ହେଲାଣି ବିଜୁଳି ସେଠୀ ନାମ୍ନୀ ମହିଳାଙ୍କ ଠିକଣା। ପାଲଟିଛି ଗାଁ ମଣ୍ଡପ। ସେଠାରେ ସେ ବର୍ଷ ବର୍ଷ ଧରି ରହି ଆସୁଛନ୍ତି। ସରକାରଙ୍କ ଦୃଷ୍ଟି ତାଙ୍କ ଉପରେ ପଡୁ ନଥିବାରୁ ଭାଗ୍ୟକୁ ଆଦରି ବିଜୁଳି ସେଠାରେ ପଡ଼ି ରହିଛନ୍ତି।



ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାରଝୁଲା ଗାଁରେ ରହୁଥିବା ବିଜୁଳିଙ୍କର ଥିଲା ସୁନାର ସଂସାର। ୩ ପୁଅ ଓ ସ୍ୱାମୀଙ୍କୁ ନେଇ ବାରଝୁଲା ଗାଁରେ ଖୁସିରେ ରହୁଥିଲେ ସେ। ହେଲେ ସ୍ୱାମୀଙ୍କ ମତ୍ୟୁ ଓ ପୁଅମାନଙ୍କ ବାହାଘର ପରେ ସବୁକିଛି ଓଲଟ ପାଲଟ ହୋଇଗଲା। ବଡ଼ ପୁଅର ମୃତ୍ୟୁ ହୋଇଗଲା ପରେ ଅନ୍ୟ ଦୁଇପୁଅ ଗାଁରେ ଥିବା ଜମିବାଡ଼ି ଓ ଘରଦ୍ୱାର ସବୁକିଛି ବିକ୍ରି କରି ନିଜ ନିଜ ଶ୍ୱଶୁର ଘରେ ରହୁଛନ୍ତି। ବୃଦ୍ଧ ମା' କଥା କେହିବି ବୁଝିବାକୁ ନାରାଜ।ଏବେ ବିଜୁଳିଙ୍କୁ ୭୦ ପାର ହେଲାଣି। ଆଖିରେ ଭଲ ଦେଖାଯାଉ ନାହିଁ। ଭଲରେ ଦୁଇ ପଦ କଥା ବି କହିପାରୁ ନାହାନ୍ତି। ପରିଣତ ବୟସରେ ବିଜୁଳିଙ୍କ ପାଖରେ ଘର ଖଣ୍ଡେ ନ ଥିବାରୁ ଗାଁ ମଣ୍ଡପରେ ରହୁଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ନା ଘର ଖଣ୍ଡେ ମିଳୁଛି ନା ରାସନ ସାମଗ୍ରୀ। କେବଳ ୫୦୦ ଟଙ୍କା ଭତ୍ତା ପାଉଛନ୍ତି। ଭତ୍ତା ପଇସାରେ ତେଲ ଲୁଣ କିଣି ଚଳନ୍ତି ବିଜୁଳି। ଗାଁ ମଣ୍ଡପରେ ରୋଷେଇ କରି ସେଠାରେ ଖାଇପିଇ ରହୁଛନ୍ତି। ବର୍ଷା ଓ ଶୀତରେ ବିଜୁଳି ମୁଣ୍ଡ ଗୁଞ୍ଜିବାକୁ ବାର ଦୁଆର ହୋଇଥା'ନ୍ତି। କାରଣ ମଣ୍ଡପର ଉପରେ ଛାତ ପଡ଼ିଥିଲେ ବି ଚାରିପଟ ମୁକୁଳା। ବିଜୁଳିଙ୍କ ଏଭଳି ଦୟନୀୟ ଅବସ୍ଥାରେ ବଞ୍ଚୁଥିବା ବେଳେ ତାଙ୍କ ଉପରେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁ ନାହିଁ। ନିର୍ବାଚନେ


ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶


## ଫ୍ରେଣ୍ଡସିପ୍ ଶୃଙ୍ଗରେ ତ୍ରିରଙ୍ଗା ଉଡାଇଲେ ସୌଭାଗ୍ୟ-ପ୍ରଭାସ



**କଟକ(ଏନ୍.ଏମ୍.) :** ଓଡ଼ିଶାର ଯୁବ ଆଇରନମ୍ୟାନ ସୌଭାଗ୍ୟ କୁମାର ରଥ ପୁଣି ଏକ ସଫଳତାକୁ ଛୁଇଁଛନ୍ତି। ପ୍ରଥମ ଥର ପାଇଁ ସେ ପର୍ବତାରୋହଣ କରି ମନାଲିର ପିର୍ ପଞ୍ଜାଲ ଅଞ୍ଚଳରେ ଥିବା ଫ୍ରେଣ୍ଡସିପ୍ ଶୃଙ୍ଗକୁ ପହଞ୍ଚି କୀର୍ତ୍ତିମାନ ରଚିଛନ୍ତି। ଏହି ପର୍ବତ ଶୃଙ୍ଗ ସମୁଦ୍ର ପତ୍ତନ ଠାରୁ ୫୨୮୭ ମିଟର ଉଚ୍ଚରେ ଅବସ୍ଥିତ। ସୌଭାଗ୍ୟ ଯାଇଥିବା ଦଳରେ ଆଉ ଜଣେ ଓଡ଼ିଆ ଯୁବକ ପ୍ରଭାସ ରଞ୍ଜନ ଚିନ୍ନାରା ମଧ୍ୟ ସାମିଲ ରହି ସମାନ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଉଭୟ ୬ ଦିନର ଆହ୍ୱାନଭରା ଅଭିଯାନରେ ସଫଳ ହେବା ସହ ଫ୍ରେଣ୍ଡସିପ ଶୃଙ୍ଗରେ ଜାତୀୟ ପତାକା


ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

# ୨୭ ବର୍ଷ ବୟସରେ ଚାଲିଗଲେ ପୂର୍ବତନ ମିସ୍ ବ୍ରାଜିଲ



**ନୂଆଦିଲ୍ଲୀ (ଏଜେନ୍ସି):** ବ୍ରାଜିଲ ସୁନ୍ଦରୀ ବା ମିସ୍ ବ୍ରାଜିଲର ମୁକୁଟ ପିନ୍ଧିଥିବା ଗ୍ଲେସି କୋରେଆଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୨୭ ବର୍ଷ ବୟସ ହୋଇଥିଲା। ଗତ ଜୁନ୍ ୨୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଏହି ଖବର ସାମ୍ନାକୁ ଆସିଛି। ତେବେ ଟନସିଲକୁ ହାଲୁକା ଭାବେ ନେବା ତାଙ୍କୁ ମହଙ୍ଗା ପଡ଼ିଛି। ଟନସିଲ ଜନିତ ସମସ୍ୟା ଅଧିକ ହେବାରୁ ଏହାକୁ ଦୂର କରିବା ପାଇଁ ସେ ଅସ୍ତ୍ରୋପଚାର କରିଥିଲେ। ହେଲେ ଅପରେସନ୍ ପରେ ତାଙ୍କର ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ସେହିପରି ସେ ହୃଦ୍‌ଘାତର ଶିକାର ବି ହୋଇଥିଲେ। ଏଥିପାଇଁ ସେ ଦୀର୍ଘ ୨ ମାସ ହେଲା କୋମାରେ ରହିଥିଲେ। ଏବେ କିନ୍ତୁ ସେ ସମସ୍ତଙ୍କୁ ସବୁଦିନ ପାଇଁ ଛାଡ଼ି ଚାଲି ଯାଇଛନ୍ତି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ମାସରେ ସେ ରୁଟିନ ଟନସିଲ ଅପରେସନ କରିଥିଲେ। ଅପରେସନର ୫ ଦିନ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ହାମରେଜ ଓ ହୃଦଘାତର ଶିକାର ହେବାରୁ ଏପ୍ରିଲ ମାସ ଠାରୁ ହିଁ କୋମାକୁ ଚାଲିଯାଇଥିଲେ। ଗ୍ଲେସି ୨୦୧୮ ମସିହାରେ ମିସ ବ୍ରାଜିଲ ହେବା ପରେ ସେ କୋରେଆ ଦକ୍ଷିଣ ପୂର୍ବ ବ୍ରାଜିଲର ମାକାଇରେ ରହୁଥିଲେ। କେବଳ ସେତିକି ନୁହେଁ ସେ ଜଣେ ସ୍ଥାୟୀ ମେକଅପ ଆର୍ଟିଷ୍ଟ ଭାବେ ମଧ୍ୟ ବେଶ ଖ୍ୟାତି ଅର୍ଜନ କରିଥିଲେ। ଗ୍ଲେସି କୋରେଆ ସୋଶାଲ ମିଡିରେ ବେଶ ଚର୍ଚ୍ଚିତ ଚେହେରା। ଇନଷ୍ଟାଗ୍ରାମରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ୫୭ ହଜାରରୁ ଅଧିକ ରହିଛନ୍ତି। ଗ୍ଲେସିଙ୍କ ଦେହାନ୍ତ ପରେ ତାଙ୍କ ପରିବାର ଲୋକ ବନ୍ଧୁମାନେ ସୋଶିଆଲ ମିଡିଆ ଆକାଉଣ୍ଟରେ ଶୋକ ବ୍ୟକ୍ତ କରିବାରେ ଲାଗିଛନ୍ତି।

# ଖୁବ ଶୀଘ୍ର ଆସିବ 'ନୋ ଏଣ୍ଟ୍ରି-୨', ଚର୍ଚ୍ଚାରେ ସାଉଥର ଏହି ବଡ ବଡ ଅଭିନେତ୍ରୀଙ୍କ ନାମ



**ମୁମ୍ବାଇ(ଏଜେନ୍ସି):** ପ୍ରେମ୍‌ଙ୍କ ହିରୋଇନ୍ ସାଜିବେ ସାଉଥ ସୁନ୍ଦରୀ। ଯାହାକୁ ନେଇ ଏବେ ଚଳଚ୍ଚିତ୍ର ଜଗତରେ ଚର୍ଚ୍ଚା ଜୋର ଧରିଛି। ପ୍ରେମ କହିଲେ ବଲିଉଡରେ ସଲମାନ୍ ଖାନଙ୍କୁ ବୁଝାଏ। ପ୍ରେମ ଚରିତ୍ରରେ ସେ ଲୋକଙ୍କ ହୃଦୟ ଜିଣିଥିଲେ। ଦବଙ୍ଗ ଷ୍ଟାରଙ୍କ ଫିଲ୍ମ ସବୁବେଳେ ଚର୍ଚ୍ଚାରେ ଥାଏ। ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁ ପାରିଥାନ୍ତି। ସଲମାନ ଯେମିତି ଲାଇମ ଲାଇଟରେ ଥାନ୍ତି, ଠିକ ସେମିତି ତାଙ୍କ ଫିଲ୍ମର ହିରୋଇନଙ୍କୁ ନେଇ ମଧ୍ୟ ଖୁବ ଚର୍ଚ୍ଚା ଜୋର ଧରିଥାଏ। ଏଥର ବି ଏମିତି କିଛି ଦେଖିବାକୁ ମିଳିଛି ଚଳଚ୍ଚିତ୍ର ଜଗତରେ। ସଲମାନ୍ ଖାନ୍‌ଙ୍କ ଫିଲ୍ମ ନୋ ଏଣ୍ଟ୍ରି-୨ରେ ଏଣ୍ଟ୍ରି କରିବେ ସାଉଥ ସୁନ୍ଦରୀ। ଟାଇଗର-୩ର ପରେ ଏବେ ନୋ ଏଣ୍ଟ୍ରି-୨ ସୁଟିଂ ଓ ଷ୍ଟାରକାଷ୍ଟ ନେଇ କାମ ଜୋରଦାର ଆଗେଇ ଚାଲିଛି। ଆଉ ଏ ନେଇ ସୋସିଆଲ ମିଡିଆରେ ଅନେକ ସାଉଥ ହିରୋଇନଙ୍କ ନାଁ ମଧ ଚର୍ଚ୍ଚାକୁ ଆସିଛି। ୨୦୦୫ ମସିହାର ହିଟ୍ ଫିଲ୍ମ ନୋ ଏଣ୍ଟ୍ରି ସିକ୍ୱେଲ ହେବାକୁ ଯାଉଛି । ଖୁବଶୀଘ୍ର ଏହାର ଷ୍ଟାରକାଷ୍ଟ ମଧ ଘୋଷଣା ହେବ ବୋଲି ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁସାରେ ଏହି ସିକ୍ୱେଲ ଫିଲ୍ମରେ ପୂର୍ବ ପରି ସଲମାନ ଖାନ୍, ଅନିଲ୍ କପୁର, ଫରଦିନ ଖାନ୍ ରହିବେ। ସଲମାନ୍‌ଙ୍କ ବିପକ୍ଷରେ ଜଣେ ସାଉଥ ସୁନ୍ଦରୀଙ୍କୁ ଦେଖିବାକୁ ମିଳିବ ବୋଲି ପ୍ରଯୋଜନାକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ତେବେ କିଏ ସାଜିବ ସଲମାନଙ୍କ ହିରୋଇନ୍। ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ବଲିଉଡ୍ ଲାଇଫର ତଥ୍ୟ ଅନୁସାରେ, ନୋ ଏଣ୍ଟ୍ରି-୨ ପାଇଁ ଚାରି ଜଣ ସାଉଥ ସୁନ୍ଦରୀଙ୍କ ନାମ ଚର୍ଚ୍ଚାକୁ ଆସିଛି। ସେମାନଙ୍କ ମଧ୍ୟରେ ରଶ୍ମିକା ମନ୍ଦାନା, ସାମାନ୍ଥା ରୁଥୁ ପ୍ରଭୁ, ପୁଜା ହେଗଡେ, ତମନ୍ନା ଭାଟିଆ ପ୍ରମୁଖ ରହିଛନ୍ତି। ତେବେ କାହାକୁ ଫାଇନାଲ୍ କରାଯିବ ସେ ନେଇ ସଂସ୍ଥା ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା। ଏହାସହ ଏହି ଫିଲ୍ମକୁ ନେଇ ଦର୍ଶକ ମଧ ଖୁବ ଉତ୍ସାହିତ ଅଛନ୍ତି। ଆଉ ଏହି ଚଳଚ୍ଚିତ୍ର ବେଶ ସଫଳତା ହାସଲ କରିବ ବୋଲି ପ୍ରଯୋଜନାକାରୀ ସଂସ୍ଥା ମଧ ଆଶାବାଦୀ ରହିଛି।

# ପରିବାର ପ୍ରଭାବରେ ପାରଙ୍ଗମ, ଅଭିନେତ୍ରୀ କୀର୍ତ୍ତି ସୁରେଶ



**ଚେନ୍ନାଇ(ଏଜେନ୍ସି):** ଜଣେ ସଫଳ କଳାକାରର ପେସାଗତ ଜୀବନ କିପରି ପାରିବାରିକ ଭିତ୍ତିଭୂମି ଦ୍ୱାରା ସକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଦକ୍ଷିଣୀ ସିନେ ଅଭିନେତ୍ରୀ କୀର୍ତ୍ତି ସୁରେଶ। ମାଲୟଲୀ ସିନେ ପ୍ରଯୋଜକ ଜି. ସୁରେଶ କୁମାର ଓ ଅଭିନେତ୍ରୀ ମେନକାଙ୍କ କୋଳ ମଣ୍ଡନ କରିଥିବା କୀର୍ତ୍ତିଙ୍କୁ ଶିଶୁ କଳାକାର ଭାବରେ ସିନେମାରେ ସୁଯୋଗ ମିଳିବା ତ ହେଉଛି ତାଙ୍କର ପାରିବାରିକ ପ୍ରୋତ୍ସାହନ। ତେବେ ପିଲାଟି ଦିନୁ ସେହି କଳାକାର ପରିବେଶରେ କାଳ କାଟିଥିବା କୀର୍ତ୍ତି ପରେ ନିଜକୁ ଜଣେ ନାୟିକା ଭାବେ ପ୍ରତିଷ୍ଠିତ କରିପାରିବା ସହ ବାର ବାର ଥର ଜାତୀୟସ୍ତରୀୟ ପୁରସ୍କାର ହାତେଇବାର ଶ୍ରେୟ ନିଶ୍ଚୟ ତାଙ୍କ ଦକ୍ଷତାକୁ ହିଁ ମିଳିବ। ଚେନ୍ନାଇରେ ୧୯୯୨ ଅକ୍ଟୋବର ୧୭ ତାରିଖରେ ଜନ୍ମିତ କୀର୍ତ୍ତିଙ୍କର ଅଭିନୟକୁ ଜୀବନର ପେସା କରିବା ତାଙ୍କ ପାଇଁ କିଛି କଷ୍ଟସାଧ ବ୍ୟାପାର ନୁହେଁ। ତେବେ ସେ ଡିଜାଇନିଂକୁ ତାଙ୍କର ଅନ୍ୟତମ ନିଶା ଭାବେ ଗ୍ରହଣ କରିବେ ବୋଲି କହି ଆସିଛନ୍ତି। ମାତ୍ର ସିନେ ଦୁନିଆଁରେ ତାଙ୍କ ବ୍ୟସ୍ତତା ଓ ଲୋକପ୍ରିୟତା ତାଙ୍କୁ ଦ୍ୱିତୀୟ ପେସା ଭୁଲିଯିବାକୁ ବାଧ କରିଛି। ସୂଚନାନୁଯାୟୀ, ତାଙ୍କୁ ମାତ୍ର ଆଠ ବର୍ଷ ବେଳେ ପିତାଙ୍କ ପ୍ରଯୋଜିତ ମାଲାୟଲୀ ଫିଲ୍ମ 'ପାଇଲଟ୍ସ'(୨୦୦୦)ରୁ ଆରମ୍ଭ କରି 'ଅଚାନେୟନେନିକ୍ଷିସ୍ତମ୍' (୨୦୦୧) ଓ 'କୁବେରନ୍' (୨୦୦୨)ରେ ସେ ଜଣେ ଶିଶୁ କଳାକାର ଭାବେ ପିଲ୍ମ ଦୁନିଆଁ ସହ ଜଡ଼ିତ ହୋଇଥିଲେ। ତେବେ ୨୦୧୩ ମସିହାରେ ମାଲାୟଲୀ ଫିଲ୍ମ 'ଗୀତାଞ୍ଜଳି'ରେ ନାୟିକା ଭାବରେ ସେ ନିଭାଇଥିବା ଦ୍ୱୈତ ଚରିତ୍ରକୁ ଦର୍ଶକ ଖୁବ୍ ଗ୍ରହଣ କରିବା ସହ କୀର୍ତ୍ତି ଜଣେ ସ୍ୱୟଂ ସଂପୂର୍ଣ୍ଣ ଅଭିନେତ୍ରୀ ବୋଲି ସର୍ବତ୍ର ଚର୍ଚ୍ଚା ହେବା ଆରମ୍ଭ ହୋଇ ଯାଇଥିଲା। ଏଥି ପାଇଁ ତାଙ୍କୁ ୨୦୧୪ରେ ଶ୍ରେଷ୍ଠ ନବାଗତା ନାୟିକା ଭାବେ ତୃତୀୟ ସୀମା ସମ୍ମାନ(ଦକ୍ଷିଣ ଭାରତୀୟ ଆନ୍ତର୍ଜାତିକ ଚଳଚ୍ଚିତ୍ର ସମ୍ମାନ) ଓ ଶ୍ରେଷ୍ଠ ଚେହେରା ଭାବେ ଷୋଡ଼ଶ ଏସିଆନେଟ୍ ଫିଲ୍ମ ସମ୍ମାନ ମିଳିଥିଲା। ତାଙ୍କର ପରବର୍ତ୍ତୀ ସିନେମା 'ରିଂ ମାଷ୍ଟର' ମଧ ଅନୁରୂପ ଦର୍ଶକୀୟ ସ୍ୱୀକୃତି ଅଜାଡ଼ି ଦେଇଥିଲା।

# ରହସ୍ୟମୟ କଣ୍ଢେଇ ଦ୍ୱୀପ



**ମେକ୍ସିକୋ(ଏଜେନ୍ସି):** ମେକ୍ସିକୋ ସହରର ଦକ୍ଷିଣ ଭାଗରେ ଜୋଚିମିଲ୍କୋ କେନାଲ କଡ଼ରେ ରହିଥିବା କଣ୍ଢେଇ ଦ୍ୱୀପ (ସ୍ପେନୀୟ ଭାଷାରେ 'ଲା ଇସଲା ଡି ଲାସ ମୁନେକାସ') ସମ୍ପ୍ରତି ବିଶ୍ୱବ୍ୟାପୀ ପର୍ଯ୍ୟଟକମାନଙ୍କର ଅନ୍ୟତମ ଆକର୍ଷଣସ୍ଥଳୀ ପାଲଟିଛି। ସେଠାରେ ଦ୍ୱୀପ ସାରା ସମସ୍ତ କୋଠାବାଡ଼ି, ଖୁଣ୍ଟ ଓ ଗଛଡାଳ ଆଦି ବିଭିନ୍ନ ଭଙ୍ଗୀ ଏବଂ ଆକାରର କଣ୍ଢେଇମାନ ଝୁଲୁଥିବା ଦେଖାଯାଏ। ଏପରିକି ଦୀର୍ଘଦିନ ଧରି ଝୁଲି ରହିଥିବା ଏହି କଣ୍ଢେଇଗୁଡ଼ିକର ଚାରିପାଖେ ବୁଢ଼ିଆଣି ଜାଲ ମାଡ଼ି ଏକ ରହସ୍ୟମୟ ପରିବେଶର ଭ୍ରମ ସୃଷ୍ଟି କରିଥାଏ। ଏହି କଣ୍ଢେଇଗୁଡ଼ିକୁ ଉକ୍ତ ଦ୍ୱୀପର ପୂର୍ବତନ ମାଲିକ ଜୁଲିଆନ ସାଣ୍ଟାନା ଏପରି ସ୍ଥାନିତ କରିଥିବା ଜଣାଯାଏ। ୨୦୦୧ ମସିହାରୁ ବାରେରାଙ୍କର ଦେହାନ୍ତ ହୋଇ ଯାଇଥିବା ବେଳେ ସେ କଣ୍ଢେଇମାନଙ୍କୁ ଏମିତି ଝୁଲାଇବା ପଛରେ ଏକ ରୋଚକ କାରଣ ମଧ ରହିଛି। ବିଗତ ପଚାଶ ଦଶକରେ ଉକ୍ତ ଦ୍ୱୀପରେ ଜଣେ ବାଳିକାର ନିକଟ କେନାଲ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିଲା। ତେବେ ତାହାକୁ ବଞ୍ଚାଇ ପାରିନଥିବା ଦୁଃଖରେ ଏବଂ ତାହାରି ସ୍ମୃତିରେ ବାରେରା ଏପରି ବାଳିକା କଣ୍ଢେଇମାନଙ୍କୁ ଦ୍ୱୀପ ସାରା ଝୁଲାଇ ରଖିବାକୁ ନିଷ୍ପତ୍ତି ନେଇଥିଲେ। ସେ ଯେତେବେଳେ ଦ୍ୱୀପ ବାହାରକୁ ଯାଆନ୍ତି ନୂଆ ନୂଆ କଣ୍ଢେଇ ଆଣି ଗଛ ଡାଳରେ ଟାଣି ଦେଇଥାନ୍ତି। ବର୍ଷା, ପବନ ଓ ଧୂଳିମାଡ଼ରେ କଣ୍ଢେଇଗୁଡ଼ିକ କ୍ରମେ କିଂଭୂତକିମାକାର ହେବା ଆରମ୍ଭ କରିଥିଲେ। କାହାର ପାଦ ନାହିଁ ତ କାହାର ଡେଣା ନାହିଁ, କାହାର ଆଖି କୋରଡ଼ ଭିତରେ ତ କାହାର ପାଟି ଗୁମ୍ଫା ପରି, ଏପରି କଣ୍ଢେଇଗୁଡ଼ିକ ଅତ୍ୟନ୍ତ ବିକୃତ ଓ ବୀଭତ୍ସ ମଧ ଦେଖାଯାଉଛନ୍ତି। ତେବେ ସେଗୁଡ଼ିକ ଅସ୍ୱାଭାବିକ ଅବସ୍ଥାରେ ଅଦ୍ୟାବଧି ଝୁଲି ରହି ଏକ ନିଆରା ରହସ୍ୟମୟ ଅନୁଭବ ଆଣିଥାଏ।

# ବିବାଦ ପରେ ସଫେଇ ଦେଲେ ସାଉଥ ସୁନ୍ଦରୀ

**ହାଇଦ୍ରାବାଦ (ଏଜେନ୍ସି):** ସାଉଥ ବିୟୁଟି ସାଇ ପଲ୍ଲବୀ। ତାଙ୍କୁ ନେଇ ଚର୍ଚ୍ଚା ଥମୁନି। ସେ ଏବେ ବିବାଦ ଭିତରେ ଫସିଛନ୍ତି। ସେ ତାଙ୍କ ଅପକମିଂ ଫିଲ୍ମ 'ବିରାଟ ପର୍ବମ୍'କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଫିଲ୍ମ ପ୍ରମୋସନ ବେଳେ ଏକ ଇଣ୍ଟରଭ୍ୟୁରେ ସାଇ ପଲ୍ଲବୀଙ୍କ କଶ୍ମୀର ପଣ୍ଡିତକୁ ନେଇ ଦେଇଥିବା ବୟାନ ଲାଗି ଚାରିଆଡୁ ବିରୋଧ କରାଯାଉଛି। ଏପରିକି ଅଭିନେତ୍ରୀଙ୍କ ବିରୋଧରେ ପୁଲିସରେ ମାମଲା ମଧ ରୁଜୁ ହୋଇଛି। ବିବାଦ ବଢ଼ିବା ପରେ ମୁହଁ ଖୋଲିଛନ୍ତି ଏହି ସାଉଥ ଅଭିନେତ୍ରୀ। ସେ ସମସ୍ତ ଆଗରେ ରଖିଛନ୍ତି ନିଜ ସଫେଇ। ଭିଡ଼ ହିଂସା ଓ କଶ୍ମୀର ଗଣହତ୍ୟା ଘଟଣାକୁ ସମାନ କହି ବିବାଦରେ ଫସି ଥିବା ଦକ୍ଷିଣ ଭାରତୀୟ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ଶେଷରେ ସ୍ପଷ୍ଟୀକରଣ ଦେବାକୁ ପଡ଼ିଛି। ସେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ନିଜ କଥାର ସ୍ପଷ୍ଟୀକରଣ ଦେଇଛନ୍ତି। ସେ ଦେଇଥିବା ବୟାନକୁ ଭୁଲ୍ ରୂପେ ସମସ୍ତଙ୍କ ଆଖରେ ରଖାଯାଇଛି। ସେ ଯାହା କହିବାକୁ ଚାହୁଁଥିଲେ ତାହା ଲୋକଙ୍କ ଆଖରେ ରଖଯାଇନଥିବା ସାଇ ପଲ୍ଲବୀ କହିଛନ୍ତି। ହିଂସା ଧର୍ମ ନାଁରେ ହେଉଥିବା ପ୍ରତ୍ୟେକ ହିଂସା ମହାପାପ ବୋଲି ମୁଁ କହିବାକୁ ଚାହୁଁଥିଲି। ମୋର ଉଦ୍ଦେଶ୍ୟ ଏହା ହିଁ ଥିଲା। ହେଲେ ମୋ ସାକ୍ଷାତକାରର ଗୋଟେ ଛୋଟ କ୍ଲିପକୁ ନେଇ ବଢ଼ାଇ ଚଢ଼ାଇ ଭୁଲ୍ ତଥ୍ୟ ଦିଆଯାଇଛି। ଭାଇରାଲ୍ ହେଉଥିବା ଭିଡିଓରେ ମୂଳ ପ୍ରସଙ୍ଗକୁ ହଟାଇ ଦିଆଯାଇଛି ବୋଲି ଅଭିନେତ୍ରୀ ସଫେଇ ଦେଇଛନ୍ତି। ସେ କହିଛନ୍ତି କଶ୍ମୀର ଫାଇଲ୍ସ ଫିଲ୍ମକୁ ଦେଖିବାର ପରେ ମୁଁ ନିର୍ଦ୍ଦେଶକଙ୍କ ସହ କଥା ହେବାର ସୁଯୋଗ ପାଇଲି। ବର୍ଷ ବର୍ଷ ଧରି ଲୋକମାନେ ସମାନ ପରିସ୍ଥିତି ଭୋଗୁଥିବା ନେଇ ଚିନ୍ତା ପ୍ରକଟ କରିଥିଲି। ତେବେ ଗଣହତ୍ୟା ଭଳି ଘଟଣାକୁ ମୁଁ ସାମାନ୍ୟ ଘଟଣା କହି ନାହିଁ। ସାକ୍ଷାତକାରରେ କୁହାଯାଇଥିବା କଥାକୁ ଭୁଲ୍ ଭାବେ ପରିବେଷଣ କରାଯାଇଛି ବୋଲି ସେ କହିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ପନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ଲିଚୁ ବି ହୋଇ ପାରେ ସ୍ୱାସ୍ଥ୍ୟପକ୍ଷେ ହାନିକାରକ

ଗରମ ଦିନ ଆସିଲେ ଲିଚୁର ଆଗମନ ମଧ ଆରମ୍ଭ ହୋଇଯାଏ। ଅଧିକାଂଶ ଲୋକ ଲିଚୁ ଖାଇବାକୁ ଭଲ ପାଆନ୍ତି। ସେ ଏହାକୁ ଭିନ୍ନ ଭିନ୍ନ ରୂପ ଦେଇ ମଧ ଖାଇଥା'ନ୍ତି। କେହି କେହି ଏଥିରୁ ଜୁସ୍ ତିଆରି କରନ୍ତି ଏବଂ କିଛି ଏଥିରୁ ସ୍ମୁଦି ତିଆରି କରି ଖାଇଥା'ନ୍ତି। କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଲିଚୁର ବି ରହିଛି ଅନେକ ସାଇଡ୍ ଇଫେକ୍ଟ। ଆବଶ୍ୟକତାଠାରୁ ଅଧିକ ଲିଚୁ ଖାଇବା ଦ୍ୱାରା ଆପଣ ମାରାତ୍ମକ ରୋଗରେ ପଡିପାରନ୍ତି।

- ଖାଲି ପେଟରେ ଲିଚୁ ଖାଇବା ଠାରୁ ଦୂରେଇ ରୁହନ୍ତୁ। ଏହା ବିଶେଷ ରୂପେ କ୍ଷତିକାରକ। ଏଥିରେ ମିଥାଇଲନ୍ ସାଇକ୍ଲୋପ୍ରୋପିଲ୍-ଗ୍ଲାଇସିନ୍ ଥାଏ। ଏହା ମସ୍ତିଷ୍କକୁ ପ୍ରଭାବିତ କରିଥାଏ ଏବଂ ପେଟର ଅମ୍ଳତା, ଫୁଲିବା ଏବଂ ଗ୍ୟାସ୍ ସୃଷ୍ଟି କରିଥାଏ।
- ଅତ୍ୟଧିକ ଲିଚୁ ଖାଇବା ଦ୍ୱାରା ବ୍ଲଡ ସୁଗାର ଲୋ' ହୋଇପାରେ। ଲିଚୁରେ ଥିବା ସାଇକ୍ଲୋପ୍ରୋପିଲ୍-ଗ୍ଲାଇସିନ୍ ବ୍ଲଡ ସୁଗାର ଲୋ' କରିବାରେ କାମ କରିଥାଏ।
- ଏଭଳି ଅନେକ ଫଳ ରହିଛି ଯାହାକୁ ଖାଇବା ଦ୍ୱାରା ଆଲର୍ଜି ସମସ୍ୟା ଦେଖାଦେଇଥାଏ। ସେହି ଫଳ ମଧ୍ୟରୁ ଗୋଟିଏ ହେଉଛି ଲିଚୁ। ଲିଚୁରେ ଲୁଚି ରହିଥିବା ମାଇକ୍ରୋବସ୍ ଫୁଡ୍ ପଏଜନିଂ ଏବଂ ଆଲର୍ଜି ସୃଷ୍ଟି କରିପାରେ। ଏହାକୁ ଖାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇପାରେ।
- ଲିଚୁରେ ଥିବା ବିଷାକ୍ତ ପଦାର୍ଥ ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ ସୃଷ୍ଟି କରେ, ଯାହା ସ୍ଥାନୀୟ ଭାବରେ ମସ୍ତିଷ୍କ ଜ୍ୱର ବା ମେନିଞ୍ଜାଇଟିସ୍ ଭାବରେ ଜଣାଶୁଣା।
- ଡାକ୍ତରଙ୍କ କହିବା ମୁତାବକ, ଛୋଟ ପିଲାମାନେ ଲିଚୁ ନ ଖାଇବା ଭଲ। ଲିଚୁର ଉପାଦାନଗୁଡ଼ିକ ପିଲାମାନଙ୍କ ଶରୀରରେ ସଂକ୍ରମଣ ସୃଷ୍ଟି କରିପାରେ। ଏହା ଦ୍ୱାରା ହଠାତ୍ ପେଟ ଯନ୍ତ୍ରଣା ଏବଂ ଶରୀରରେ ଲାଲ ରଙ୍ଗର ଦାଗ ସୃଷ୍ଟି କରିପାରେ। ତେଣୁ, ଛୋଟ ପିଲାମାନଙ୍କୁ ଲିଚୁ ଜୁସ୍ ଦିଅନ୍ତୁ, କିନ୍ତୁ ଲିଚୁ ଖାଇବାକୁ ଦିଅନ୍ତୁ ନାହିଁ।

## ମା'ରାଣ ଦେହକୁ ନେବେନି...

କଳାର ପୂଜାରୀ କଳାକାର ରାଇ
ଖଳନାୟକରେ ଲୀନ ହେଲେ...
କି କାରଣ ଜୀଇବା ପଛରେ
ଜୀବନଟା ହାରି ଦେଲେ...
ନାୟକଙ୍କୁ ଡରାଉ ଥିଲେ
ଶୂନିଅ ସ୍ଥାନଟା ପୂରଣ ହେବନି
ଲୋକେ କୁହାକୁହି ହେଲେ...



- ସମ୍ପିତ ସେନାପତି

# ବୋଉର ରୋଷେଇ ଘର

## ସ୍ପେଶାଲ ଆଳୁ ପୁରି



**ଆବଶ୍ୟକ ସାମଗ୍ରୀ:** ଅଟା, ଆଳୁ, କଟା କଞ୍ଚାଲଙ୍କା, ହଳଦି, ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣି, ଜିରା, ଧନିଆ ପତ୍ର ଓ ସୁଜି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଟା ଆଣି ସେଥିରେ ସିଝା ଆଳୁକୁ ଗ୍ରେଟ୍ କରି ପକାନ୍ତୁ। ପରେ ସେଥିରେ ଲୁଣ, ଲଙ୍କା ପାଉଡର, ହଳଦି ପାଉଡର, ଗୋଟା ଜିରା, ଜୁଆଣି, ଧନିଆ ପତ୍ର, କଞ୍ଚା ଲଙ୍କା ଓ ଅଳ୍ପ ସୁଜି ପକାଇ ତାକୁ ଗୋଳାଇ ଦିଅନ୍ତୁ। ପରେ ପାଣି ଦେଇ ତାକୁ ଭଲ ଭାବରେ ଚକଟି ଦିଅନ୍ତୁ। ତା'ପରେ ତାକୁ ଓଦା କପଡ଼ା ଗୋଡ଼ାଇ ଅଧଘଣ୍ଟା ପର୍ଯ୍ୟନ୍ତ ଢ଼ାଙ୍କି ଦିଅନ୍ତୁ। ଏହା ପରେ ସେଥିରେ ଅଳ୍ପ ତେଲ ମିଶାଇ ଆଉ ଥରେ ଚକଟି ଦିଅନ୍ତୁ। ଏହାପରେ ପୁରି ପାଇଁ ଗୋଳା କରନ୍ତୁ, ଏଗୁଡିକୁ ପୁରି ପରି ବେଲନ୍ତୁ। ପରେ କରେଇରେ ତେଲ ଗରମ କରି ବେଲି ରଖିଥିବା ପୁରିକୁ ଛାଣନ୍ତୁ। ପୁରି ଛାଣି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ପୁରି।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ୟୁକ୍ରେନ୍ ନାଗରିକଙ୍କୁ ପାସପୋର୍ଟ ଦେଉଛି ରୁଷ



**କିଭ୍ (ଏଜେନ୍ସି) :** ୟୁକ୍ରେନ ଦଖଲ ଅଭିଯାନରେ ଆକ୍ରମଣ ଜାରି ରଖିଥିବା ରୁଷ ଆଉ ପାଦେ ଆଗେଇଛି। ୟୁକ୍ରେନ୍ ନାଗରିକଙ୍କୁ ପାସପୋର୍ଟ ଦେବା ଆରମ୍ଭ କରିଛି ରୁଷ। ରୁଷ ନିଜ ଅଧୀନକୁ ନେଇଥିବା ଅଞ୍ଚଳରେ ସ୍ଥାନୀୟ ଜନସାଧାରଣଙ୍କୁ ରୁଷୀୟ ପାସପୋର୍ଟ ଯୋଗାଣ ଆରମ୍ଭ ହୋଇଛି। ୟୁକ୍ରେନ ଦକ୍ଷିଣ ଭାଗରେ ରୁଷ ସୈନ୍ୟଙ୍କ ଦଖଲରେ ଥିବା ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧିପାଇଛି। ଫଳରେ ରୁଷ ସୈନ୍ୟ ଏହାର ମୁକାବିଲା କରିବା ସହିତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଉଦ୍ୟମ ଚଳାଇଛନ୍ତି। ଦକ୍ଷିଣ ଭାଗରେ ମସ୍କୋ ତାର ପୂର୍ଣ୍ଣ ଆଧିପତ୍ୟ ଜାହିର କରିବା ଲକ୍ଷ୍ୟରେ ସେଠାକାର ଜନସାଧାରଣଙ୍କୁ ନିଜ ଦେଶର ପାସପୋର୍ଟ ପ୍ରଦାନ କରିବା ଆରମ୍ଭ କରିଛି। ସେହିପରି ରୁଷୀୟ ମୁଦ୍ରା ରୁବେଲ ପ୍ରଚଳନ କରିଛି ମସ୍କୋ। ଉକ୍ତ ଅଞ୍ଚଳରେ ୟୁକ୍ରେନର ମୋବାଇଲ ନେଟୱର୍କକୁ ବିଛିନ୍ନ କରିଦେଇଛି। ଅନ୍ୟପଟେ ରୁଷର ଏଭଳି କାରନାମା ବିଷୟରେ ପୂର୍ବରୁ ୟୁକ୍ରେନ୍ ପକ୍ଷରୁ ସତର୍କ କରାଯାଇଥିଲା। ୟୁକ୍ରେନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଏହା ରାଷ୍ଟ୍ରର ସାର୍ବଭୌମତା ଏବଂ ଅଖଣ୍ଡତା ପ୍ରତି ଖୋଲା ଉଲ୍ଲଂଘନ ହେଉଛି। ରୁଷ ଅଧିକୃତ ଅଞ୍ଚଳରେ ବାସ କରୁଥିବା ୟୁକ୍ରେନ ଜନସାଧାରଣ ରୁଷ ପାସପୋର୍ଟ ପାଇଁ ଆବେଦନ ନକରିବାକୁ ୟୁକ୍ରେନ ଅଧିକାରୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ତେବେ ରୁଷ ସେମାନଙ୍କୁ ନିଯୁକ୍ତି ପ୍ରଦାନ ଅଥବା ବଳପୂର୍ବକ ସେମାନଙ୍କ କାଗଜପତ୍ର ପରିବର୍ତ୍ତନ କରିବାକୁ ବାଧ କରିପାରେ ବୋଲି ୟୁକ୍ରେନ ଆଶଙ୍କା କରୁଛି। ୟୁକ୍ରେନ ଉପରେ ରୁଷର ଆକ୍ରମଣକୁ ଇତି ମଧ୍ୟରେ ୫ ମାସ ପୂରଣ ହୋଇଥିବାବେଳେ ୟୁକ୍ରେନର ଏକ ବଡ଼ ଭାଗ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବନ୍ଦର ନଗରୀ ମାରିୟୁପୋଲ୍। ଏହି ନଗରୀ ଉପରେ ରୁଷ ସୈନ୍ୟମାନେ କେତେ ଅତ୍ୟାଚାର କରିଛନ୍ତି ତାହାର ଭୟଙ୍କର ଚିତ୍ର ଧୀରେ ଧୀରେ ବାହାରକୁ ଆସିବାରେ ଲାଗିଛି। କିନ୍ତୁ ୟୁକ୍ରେନ ବି ରୁଷକୁ କଡ଼ା ଜବାବ ଦେଉଛି। ଏପର୍ଯ୍ୟନ୍ତ ୟୁକ୍ରେନ ସୈନ୍ୟଙ୍କ ହାତରେ ପ୍ରାୟ ୨୯ ହଜାର ୪୫୦ ରୁଷ ସୈନ୍ୟ ନିହତ ହୋଇସାରିଥିବା କୁହାଯାଉଛି। କେବଳ ମାରିୟୁପୋଲ ନଗରୀରେ ପ୍ରାୟ ୨୨ ହଜାର ଲୋକ ମୃତ୍ୟୁବରଣ କରିଛନ୍ତି।

# ଦିନେ ଥିଲେ ନ୍ୟୁଜ ଆଙ୍କର, ଏବେ ରାସ୍ତା କଡ଼ର ବୁଲା ବିକାଳି

**କାବୁଲ(ଏନ୍.ଏମ୍.):** ସମୟ ହିଁ ବଳବାନ। ସମୟ କେତେବେଳେ କାହାକୁ କେଉଁ ମୋଡରେ ଛିଡ଼ା କରିବ, ସେକଥା କେବଳ ଈଶ୍ୱରଙ୍କୁ ହିଁ ଜଣା। ଆଜି ଯାହା ପାଖରେ ସବୁ କିଛି ଅଛି ହୁଏତ କାଲି ସେ ଦାଣ୍ଡର ଭିକାରୀ ହୋଇଯାଇ ପାରେ। ସେହିପରି ଆଜି ଯିଏ ଦାଣ୍ଡର ଭିକାରୀ କାଲି ସିଏ ସବୁ କିଛି ପାଇପାରେ। ସବୁ କିଛି ସେହି ସମୟର ଖେଳ। ଏମିତି ଏକ ସମୟ ଚକ୍ରରେ ଫସିଛନ୍ତି ଆଫଗାନିସ୍ତାନର ଜଣେ ନ୍ୟୁଜ ଆଙ୍କର। ପୂରା ଟିପ୍‌ଟପ୍ ଦିନେ ଆଙ୍କର ଜଣଙ୍କ ଟିଭି ପରଦାରେ ନ୍ୟୁଜ ଉପସ୍ଥାପନ କରୁଥିଲେ। ହେଲେ ଏବେ ସେ ପରିବାର ତଥା ନିଜର ପେଟ ପୋଷିବା ପାଇଁ ରାସ୍ତା କଡ଼ରେ ବୁଲି ବୁଲି ଖାଦ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ଆଙ୍କର ଜଣଙ୍କ ରାସ୍ତା କଡ଼ରେ ବସି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ବେଳର ଫଟୋ ମଧ୍ୟ ସୋସାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବନ୍ଧୁକ ମୁନରେ ତାଲିବାନ ଆଫଗାନିସ୍ତାନକୁ ଦଖଲ କରିବା ପରଠାରୁ ଦେଶରେ ନିୟମିତ ଭାବେ ଆର୍ଥିକ ସଙ୍କଟ ଓ ରାଜନୀତିକ ଅସ୍ଥିରତା ଦେଖିବାକୁ ମିଳୁଛି। ଆର୍ଥିକ ସଙ୍କଟ ଯୋଗୁ ଲୋକଙ୍କ ଜବୀନର ଗାଡ଼ି କେମିତି ପ୍ରଭାବିତ ହୋଇଛି, ତା'ର ଜ୍ୱଳନ୍ତ ଉଦାହରଣ କବିର ହକମଲଙ୍କ ଟ୍ୱିଟରୁ ସ୍ପଷ୍ଟ ହୋଇଛି। ତାଲିବାନ ଶାସନ ଯୋଗୁ କେମିତି ଅନେକ ଦକ୍ଷ ବ୍ୟକ୍ତିମାନେ ଆଫଗାନରେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି, ସେକଥା କବିର ନିଜ ଟ୍ୱିଟ ମାଧ୍ୟମରେ ଜଣାଇବାକୁ ଚେଷ୍ଟା କରିଛନ୍ତି। କବିର ପୂର୍ବରୁ ହମିଦ କରଜାଇ ସରକାର ସହ ମିଶି କାମ କରୁଥିଲେ। କବିର ସାମ୍ବାଦିକ ମୁସା ମହମ୍ମଦିଙ୍କ ୩ଟି ଫଟୋ ଶେଆର କରିଛନ୍ତି। ମହମ୍ମଦି ଦୀର୍ଘ ବର୍ଷ ଧରି ମିଡିଆ ଜଗତ ସହ ଜଡ଼ିତ ହୋଇ ରହିଥିଲେ। ହେଲେ ଏବେ ଆଫଗାନିସ୍ତାନର ଆର୍ଥିକ ସଙ୍କଟ ଯୋଗୁ ତାଙ୍କୁ ନିଜର ତଥା ପରିବାର ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ପାଇଁ ରାସ୍ତା କଡ଼ରେ ଖାଦ୍ୟ ବିକ୍ରି କରିବାକୁ ପଡୁଥିବା କବିର ଫଟୋର କ୍ୟାପସନରେ ଲେଖିଛନ୍ତି। କବିର ଟ୍ୱିଟ କରି କହିଛନ୍ତି, "ମୁସା ମହମ୍ମଦି ଦୀର୍ଘ ବର୍ଷ ଧରି ଏକାଧିକ ଟିଭି ଚ୍ୟାନେଲରେ ଆଙ୍କର ଓ ରିପୋର୍ଟର ଭାବେ କାମ କରୁଥିଲେ। ହେଲେ ଏବେ ତାଙ୍କ ପାଖରେ ପରିବାର ଚଳାଇବାକୁ କୌଣସି ଆୟର ଉତ୍ସ ନାହିଁ। ତେଣୁ ସେ କିଛି ଟଙ୍କା ପାଇଁ ରାସ୍ତା କଡ଼ରେ ଖାଦ୍ୟ ବିକ୍ରି କରୁଛନ୍ତି। ଗଣତନ୍ତ୍ର ଭୁଶୁଡ଼ିବା ପରେ ଆଫଗାନିସ୍ତାନ ଅତ୍ୟନ୍ତ ସାଂଘାତିକ ଗରିବୀ ମଧ୍ୟରେ ଫସିଛି।" ମହମ୍ମଦିଙ୍କ ସହ ଘଟିଥିବା ଏହି ଘଟଣା ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକଥା ଜାଣିବା ପରେ ଆଫଗାନିସ୍ତାନର ନ୍ୟାଶନାଲ ରେଡିଓ ଓ ଟିଭିର ମହାନିର୍ଦ୍ଦେଶକ ଅହମଦୁଲ୍ଲା ୱାସିକ ଆହ୍ୱାନକୁ ମୁହଁ ଆସିଛନ୍ତି। ସେ ମହମ୍ମଦଙ୍କୁ ତାଙ୍କ ବିଭାଗରେ ଚାକିରି ଦେବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ତାଲିବାନ ଆଫଗାନକୁ ଦଖଲ କରିବା ପରେ ମିଡିଆ ସଂସ୍ଥାଗୁଡ଼ିକୁ ଟାର୍ଗେଟ କରିଥିଲା। ବିଶେଷ କରି ମହିଳାମାନଙ୍କୁ କାମ କରିବାର ସୁଯୋଗକୁ ତାଲିବାନ ଶାସନରେ ସଙ୍କୁଚିତ କରି ଦିଆଯାଇଛି। ଏଥିପାଇଁ ଟିଭି କିମ୍ବା ଅନ୍ୟ ସଂସ୍ଥାରେ କାମ କରୁଥିବା ମହିଳାମାନେ ଚାକିରି ହରାଇବାରେ ଲାଗିଛନ୍ତି।



## ୩୪,୬୧୫ କୋଟିର ସବୁଠୁ ବଡ଼ ବ୍ୟାଙ୍କ ଠକେଇ, ମାମଲା ରୁଜୁ କଲା ସିବିଆଇ

# ଡିଏଚ୍‌ଏଫ୍‌ଏଲର ୱାଧୱାନ ଭ୍ରାତା ଅଭିଯୁକ୍ତ




**ନୂଆଦିଲ୍ଲୀ(ଏଜେନ୍ସି):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ୧୭ଟି ବ୍ୟାଙ୍କକୁ ନେଇ ଗଠିତ କନସୋର୍ଟିୟମରୁ ୩୪,୬୧୫ କୋଟି ଟଙ୍କାର ଠକେଇ ହୋଇଛି। ଏହାକୁ ନେଇ ସିବିଆଇ ପକ୍ଷରୁ ହାଉସିଂ ଫାଇନାନ୍ସ କମ୍ପାନି ଡିଏଚ୍‌ଏଫ୍‌ଏଲର ପ୍ରତିଷ୍ଠାତା କପିଲ ଓ ଧୀରଜ ୱାଧୱାନଙ୍କ ନାମରେ ନୂଆ ମାମଲା ରୁଜୁ କରାଯାଇଛି। ଏହାକୁ ଦେଶର ସର୍ବବୃହତ ବ୍ୟାଙ୍କ ଠକେଇ କୁହାଯାଉଛି। ୨୦୧୦-୨୦୧୮ ମଧ୍ୟରେ ଏଥିରେ ଠକେଇ ହୋଇଛି। ଏହା ପୂର୍ବରୁ ଦେଶରେ ବିଭିନ୍ନ ସଂସ୍ଥା ଠକେଇ କରିଥିଲେ। କିନ୍ତୁ ସେଥିରେ ଏତେ ଅଧିକ ଟଙ୍କା ଜଡ଼ିତ ନଥିଲା। ଏବିଜି ସିପ୍ୟାଡର କରିଥିବା ଠକେଇ ୨୨,୮୪୨ କୋଟି ଟଙ୍କା ଆକଳନ କରାଯାଇଥିଲା। ତାହାକୁ ସବୁଠୁ ବଡ଼ ବ୍ୟାଙ୍କ ଠକେଇ ବିଚାର କରାଯାଉଥିଲା। ମାତ୍ର ଡିଏଚ୍‌ଏଫ୍‌ଏଲ୍ ପ୍ରତିଷ୍ଠାତାଙ୍କ ନାମରେ ନୂଆ ମାମଲା ରୁଜୁ ହେବା ପରେ ତାହା ସବୁଠୁ ବଡ଼ ଠକେଇ ଭାବେ ଉଭା ହୋଇଛି। ସିବିଆଇ ରୁଜୁ କରିଥିବା ମାମଲାରେ ଡିଏଚ୍‌ଏଫ୍‌ଏଲର ପୂର୍ବତନ ସିଏମଡି କପିଲ ୱାଧୱାନ, ନିର୍ଦ୍ଦେଶକ ଧୀରଜ ୱାଧୱାନ ଓ ଅନ୍ୟ ୬ଟି ରିଅଲ ଇଷ୍ଟେଟ୍ ସଂସ୍ଥାର ନାମ ରହିଛି। ଏହି ସମସ୍ତେ ମିଳିତ ଭାବେ ଅପରାଧିକ ଷଡଯନ୍ତ୍ର କରି ବ୍ୟାଙ୍କ କନସୋର୍ଟିୟମକୁ ଠକିଛନ୍ତି। ଏହି ମାମଲାରେ ସିବିଆଇର ୫୦ରୁ ଅଧିକ ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା ଟିମ୍ ମୁମ୍ବାଇର ୧୨ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଡିଏଚ୍‌ଏଫ୍‌ଏଲର ପ୍ରତିଷ୍ଠାତା ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ପାଇଁ ବ୍ୟାଙ୍କ କନସୋର୍ଟିୟମକୁ ୪୦,୬୨୩.୩୬ କୋଟି ଟଙ୍କାର କ୍ଷତି ହୋଇଥିବା ଅଭିଯୋଗ କରି ତାହାର ତଦନ୍ତ କରିବାକୁ ୟୁନିୟନ ବ୍ୟାଙ୍କ ପକ୍ଷରୁ ସିବିଆଇ ଲିଖିତ ଭାବେ ଅବଗତ କରାଯାଇଥିଲା। କନସୋର୍ଟିୟମ୍ ପକ୍ଷରୁ ନିଯୁକ୍ତି କରାଯାଇଥିବା ସଂସ୍ଥା କେପିଏମଜିର ରିପୋର୍ଟ ଆଧାରରେ ବ୍ୟାଙ୍କ ଏହି ଅଭିଯୋଗ କରିଥିଲା। ୨୦୨୨ ଫେବ୍ରୁଆରି ୧୧ରେ ସିବିଆଇ ସେହି ମାମଲା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଥିଲା। ୟେସ୍ ବ୍ୟାଙ୍କର କରିଥିବା ଠକେଇ ଅଭିଯୋଗରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ରୁଜୁ ହୋଇଥିବା ମାମଲା ଆଧାରରେ କପିଲ ଓ ଧୀରଜଙ୍କୁ ଗିରଫ କରାଯାଇଛି।

## ଭାରତର କମ୍ୟୁନିକେସନ୍ ସାଟେଲାଇଟ୍ 'ଜିସାଟ୍-୨୪'ର ସଫଳ ଉତ୍କ୍ଷେପଣ କଲା ୟୁରୋପର 'ଏରିଏନ୍ସପେସ୍'



**ବେଙ୍ଗାଲୁରୁ(ଏଜେନ୍ସି):** 'ନିୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍' (ଏନ୍‌ଏସ୍‌ଆଇଏଲ୍) ନିମନ୍ତେ 'ଇସ୍ରୋ' ନିର୍ମାଣ କରିଥିବା ସାଟେଲାଇଟ୍ 'ଜିସାଟ୍-୨୪'କୁ ଆଜି ଦକ୍ଷିଣ ଆମେରିକା ଅନ୍ତର୍ଗତ ଫ୍ରେଞ୍ଚ୍ ଗୁଆନାର କୁରେସ୍ଥିତ ଫାରାସୀ କମ୍ପାନିର 'ଏରିଏନ୍ସପେସ୍'ରୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ସମଗ୍ର ଭାରତ ପାଇଁ 'ଡିଟିଏଚ୍ ଆପ୍ଲିକେସନ୍'ର (ଟେଲିଭିଜନ୍) ସମସ୍ତ ଆବଶ୍ୟକତା ପୂରଣ କରୁଥିବା ୪୧୮୦ ଓଜନର 'ଜିସାଟ୍-୨୪' ହେଉଛି ଏକ '୨୪-କେୟୁ' ବ୍ୟାଣ୍ଡ୍ କମ୍ୟୁନିକେସନ୍ ସାଟେଲାଇଟ୍। କୋରୁଠାରେ ଥିବା ୟୁରୋପର ସ୍ପେସ୍‌ପୋର୍ଟ 'ଗୁଆନା ସ୍ପେସ୍ ସେଣ୍ଟର'ରୁ ଏରିଏନ୍-୫ 'ଭିଏ୨୫୭' ରକେଟ୍ ଦ୍ୱାରା ଉତକ୍ଷେପଣ କରାଯାଇ 'ଜିସାଟ୍-୨୪' ମହାକାଶକୁ ଯାଇ 'ଜିଓଷ୍ଟେସନାରି ଟ୍ରାନପୋର୍ଟ ଅର୍ବିଟ୍'ରେ ସ୍ଥାପିତ ହୋଇଛି। ଏହା ବ୍ୟତିରେକେ, 'ଏୟାର୍ବସ୍ ଡିଫେନ୍ସ ଆଣ୍ଡ୍ ସ୍ପେସ୍'ଦ୍ୱାରା ନିର୍ମିତ 'ମଲ୍ଟି-ମିସନ୍ ଟେଲିକମ୍ୟୁନିକେସନ୍' ସାଟେଲାଇଟ୍ 'ମିସାଟ୍-୩'କୁ ମଧ୍ୟ ଏହି ଅଭିଯାନରେ ମହାକାଶକୁ ଉତକ୍ଷେପଣ କରାଯାଇଛି। ପ୍ରଥମ ଥର ପାଇଁ ଅନ୍ୟର ଚାହିଦା ମୁତାବକ ନିର୍ମିତ ହୋଇ ମହାକାଶକୁ ଯାଇଥିବା 'ଜିସାଟ୍-୨୪' ଉନ୍ନତ ମାନର ଟେଲିଭିଜନ୍, ଟେଲିଯୋଗାଯୋଗ ଏବଂ ପ୍ରସାରଣ ସେବା ଯୋଗାଇବା ସହ ଭାରତୀୟ ଗ୍ରାହକମାନଙ୍କ 'ଡିଟିଏଚ୍' ଆବଶ୍ୟକତା ପୂରଣ କରିବ। ସୂଚନାଯୋଗ୍ୟ, 'ଏରିଏନ୍-୫' ସମୁଦାୟ ୧୧୩ଟି କ୍ଷେପଣାସ୍ତ୍ର ଉତକ୍ଷେପଣ କରିସାରିଲାଣି। 'ଏସିଆ-ପେସିଫିକ୍' ଅଞ୍ଚଳରେ ମଧ୍ୟ 'ବ୍ରଡବ୍ୟାଣ୍ଡ୍ କଭରେଜ୍'କୁ ଉନ୍ନତ କରିବ 'ଏରିଏନ୍ସପେସ୍' କହିଛି। ଉଲ୍ଲେଖଯୋଗ୍ୟ ଯେ, ମହାକାଶ ବିଭାଗ ଅଧୀନରେ ଥିବା ଭାରତ ସରକାରଙ୍କ କମ୍ପାନି 'ନିୟୁସ୍ପେସ୍ ଇଣ୍ଡିଆ ଲିମିଟେଡ୍' ତା'ର ସମଗ୍ର ସାଟେଲାଇଟ୍ କାର୍ଯ୍ୟକଳାପ 'ଟାଟା ପ୍ଲେ'କୁ ଲିଜ୍ ଦେଇଛି।

# ଆଇନ ଅଦାଲତ

## ଓଡ଼ିଶା ହାଇକୋର୍ଟରେ ପଡ଼ିଛି ଲକ୍ଷେ ୭୩ ହଜାର ୫୧୦ ମାମଲା

**କଟକ(ଏନ୍.ଏମ୍.):** ୨୦୨୧ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ପଡ଼ି ରହିଛି ୧ ଲକ୍ଷ ୭୩ ହଜାର ୫୧୦ ମାମଲା। ଏହା ପରେ ଦାଏର ହୋଇଛି ୧ ଲକ୍ଷ ୨୮ ହଜାର ୯୪୩ଟି ନୂଆ କେସ୍। ତେବେ ତା' ଭିତରୁ ୧ ଲକ୍ଷ ୫ ହଜାର ୩୩୪ ମାମଲାର ଫଇସଲା ହୋଇଛି। ୨୦୨୧ ମସିହା ଶେଷ ସୁଦ୍ଧା ୧ ଲକ୍ଷ ୯୭ ହଜାର ୧୧୯ ମାମଲା ଏବେବି ପଡିରହିଛି। ରାଜ୍ୟ ନ୍ୟାୟପାଳିକାର ପ୍ରଦର୍ଶନ ନେଇ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାର୍ଷିକ ରିପୋର୍ଟ ପ୍ରକାଶ କରାଯାଇଛି। ବିଚାର ନହୋଇ ଦୀର୍ଘ ଦିନ ଧରି ମାମଲା ପଡ଼ିରହିବା ଓ ଜିଲ୍ଲା ଜଜ୍‌ଙ୍କୁ ଠିକରେ ମାମଲା ବଣ୍ଟନ ନହେବା ଏବଂ କୋର୍ଟଙ୍କ ରହିତାଦେଶ ନିର୍ଦ୍ଦେଶ ଠିକରେ କାର୍ଯ୍ୟକାରୀ କରାନଯିବା ଭଳି ଚିନ୍ତାଜନକ ତଥ୍ୟ ରିପୋର୍ଟରେ ସାମ୍ନାକୁ ଆସିଛି। ୨୦୨୧ ମସିହାର ଏହି ରିପୋର୍ଟରେ କୁହାଯାଇଛି ଯେ, କୋର୍ଟରେ ମାମଲା ବଢିବା ଦ୍ୱାରା ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ବଢୁଥିବା ସୂଚାଉଛି। ମାତ୍ର ବହୁ କେସ୍ରେ ବିଚାର ହୋଇନପାରିବା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥି ସହିତ ଓଡ଼ିଶା ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ଉଚ୍ଛେଦ ହେବା ପରେ ଏଠିକାର ପ୍ରାୟ ୪୦ ହଜାର ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଛି। ଯାହା କି ହାଇକୋର୍ଟଙ୍କ ଭାର ବଢାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ ଜେଲ



**କଟକ (ଏନ୍.ଏମ୍.):** ୨୦୧୮ ମସିହାରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମାମଲାକୁ ବିଚାର କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୮ ମସିହା ସେପ୍ଟେମ୍ବର ୧୪ ତାରିଖରେ କଟକ ଚୌଦ୍ୱାର ଥାନା ରାମଚନ୍ଦ୍ରପୁର ଗାଁର ମାୟାଧର ପୂର୍ତ୍ତି ଜଣେ ନାବାଳିକାକୁ ଜଙ୍ଗଲ ଭିତରକୁ ଟେକି ନେଇ ଦୁଷ୍କର୍ମ କରିବାର ଅଭିଯୋଗ ହୋଇଥିଲା। ନାବାଳିକାକୁ ନପାଇ ସାଥୀମାନେ ଖୋଜାଖୋଜି କରି ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରିଥିଲେ। ଏଥିସହ ପୀଡ଼ିତାଙ୍କ ବୟାନ୍ ଆଧାରରେ ଅଭିଯୁକ୍ତକୁ କାବୁ କରିଥିଲେ। ସେହି ମାସ ୧୭ ତାରିଖରେ ପରିବାର ଲୋକେ ଏନେଇ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଅଭିଯୁକ୍ତକୁ ଗିରଫ କରି ଆଇପିସିର ଧାରା ୩୭୬ ଏବଂ ୫୦୬ ତଥା ପୋକ୍ସୋ ଏକ୍ଟର ଧାରା ୬ରେ କୋର୍ଟ ଚାଲାଣ କରିଥିଲା। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣୀ କରି ୧୭ ଜଣ ସାକ୍ଷୀଙ୍କ ବୟାନ ଓ ୧୧ ଟି ଡକ୍ୟୁମେଣ୍ଟ ଆଧାରରେ ଅଭିଯୁକ୍ତକୁ ଦଣ୍ଡିତ କରିଛନ୍ତି ପୋକ୍ସୋ ଅଦାଲତ। ଏହାସହ ପୀଡ଼ିତାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣର ଦେବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧୀଙ୍କୁ ଝଟକା ହାଇକୋର୍ଟରେ ଥିବା ଏକାଧିକ ମାମଲା ରଦ୍ଦ



**କଟକ(ଏନ୍.ଏମ୍.):** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ବିଚାରାଧୀନ ଥିବା ଏକାଧିକ ମାମଲା ଆଜି ରଦ୍ଦ ହୋଇଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୁରଲୀଧର ଓ ବିଚାରପତି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଗୁଡ଼ିକୁ ରଦ୍ଦ କରିଛନ୍ତି। ଫଳରେ ଆବେଦନକାରୀ ଦିଲ୍ଲୀପ ବରାଳଙ୍କ ରୁଜୁ ମୂଳ ମାମଲା ସହ ଏହି ସମ୍ପର୍କିତ ଅନ୍ୟ କେତେଗୁଡିଏ ମାମଲାକୁ ମଧ୍ୟ ଆଜି ଖାରଜ କରିଦିଆଯାଇଛି। ସୁପ୍ରିମକୋର୍ଟ ଗତ ୩ତାରିଖରେ ଏହି ପ୍ରସଙ୍ଗ ସମ୍ପର୍କିତ ଦୁଇ ମାମଲାକୁ ଜନସ୍ୱାର୍ଥ ମାମଲା ବୋଲି ବିବେଚନା ନକରିବା ସହ ଏହାକୁ ଖାରଜ କରିଥିଲେ। ଏପରିକି ଅଦାଲତଙ୍କ ସମୟ ନଷ୍ଟ ପାଇଁ ଆବେଦନକାରୀଙ୍କ ଉପରେ ଜରିମାନା କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧୀଙ୍କୁ ଝଟକା ହୋଇଥିଲା ବେଳେ ଆଜି ହାଇକୋର୍ଟରୁ ମଧ୍ୟ ଅନ୍ୟ ଆବେଦନକାରୀ ମାନେ ନିରାଶ ହୋଇଛନ୍ତି। ଯେହେତୁ ସୁପ୍ରିମକୋର୍ଟ ରାୟ ଆସିସାରିଛି ଏଣୁ ହାଇକୋର୍ଟରେ ଦାୟର ମାମଲାର ଆଉ ପ୍ରାସଙ୍ଗିକତା ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏହି ମାମଲାକୁ ଆଉ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରି ଶୁଣାଣି କରିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ପ୍ରକାଶଥାଉକି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ବେଆଇନ ଦର୍ଶାଇ ଆବେଦନକାରୀ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଉକ୍ତ କାର୍ଯ୍ୟ ନିଷିଦ୍ଧାଞ୍ଚଳରେ ହେଉଥିବା ତଥା ଏଥିପାଇଁ ଅନୁମତି ଦିଆଯାଇନଥିବା ଆବେଦନରେ ଦର୍ଶାଯାଇଥିଲା। ଏହି ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ), ଏନଏମଏ ଓ ରାଜ୍ୟ ସରକାର ପକ୍ଷ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଏହି ମାମଲାରେ ଯୁକ୍ତି ଉପସ୍ଥାପନ କରି ଗତ ସେପ୍ଟେମ୍ବର ୪ରେ ଏନଏମଏ(ନ୍ୟାସନାଲ ମନୁମେଣ୍ଟ ଅଥରିଟି)ଙ୍କ ପକ୍ଷରୁ ପ୍ରକଳ୍ପ ପାଇଁ ଏନଓସି ମିଳିଥିବା କହିଥିଲେ। ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ସୁବିଧା ସୁଯୋଗ ପ୍ରଦାନ ପ୍ରସଙ୍ଗରେ ମୃଣାଳିନୀ ପାଢ଼ୀ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ରହିଥିବା ଆଦେଶକୁ କାର୍ଯ୍ୟକାରୀ କରାଯାଉଛି ବୋଲି ସରକାର କହିଥିଲେ। ହାଇକୋର୍ଟ କିନ୍ତୁ ପ୍ରକଳ୍ପ କାର୍ଯ୍ୟ ଉପରେ ଆଦୌ ରହିତାଦେଶ ଦେଇ ନଥିଲେ।

## କବର ଖୋଲି ପୁଅର ମୃତ ଦେହକୁ ମାଗିଲେ ପରିବାର ଲୋକେ, ଶୁଣାଣି ପାଇଁ ସୁପ୍ରିମକୋର୍ଟ ରାଜି

**ନୂଆଦିଲ୍ଲୀ (ଏନ୍.ଏମ୍.):** କବର ଖୋଲି ପୁଅର ମୃତ ଦେହକୁ ହସ୍ତାନ୍ତର ପାଇଁ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ କରିଥିବା ଆବେଦନରେ ଶୁଣାଣି ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ରାଜି ହୋଇଛନ୍ତି। ୨୦୨୧ରେ ଆତଙ୍କବାଦୀ ସନ୍ଦେହରେ ପୁଲିସ ତାଙ୍କୁ ଏନକାଉଣ୍ଟର କରିଥିଲା। ଏଥିରେ ତାର ମୃତ୍ୟୁ ଘଟିଥିଲା। ଏବେ ତାର ବିଧି ଅନୁଯାୟୀ ଅନ୍ତିମ ସଂସ୍କାର ଲାଗି ମୃତଦେହକୁ ମାଗିଛନ୍ତି ପରିବାର ଲୋକେ। ଜଷ୍ଟିସ ସିଏସ ରବି କୁମାର ଏବଂ ସୁଧାଂଶୁ ଢୋଲିଆ ଦୁଇଜଣିଆ ଖଣ୍ଡପୀଠ ମାମାଲାର ଶୁଣାଣି ପାଇଁ ରାଜି ହୋଇଛନ୍ତି। ମୃତକଙ୍କ ବାପା ମହମ୍ମଦ ଲାତିଫେ ମାଗ୍ରେଙ୍କ ତରଫରୁ ଆଡଭୋକେଟ୍ ଆନନ୍ଦ ଗ୍ରୋଭର ପ୍ରତିନିଧିତ୍ୱ କରୁଛନ୍ତି। ଆନନ୍ଦ କହିଛନ୍ତି ଯେ, ମୃତ ଦେହକୁ ପ୍ରଥମେ ହସ୍ତାନ୍ତ କରିବାକୁ ଜମ୍ମୁ କଶ୍ମୀର ହାଇକୋର୍ଟର ଜଣିକିଆ ବେଞ୍ଚ ରାଜି ହୋଥିଲେ। କିନ୍ତୁ ପରେ ଡିଭିଜନ୍ ବେଞ୍ଚ ଏହା ଉପରେ ରୋକ ଲଗାଇଥିଲେ। ଆନନ୍ଦ କହିଛନ୍ତି ଯେ, ତାଙ୍କ ମହକିଲ ସାରା ଜୀବନ ସେନାକୁ ସମର୍ଥନ କରି ଆସିଛନ୍ତି। ସେ କେବଳ ତାଙ୍କ ପୁଅ ଆମିର ମାଗ୍ରେଙ୍କ ଅନ୍ତିମ ସଂସ୍କାର ପାଇଁ ଶବ ନେବାକୁ ଦାବି କରିଛନ୍ତି। ଏନକାଉଣ୍ଟରରେ ଅନ୍ୟ ୩ ଜଣକ ସହ ଆମିରଙ୍କ ମୃତ୍ୟୁ ଘଟିଥିଲା। ତେବେ ଏ ସମ୍ପର୍କରେ ପୂର୍ବରୁ ସୁପ୍ରିମକୋର୍ଟର ଅନେକ ରାୟ ରହିଛି। ଯାହା ତାଙ୍କ କ୍ଲାଏଣ୍ଟକୁ ସପକ୍ଷରେ ରହୁଛି ବୋଲି ଆଡଭୋକେଟ ଆନନ୍ଦ କହିଛନ୍ତି। ତେବେ ଜୁନ୍ ୨୭ ତାରିଖରେ ମାମଲା ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି। ଏହା ପୂର୍ବରୁ ପରିବାର ପକ୍ଷରୁ ଜମ୍ମୁ କଶ୍ମୀର ଏବଂ ଲଦାଖ ହାଇକୋର୍ଟରେ ଅବେଦନ କରିଥିଲେ। ଆମିର ମାଗ୍ରେଙ୍କ ମୃତ ଦେହକୁ ହସ୍ତାନ୍ତର ପାଇଁ ଜଣିକିଆ ବେଞ୍ଚ ରାଜି ହୋଇଥିଲେ ମଧ୍ୟ ଡବଲ ବେଞ୍ଚ ଜୁନ୍ ୩ ତାରିଖରେ ଖାରଜ କରି ଦେଇଥିଲେ।

ସୂଚନା ଅନୁଯାୟୀ, ଗତ ମେ' ୨୭ ତାରିଖରେ ମାଗ୍ରେଙ୍କ ମୃତ ଦେହକୁ ଖୋଳିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଜମ୍ମୁ-କଶ୍ମୀର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। କୋର୍ଟ ଏହା ବି କହିଥିଲେ ଯେ ଯଦି ଶବ ପଚିଷଢ଼ିଯାଇଥାଏ ଏବଂ ଏହାକୁ ବାହାର କରିବା ସାଧାରଣ ସ୍ୱାସ୍ଥ୍ୟ ପାଇଁ ଅନୁପଯୋଗୀ ହୋଇଥାଏ ତେବେ ଯେଉଁ ସ୍ଥାନରେ କବର ଦିଆଯାଇଛି ସେଠାରେ କେବଳ ପରିବାର ଲୋକଙ୍କୁ ପରମ୍ପରା ଅନୁଯାୟୀ ଅନ୍ତିମ ସଂସ୍କର କରିବାକୁ ସୁଯୋଗ ମିଳିବ। ଯେହେତୁ ପାବାରକୁ ଅନ୍ତିମ ସଂସ୍କାର ପାଇଁ ସୁଯୋଗ ମିଳିନି ତେଣୁ ତାଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ନଭେମ୍ବର ୧୫ ତାରିଖରେ ହୋଇଥିବା ଏହି ଏନକାଉଣ୍ଟରରେ ମୋଟ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ସେମାନେ ସମସ୍ତେ ଆତଙ୍କବାଦୀ ଥିଲେ ବୋଲି ପୁଲିସ କହିଛି।



# ଯୌନ ନିର୍ଯାତନା ମାମଲାରେ ଗଣେଶ ଆଚାର୍ଯ୍ୟଙ୍କୁ ମିଳିଲା ଜାମିନ

**ମୁମ୍ବାଇ(ଏଜେନ୍ସି):** ଯୌନ ନିର୍ଯାତନା ମାମଲାରେ ଫସିଥିବା ବଲିଉଡର ପ୍ରଖ୍ୟାତ କୋରିୟଗ୍ରାଫର ଗଣେଶ ଆଚାର୍ଯ୍ୟଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଆଜି ମୁମ୍ବାଇର ମାଜିଷ୍ଟ୍ରେଟ କୋର୍ଟ ତାଙ୍କୁ ଏହି ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ଆଜି ଜାମିନ ଆବେଦନର ଶୁଣାଣି ବେଳେ ନିଜେ ଗଣେଶ ଆଚାର୍ଯ୍ୟ କୋର୍ଟରେ ହାଜର ହୋଇଥିଲେ। ଏହାପରେ ତାଙ୍କୁ ମାଜିଷ୍ଟ୍ରେଟ କୋର୍ଟ ଜାମିନ ଦେଇଛନ୍ତି। ୨୦୨୦ ଫେବୃଆରୀ ମାସରେ ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ଗଣେଶ ଆଚାର୍ଯ୍ୟଙ୍କ ବିରୋଧରେ ଅମ୍ବୋଲି ପୁଲିସ୍ ଏଫଆଇଆର ରୁଜୁ କରିଥିଲା। ମହିଳାଙ୍କୁ ଡ୍ୟାନ୍ସ ଶିଖାଇବା ବାହାନାରେ ସେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏଥିସହ ତାଙ୍କୁ ପ୍ରଲୋଭିତ କରିବା ପାଇଁ ବିଭିନ୍ନ ମେସେଜ ଓ ଅଶ୍ଳୀଳ ଭିଡିଓ ମଧ୍ୟ ପଠାଇଥିବା ମହିଳା ଜଣଙ୍କ ଏଫଆଇଆରରେ ଉଲ୍ଲେଖ କରିଥିଲେ। ଏହି ଏଫଆଇରରେ ଦୁଇ ଜଣ ମହିଳା ଜୟଶ୍ରୀ ଓ ପ୍ରୀତିଙ୍କ ନାଁ ମଧ୍ୟ ରହିଥିଲା। ଉଭୟ ଗଣେଶ ଆଚାର୍ଯ୍ୟଙ୍କ କଥାରେ ଅଭିଯୋଗକାରୀ ମହିଳାଙ୍କୁ ଜାନୁଆରୀ ୨୬ରେ ମାଡ଼ ମାରିଥିବା କୁହାଯାଇଥିଲା। ୨୦୨୦ରେ ଅଭିଯୋଗ ସାମ୍ନାକୁ ଆସିବା ପରେ ପୂରା ବଲିଉଡରେ ହଇଚଇ ସୃଷ୍ଟି ହୋଇଥିଲା। ତେବେ ଆଜି ଗଣେଶ ଆଚାର୍ଯ୍ୟଙ୍କୁ ଜାମିନ ମିଳିବା ପରେ ମାମଲା ସାମାନ୍ୟ ଥଣ୍ଡା ପଡ଼ିଛି।






# ମିଶନ ସାମ୍ବାଦିକତା

ସମ୍ପ୍ରତି ସାମ୍ବାଦିକ ହେବା ଏକ ନିଶା ପାଲଟି ଗଲାଣି। ଏଥିପାଇଁ ବହୁ ବେନାମୀ ସଂସ୍ଥା ମଧ୍ୟ ଗଣମାଧ୍ୟମର ମୁଖା ପିନ୍ଧି ରାଜୁତି କରୁଥିବା ଆରମ୍ଭ କରିଦେଲେଣି। ଫଳରେ ସାମ୍ବାଦିକତାର ମୌଳିକତା ହଜିବାରେ ଲାଗିଛି। ସାମ୍ବାଦିକତାର ନାମରେ ଆରମ୍ଭ ହୋଇଛି ଶୋଷଣ। ଯାହାଦ୍ୱାରା ସମାଜରେ କାମଳ ସାମ୍ବାଦିକତା ବୃଦ୍ଧି ପାଇବାରେ ଲାଗିଛି।

ସାମ୍ବାଦିକତା ଏକ ପବିତ୍ର କାର୍ଯ୍ୟ ହୋଇଥିବାବେଳେ ଧିରେ ଧିରେ ଏହା କଳୁଷିତ ହେବାରେ ଲାଗିଛି। ସାମ୍ବାଦିକତାର ମୁଖା ପିନ୍ଧି ବହୁ ଅସାଧୁ ବ୍ୟକ୍ତି ବିଶେଷ ନିଜର ଅପରାଧର ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ଫଳରେ ଗଣମାଧ୍ୟମ ସମାଜରେ ନିଜର ପ୍ରତିଷ୍ଠା ଓ ଆସ୍ଥା ହରାଉଛି। ସମ୍ବାଦ ପରିବେଷଣ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଯାହାଦ୍ୱାରା ସମାଜରେ ବହୁ ଶିକ୍ଷିତ ବର୍ଗ ଗଣମାଧ୍ୟମରୁ ମୁହଁ ଆଡେଇବାକୁ ବାଧ୍ୟ ହେଉଛନ୍ତି। ପ୍ରକୃତପକ୍ଷେ କହିବାକୁ ଗଲେ ଗଣମାଧ୍ୟମ ଓ ସାମ୍ବାଦିକ ସାଧାରଣ ଜନତାଙ୍କ ମଧ୍ୟରେ ସରକାର ଓ ପ୍ରଶାସନର ଏକ ସୁଦୃଢ଼ ସେତୁ। ସମାଜର ସ୍ଥିତି, ଜନସାଧାରଣଙ୍କ ଅବସ୍ଥା ସମ୍ପର୍କରେ ଗଣମାଧ୍ୟମ ପ୍ରଶାସନ ଓ ସରକାରଙ୍କୁ ଅବଗତ କରାଯାଇବା ତଥା ସରକାର ଓ ପ୍ରଶାସନର ବିଭିନ୍ନ ବିଧି ବ୍ୟବସ୍ଥା ଓ ଯୋଜନା ସମ୍ପର୍କରେ ସର୍ବସାଧାରଣଙ୍କୁ ସଚେତନତା କରାଇବା ମୁଖ୍ୟ ଲକ୍ଷ୍ୟ ହୋଇଥିବାବେଳେ ଅନେକ ସ୍ଥଳରେ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି। କେତେକ ଗଣମାଧ୍ୟମ ନିଜର ଲୋକପ୍ରିୟତା(ଟିଆରପି) ବଢ଼ାଇବା ପାଇଁ ଅନେକ ସମୟରେ ମିଥ୍ୟା, କପୋଳକଳ୍ପିତ ତଥା ସମାଜ ପାଇଁ କୌଣସି ବାର୍ତ୍ତା ଦେଉନଥିବା ସମ୍ବାଦ ପରିବେଷଣ କରିଥାନ୍ତି। ଫଳରେ ସମାଜରେ ଏହାର କୁପ୍ରଭାବ ପଡୁଥିଲେ ମଧ୍ୟ ଏଥିପ୍ରତି ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥାର କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତି ନାହିଁ। ଯାହାଦ୍ୱାରାକି ଟିଆରପି ଲୋଭରେ କାମଳ ସାମ୍ବାଦିକତାକୁ ମଧ୍ୟ ଆପଣେଇବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ସେହିଭଳି କିଛି ବ୍ୟକ୍ତିବିଶେଷ ଡିଜିଟାଲ ଗଣମାଧ୍ୟମର ଦ୍ୱାହିଦେଇ ଫେସବୁକ, ଟୁଇଟର, ୟୁଟୁବ୍, ହ୍ୱାଟସଆପ ତଥା ପୋର୍ଟାଲ ଖୋଲି ବିଭିନ୍ନ ସୂଚନା ଦେଇଥାନ୍ତି। ଏହାଦ୍ୱାରା ଅନେକ ଖବର ବିଦ୍ୟୁତ ବେଗରେ ବିଛୁଡ଼ିତ ହୋଇ ଯାଇଥାଏ। ଏହାଦ୍ୱାରା ସମାଜରେ ଅନେକ ସୁଫଳ ମଧ୍ୟ ମିଳିଥାଏ। ଖୁବ ଶିଘ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ବହୁ ଲୋକେ ଜାଣିପାରିଥାନ୍ତି। ହେଲେ ଏହି ଡିଜିଟାଲ ମିଡ଼ିଆରେ ମଧ୍ୟ ବହୁ ଅସାଧୁ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଯେକୌଣସି ବ୍ୟକ୍ତିଙ୍କ ନାମରେ ମିଥ୍ୟା ଆରୋପ ଲଗାଇ ଖବର ପ୍ରସ୍ତୁତ କରିଥାନ୍ତି। ଫଳରେ ଏହା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ବିଶେଷଟି ସମାଜ ଆଖିରେ ନୀଚକୁ ଚାଲିଯାଉଥିବାବେଳେ ସମାଜପ୍ରତି କୁପ୍ରଭାବ ପଡେ। ତଥାପି ଏଥିପ୍ରତି ଭୃକ୍ଷେପ କରନ୍ତି ନାହିଁ ଏହି ସବୁ କାମଳ ସାମ୍ବାଦିକତା କ୍ଷେତ୍ରରେ ପାଦଥାପିଥିବା ବ୍ୟକ୍ତିଙ୍କ ପାଇଁ। ଏବେ ସାମ୍ବାଦିକ ହେବେ ସତେ ଯେମିତି ଏକ ଟ୍ରେଣ୍ଡ ପାଲଟିଗଲାଣି। ଯେନତେନ ପ୍ରକାର ଖଣ୍ଡେ ଆଇ-କାର୍ଡ଼ ପାଇଗଲେ ଖେଳ ଶେଷ। ଆରମ୍ଭ ହୋଇଯିବ ରୋଜଗାର କରିବାର ଗୋଟିଏ ରାସ୍ତା। ଏଥିପାଇଁ ଏବେ ସମାଜରେ ଦେଖିବାକୁ ମିଳିଛି ମିଶନ ସାମ୍ବାଦିକତା। ସମ୍ବାଦ ପରିବେଷଣ ଦିନକୁ ଦିନ କଳୁଷିତ ହେଉଥିଲେ ମଧ୍ୟ ଏମାନଙ୍କର କୌଣସି ପରବାୟ ନାହିଁ। ଏଥିପ୍ରତି ସରକାର ଓ ପ୍ରଶାସନ ମଧ୍ୟ ଯତ୍ନବାନ ହେବାର ଆବଶ୍ୟକତା ରହିଛି।

* * *

## କବିତା ଗୁଚ୍ଛ

# ଆସନ୍ତ କି ଥରେ

ଜୀବନର ଏଇ ଅଜଣା ଦୀପରେ
ତୁମେ ହୋଇଥିଲ ସାଥୀ,
ଜୀବନ ସରିକି ଠିକଣା ପାଇନି
ତୁମେ ଚାଲିଗଲ ଠକି ।

କଥା ଦେଇଥିଲ ଅନ୍ଧାର ବନରେ
ଛାଡ଼ିବନି ହାତ ମୋର,
ଅନ୍ଧାର ଲିଭିନି ଆଲୋକ ଦେଖିନି
କରିଦେଲ ମତେ ପର।

ଫଗୁଣର ଏହି ମଧୁର ସଞ୍ଜରେ
ତମ କଥା ପଡ଼େ ମନେ,
ଫେରି ହୁଅନ୍ତାକି ଅଜଣା ଦୀପକୁ
ଶେଷ ଜୀବନରେ ଥରେ।

ସେଦିନ ହୁଏତ ଭିଜି ମୁଁ ଯାଆନ୍ତି
ତମରି ପ୍ରୀତିର ମେଘରେ,
ଭୁଲି ମୁଁ ଯାଆନ୍ତି ଦୁଃଖ ଯାତନାକୁ
ଏହି ଫଗୁଣର ବାସରେ।


ସମ୍ପାଦିକା 'ଷ୍ଟୋରୀ ଇମେଜ'
ଚୌଦ୍ୱାର




# ବିଶ୍ୱପ୍ରସିଦ୍ଧ ରଥ ଯାତ୍ରାର ଗୁଢ଼ ରହସ୍ୟ

କଳିଯୁଗର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଏକ ନିଆରା ପରମ୍ପରା। ଏହି ରଥଯାତ୍ରା ଦର୍ଶନ କଲେ ସକଳ ମୋକ୍ଷ ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେବେ ପୁରୀ ଶ୍ରୀକ୍ଷେତ୍ର ଧାମର ରଥଯାତ୍ରା ବିଶ୍ୱପ୍ରସିଦ୍ଧ ପର୍ବ। ଏଥିରେ ୩ଟି ରଥ ଗଡ଼ିଥାଏ। ୩ଟି ରଥରେ ମୋଟ ଚକ ସଂଖ୍ୟା ୪୨ ହୋଇଥିବାବେଳେ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ୨ଟି ପର୍ବରେ ୪୨ ଚକ ଯିବା ଓ ୪୨ ଚକ ଆସିବା ଦର୍ଶନ କଲେ ଶ୍ରଦ୍ଧାଳୁଙ୍କୁ ୮୪ ଚକ ଦେଖିବାକୁ ମିଳିଥାଏ। ତେବେ ୮୪ଚକର ଦର୍ଶନ କଲେ ୮୪ଲକ୍ଷ ଯୋନି ଜନ୍ମରୁ ମୁକ୍ତିମିଳିଥାଏ ବୋଲି ବିଶ୍ୱାସ ରହିଛି। ତେବେ ତିନି ରଥର କି ବିଶେଷତ୍ୱ ରହିଛି ଆସନ୍ତୁ ଜାଣିବା।

## ନନ୍ଦିଘୋଷ

ଇନ୍ଦ୍ରଙ୍କ ପ୍ରଦତ୍ତ ରଥର ନାମ ହେଉଛି- ନନ୍ଦିଘୋଷ।
ନଥର ଅନ୍ୟ ନାମ- ଚକ୍ର ଧ୍ୱଜ ବା ଗରୁଡ ଧ୍ୱଜ
ରଥର ଉଚ୍ଚତା :- ୪୫ ଫୁଟ ୬ ଇଞ୍ଚ(୭୪୨ ଖଣ୍ଡ କାଠ ରେ ତିଆରି)
ଚକ ସଙ୍ଖ୍ୟା :- ୧୬
ରଥର ରଖ୍ୟକ :- ଇନ୍ଦ୍ର
ରଥାଧିପ :- ବୈନତେୟ
ଧ୍ୱଜାଧିପତି :- ହନୁମାନ
ରଥପାଳ :- ଭୈରବ, ନରସିଂହ
ରଥର ଆୟୁଧ :- ଚକ୍ର ଓ ଶଙ୍ଖ
ରଥ ଦେବତା :- ନୃସିଂହ
ରଥାବରଣ :- ପୀତ ଓ ଲୋହିତ
ରଥର ଅଶ୍ୱ ସଂଖ୍ୟା :-୪ ଶୁକ୍ଳ (ଶଙ୍ଖ, ବଳାହକ,ଶ୍ୱେତ, ହରିଦାସ୍ୱ)
ରଥର ମୃଦ୍ଧନୀ ଦେବତା :- କଲ୍ୟାଣ ସୁନ୍ଦର
ଶକ୍ତି :- ବିମଳା ଓ ବିରଜା
ରଥର ପାର୍ଶ୍ୱ ନବ ଦେବତା:- ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବଓ ନୃସିଂହ
ସାରଥିର ନାମ :- ମାତଳି
ରଥ ଦଉଡି :- ଶଙ୍ଖ ଚୁଡ ନାମକ ନାଗୁଣୀ (ଦୈର୍ଘ୍ୟ-୨୨୦ ଫୁଟ ଓସାର :- ୮ ଇଞ୍ଚ)
ରଥ ମୃଦ୍ଧନୀର ନାମ :- ଜନ୍ଦିସୁଖ
ରଥ ଦେବୀ :- ଯୋଗ ମାୟା
ରଥ ସଖ୍ୟ :-ହର୍ଯ୍ୟାଖ୍ୟ
ରଥଗର୍ଭାଦିଶ୍ୱର :-ହିରଣ୍ୟ ଗର୍ଭ
ଭକ୍ତର୍ଷିଣୀ :-କ୍ରୀୟା ,ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା, ମେଧା
ରଷି ପଟାରେ :- ନାରଦ, ଦେବଳ, ବ୍ୟାସ, ଶୁକ, ପରାଶର,ବଶିଷ୍ଟ, ବିଶ୍ୱାମିତ୍ର, ଇନ୍ଦ୍ର ଆଦି ଅଷ୍ଟ ରଷି
ରଥ କୁମ୍ଭକ :- ହିରଣ୍ମୟ
ଦ୍ୱାରପାଳ :- ଜୟ ବିଜୟ
ନେତର ନାମ:- ତ୍ରୈଲୋକ୍ୟ ମୋହିନୀ
ଆରୋହି ଦେବତା :- ଶ୍ରୀ ଜଗନ୍ନାଥ ଓ ଶ୍ରୀ ମଦନ ମୋହନ
ନନ୍ଦିଘୋଷ ରଥ ଦର୍ଶନ କଲେ ରୋଗ, ଦୁଃଖ ଓ କଷ୍ଟରୁ ମୁକ୍ତି ମିଳି ଥାଏ ବୋଲି ବିଶ୍ୱାସ ରହିଛି।

## ତାଳଧ୍ୱଜ

ଦେବତା ମାନଙ୍କର ଦ୍ୱାରା ଦତ୍ତ ଶ୍ରୀ ବଳଭଦ୍ର ମହାପ୍ରଭୁଙ୍କ ରଥର ନାମ ତାଳଧ୍ୱଜ
ରଥର ଅନ୍ୟ ନାମ :-- ଲଙ୍ଗଳ ଧ୍ୱଜ ବା ହଳ ଧ୍ୱଜ
ରଥର ଉଚ୍ଚତା :--୪୫ ଫୁଟ
ରଥର କାଠ ସଂଖ୍ୟା :- ୭୩୧ ଖଣ୍ଡ
ଚକ ସଂଖ୍ୟା :- ୧୪
ରଥ ରକ୍ଷକ :- ବାସୁଦେବ ଓ ଭାସ୍କର
ରଥାବରଣ :- ରକ୍ତ ଓ ନୀଳ ବର୍ଣ୍ଣ
ରଥ ର ଅଧିଶ୍ୱର :- ଶ୍ରୀ ବଳଭଦ୍ର, ଚଳନ୍ତି ପ୍ରତୀମା ରାମ ଓ କୃଷ୍ଣ
ରଥର ଆୟୁଧ :-- ହଳ ଓ ମୂଷଳ
ରଥର ସାରଥି :-ଦାରୁକ
ରଥ ଦଉଡି :- ବାସୁକି (ନାଗ)
ରଥ ଦେବୀ :- ଜୟ ଦୂର୍ଗା
ରଥ ଭୈରବ :- କ୍ଷେତ୍ରପାଳ
ରଥ ଶିରରେ :- ଅନନ୍ତ ନାଗ
ରଥର ଅଶ୍ୱ :- (୪) ଶଙ୍ଖ, ସୁଚିତ୍ର, ଅଙ୍ଗଦ, ମେଘନାଦ ( କୃଷ୍ଣ ବର୍ଣ୍ଣ)
ରଥ ଗନ୍ଧର୍ବ :- ହୁ ହୁ
ରଥ ନେତର ନାମ :-- ହନ୍ମନୀ
ରଥର ଦ୍ୱାର ପାଳ :-- ନନ୍ଦ ଓ ସୁନନ୍ଦ
ର ଷି ପ ଟା ରେ :- ଅ ଙ୍ଗି ରା, ପୌଉଲସ୍ତ୍ୟ, ପୁଲହ, ଅଗସ୍ତି ,କୃଷ୍ଣ, ସୁହଗର,ଆତ୍ରେୟ ଓ କାଶ୍ୟପ
ଦଧି ନଉତିର ନାମ :- ଭୂବନ କୋଷ
ରଥରେ ଦେବତା :- ବ୍ରହ୍ମା ଓ ଶିବ
ରଥର ଭଦ୍ର ପୀଠ :- ଅଷ୍ଟ ଦଳ ପଦ୍ମ
ରଥ ଶୂନ୍ୟ ଚକର ନାମ:-କାଳ ସଂହାର
ଦଧି ନଉତିର ଉପରିସ୍ଥ କଳସ ତ୍ରୟ : ଚନ୍ଦ୍ର,ସୂର୍ଯ୍ୟ ଓ ବିଦ୍ୟୁତ୍
ରଥ ରତ୍ନ :- ମର୍କତ
ରଥ ସୁକ ଯୁଗଳ ନାମ :- ଶ୍ରଧା ଓ ବିଶ୍ୱାସ
ରଥ ପିଠ :- ମେରୁ କୈଳାସ
ରଥାଧିପ :-- ବୃହତ୍, ନାସ
ଶାସ୍ତ୍ର ଅନୁସାରେ ଦର୍ଶନ କଲେ ସର୍ବ ବିଘ୍ନ ବିନାଶନ ଘଟିଥାଏ।

## ଦର୍ପ ଦଳନ

ଦେବତା ମାନଙ୍କ ଦ୍ୱାରା ପ୍ରଦତ୍ତ ସୁଭଦ୍ରା ଦେବୀଙ୍କ ରଥ ର ନାମ ଦର୍ପ ଦଳନ
ରଥର ଉଚ୍ଚତା :-୩୧ ହାତ
ରଥର କାଠ ସଂଖ୍ୟା : -୭୧୧
ରଥର ଚକ ସଂଖ୍ୟା :- ୧୨
ରଥର ରକ୍ଷକ :- ଜୟ ଦୂର୍ଗା
ଧ୍ୱଜାଧିପତି :- ତ୍ରୀପୁରା ସୁନ୍ଦରୀ
ଆୟୁଧ :- ପଦ୍ମ କହ୍ଲାର୍
ରଥର ପିଠର ନାମ :- କାମ୍ପଲ୍ୟ
ରଥର ଆବରଣ:- କୃଷ୍ଣ ଓ ଲୋହିତ ବର୍ଣ୍ଣ
ରଥର ସାରଥି :-ଅର୍ଜୁନ (ଦେବଦତ୍ତ ସାତ୍ୱକି)
ରଥର ଅଶ୍ୱର ବର୍ଣ୍ଣ :- ରକ୍ତ ବର୍ଣ୍ଣ
ରଥ ଅଶ୍ୱର ନାମ :- (୪) ରୋଚିକା, ମୋଚିକା, ଜିତା, ଅପରାଜିତା
ଅନ୍ୟ କେତେକଙ୍କ ମତରେ :-ପ୍ରଜ୍ଞା, ଅନୁଜ୍ଞା, ଘୋରା,ଅଘୋରା
ରଥ ରଷି :- ଯାଜ୍ଞ୍ୟ ବଲକ୍ୟ
ରଥ ମୂଖ :-ବ୍ରହ୍ମାବର୍ତ୍ତ
ରଥାଧିଶ୍ୱର :- ଜୟ ଦୂର୍ଗା
ରଥ ରକ୍ଷୟତ୍ରୀ :- ଉଗ୍ରଚଣ୍ଡୀ
ରଥ ଅଧିଶ୍ୱର ଦେବତା :-ଶ୍ରୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନ
ରଥ ଦେବୀ :- ଶ୍ରୀ ଓଡ୍ର
ରଥ ସଖ୍ୟ :-କିଙ୍କଳିକା
ରଥ ଗର୍ଭାଧିଶ୍ୱର ଶକ୍ତି :-ଶକ୍ତି ସପ୍ତା, ଜୟା, ବିଜୟା, ଘୋରା, ଅଘୋରା, ସୁଖ୍ମା ଓ ଜ୍ଞାନା
ରଥର ରଷି ପଟାରେ :- ଭୃଗୁ, ସୁପ୍ରଭା, ବିଦ୍ର, ଶୃଙ୍ଗି, ଧ୍ରୁବ ,ଭଲ୍ଲୁକ ଓ ପ୍ରବର୍ତ୍ତକ ରଷି ମଣ୍ଡଳ
ରଥ କୁମ୍ଭ :- ଅମୃତ, ଜୀବା, କାୟା
ରଥ ଦ୍ୱାର ପାଳ :- ଗଙ୍ଗା ଓ ଯମୁନା
ରଥ ଗନ୍ଧର୍ବ :- ହା ହା
ଚାରଣଙ୍କ ନାମ :---ମହାକୃର
ରଥ ଯୁଗଳ ଶୁକର ନାମ :- ସୁପର୍ଣ୍ଣ ହୋସୁପର୍ଣ୍ଣ
ରଥ ରତ୍ନ:- ମାଣିକ୍ୟ
ରଥ ଚକ୍ରର ନାମ :- ଦୀପ୍ତ
ରଥ ଚକ୍ର ଉପରିସ୍ଥ ନେତର ନାମ :- ନାଦାମ୍ବୀକା
ରଥାକାର :-କାଳ ନେମୀ
କଳସ ଉପରେ ଥିବା ଶୂନ୍ୟ ଚକ୍ର :- ଦୀପ୍ତ ସୁଦର୍ଶନ
ରକ୍ତ ଶିରରେ :-ଭକ୍ତ ସମୋଦ
ରଥ ଶକ୍ତି :- ଚନ୍ଦ୍ର ଓ ଘଣ୍ଟା
ଦଧି ନଉତି ଉପରିସ୍ଥ କଳସ ତ୍ରୟର ନାମ :- ପରା, ଅପରା, ବୈଖାରୀ
ରଥରେ ବ୍ୟବହୃତ ଚନ୍ଦ୍ରାତାପର ନାମ :-ବୀର ଘଣ୍ଟ
ରଥ ଦଉଡିର ନାମ:-ଚନ୍ଦ୍ରଚୁଡ ନାମକ ନାଗ
ରଥ ଚାମର ସେବା:-ସୁମେଧା ଦେବୀ
ରଥ ପାଳ :-ହରିଦ୍ୱାର ପଦ୍ମ ଧ୍ୱଜ
ଏହିରଥ ଦର୍ଶନ କଲେ ମନୁଷ୍ୟର ଦର୍ପ ନାଶନ ପୂର୍ବକ ସମସ୍ତ ରୋଗ ଓ ସନ୍ତାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଏହି ଭଳି ପବିତ୍ର ଘୋଷ ଯାତ୍ରରେ ତିନି ରଥର ମହତ୍ତ୍ୱ ରହିଛି।


ପ୍ରତାପ ଚନ୍ଦ୍ର ସାହୁ
ନବରଙ୍ଗପୁର
୯୪୩୭୭୮୮୮୬୦


# ସାକ୍ଷରତା ହାର ବୃଦ୍ଧିସହ ପ୍ରଜନନ ହାରର ହ୍ରାସ


ମହମ୍ମଦ ଇକ୍‌ବାଲ ଜାଫର


ମୁସଲିମ ସମୁଦାୟ ଭାରତର ସବୁଠାରୁବଡ଼ ସଂଖ୍ୟାଲଘୁ ସମୁଦାୟ ଏବଂ ମୁସଲିମ ମହିଳାମାନେ ତାଙ୍କ ସମୁଦାୟରେ ସାକ୍ଷରତା ହାର, ନିଯୁକ୍ତି ଓ ସ୍ୱାସ୍ଥ୍ୟସେବାର ଲାଭ ଦୃଷ୍ଟିରେ ତାଙ୍କ ପୁରୁଷ ପ୍ରତିପକ୍ଷଙ୍କ ତୁଳନାରେ ସଂଖ୍ୟାଲଘୁ ଅଟନ୍ତି। ଭାରତରେ ଜଗତୀକରଣର ଆଗମନ ପରେ, ମୁସଲିମ ସମୁଦାୟ ଆଉ ପୂର୍ବପରି ଅନ୍ୟ ଉପେକ୍ଷିତ ବର୍ଗ ପରି ଅଲଗା ହୋଇ ରହିନାହାନ୍ତି। ସେମାନେ ଅନ୍ୟ ସମୁଦାୟଙ୍କ ସହ ପାରସ୍ପରିକ ସମ୍ପର୍କ ରକ୍ଷା କରି ନିଜ ସମୁଦାୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ପରିବର୍ତ୍ତନରେ ଫଳରେ ତାଙ୍କ ଆର୍ଥିକ ସାମର୍ଥ୍ୟ, ସାମାଜିକ ସ୍ୱୀକୃତି ଏବଂ ସ୍ୱାକ୍ଷରତା ହାର ଆହୁରି ଦୃଢ଼ ହୋଇ ପାରିଛି। ଉଚ୍ଚଶିକ୍ଷା ପ୍ରାପ୍ତ କରିବା ସହ ସେମାନେ ନିଯୁକ୍ତି, ସ୍ୱାସ୍ଥ୍ୟସେବା ଲାଭ କରିବାରେ ବିଶେଷ କରି ମୁସଲିମ ମହିଳାମାନେ ବିଶେଷ ଲାଭବାନ ହୋଇଛନ୍ତି।

ଅନ୍ୟକାରଣମାନଙ୍କ ସହିତ, ଧର୍ମନିର୍ବିଶେଷରେ ମହିଳାଙ୍କ ସଶକ୍ତିକରଣରେ ପ୍ରଜନନ ହାରର ହ୍ରାସ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଗତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ଏହା ଦେଖାଯାଇଛି ହିନ୍ଦୁ ଓ ମୁସଲମାନ ମହିଳାଙ୍କ ପ୍ରଜନନ ହାର ମଧ୍ୟରେ ଥିବା ପାର୍ଥକ୍ୟ ଆହୁରି ସଂକୀର୍ଣ୍ଣ ହୋଇ ପାରିଛି। ଏହା କେବଳ ମୁସଲମାନ ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ଓ ନିଯୁକ୍ତ ହାର ବୃଦ୍ଧି ଦ୍ୱାରା ସମ୍ଭବପର ହୋଇ ପାରିଛି। ମୁସଲମାନ ସମୁଦାୟ ବର୍ତ୍ତମାନ ଧାର୍ମିକ ଶିକ୍ଷା ସହ ଆଧୁନିକ ଶିକ୍ଷାକୁ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ସେମାନଙ୍କ ସମୁଦାୟର ବ୍ୟକ୍ତିମାନଙ୍କୁ ସେ ପୁରୁଷ ବା ମହିଳା ହୁଅନ୍ତୁ, ଆର୍ଥିକଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ଉତ୍ତମ ନିର୍ଣ୍ଣୟ ନେବା ପାଇଁ ସଶକ୍ତ କରୁଛି। ଏହା ମହିଳାମାନଙ୍କ ପାଇଁ ନିଯୁକ୍ତିର ଅନେକ ପନ୍ଥା ଖୋଲି ଦେଇଛି ଓ ମୁସଲମାନ ମହିଳାମାନଙ୍କ ସ୍ୱାସ୍ଥ୍ୟପ୍ରତି ସଚେତନତା ବୃଦ୍ଧି କରିପାରିଛି।

ଆମ ଦେଶର ସ୍ୱାସ୍ଥ୍ୟସେବା ଗତ ତିନି ଦଶନ୍ଧି ମଧ୍ୟରେ ଦ୍ରୁତ ଉନ୍ନତି ସାଧନ କରିଛି। କିନ୍ତୁ ଏହି ସବୁ ସୁବିଧା ସମସ୍ତ ସମୁଦାୟର ବ୍ୟକ୍ତିମାନଙ୍କୁ ଉପଲବ୍ଧ ହୋଇ ପାରୁନାହିଁ। ଗରିବ ପରିବାରମାନଙ୍କ ସ୍ୱାସ୍ଥ୍ୟ ସର୍ବଦା ବୁଝାମଣା ହୋଇଥାଏ। ଆର୍ଥିକ କାରଣ ବ୍ୟତୀତ, ଅନେକ ଧାର୍ମିକ ଓ ପାରମ୍ପରିକ ମୂଲ୍ୟବୋଧ କାରଣରୁ ଅନେକ ମୁସଲମାନ ପରିବାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଠାରୁ ଦୂରେଇ ରହିଥାନ୍ତି, ଯାହା ମୁଖ୍ୟତଃ ମହିଳାମାନଙ୍କ ପାଇଁ ପ୍ରଜୁଜ୍ୟ। କିନ୍ତୁ ଶିକ୍ଷାଲାଭ ଦ୍ୱାରା ସ୍ୱାସ୍ଥ୍ୟ ଲାଭର ମହତ୍ୱ ବିଷୟରେ ମୁସଲମାନ ସମୁଦାୟ ଭିତରେ ଏକ ସଚେତନତା ପରିଲକ୍ଷିତ ହୋଇଛି। ତେଣୁ ଉଚ୍ଚ ଓ ମଧ୍ୟମ ବର୍ଗର ମୁସଲମାନମାନେ ତାଙ୍କ ସ୍ୱାସ୍ଥ୍ୟପ୍ରତି ଅଧବକ ସଚେତନ ଓ ଜାଗ୍ରତ ଅଛନ୍ତି।

ମୁସଲମାନ ମହିଳାମାନଙ୍କ ମଧ୍ୟରେ ଏକ ନୂତନ ଧାରା ଦେଖାଯାଇଛି, କିନ୍ତୁ ଏହି କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିବା ଆବଶ୍ୟକ। ଯଦିଓ କିଛି ମୁସଲମାନମହିଳାମାନେ ଆର୍ଥିକ କ୍ଷେତ୍ରରେ ତାଙ୍କ ଉପସ୍ଥିତି ଜାହିର କରୁଛନ୍ତି କିନ୍ତୁ ଅନ୍ୟ ସମୁଦାୟର ଅନୁପାତରେ ନିଯୁକ୍ତି କ୍ଷେତ୍ରରେ ତାଙ୍କ ସହଭାଗିତା ସବୁଠୁ କମ୍ ଅଟେ ; ଯାହା ସାକ୍ଷରତା କ୍ଷେତ୍ରରେ ମଧ୍ୟ ସତ୍ୟ। ଯଦିଓ ସାକ୍ଷରତା ହାରର ବୃଦ୍ଧି ଘଟିଛି ଏହାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ଏକାନ୍ତ ଆବଶ୍ୟକ ଅଟେ। କୌଣସି ସମୁଦାୟର ସଶକ୍ତିକରଣ ପାଇଁ ଶିକ୍ଷା ଓ ସାକ୍ଷରତା ଏକାନ୍ତ ଆବଶ୍ୟକ ଉପାଦାନ। ତେଣୁ ସମସ୍ତ ପ୍ରକାରର ଯାଚନାରୁ ମୁକ୍ତିପାଇବାକୁ ହେଲେ ମୁସଲମାନ ମହିଳାମାନଙ୍କୁ ସାକ୍ଷରତା ଓ ଶିକ୍ଷା ନିଶ୍ଚିତ ଭାବେ ଲାଭ କରିବାକୁ ହେବ। ଯଦିଓ ପାରମ୍ପରିକ ମୁସଲମାନ ସମାଜରେ ଅର୍ଥ ରୋଜଗାର କରିବା ପାଇଁ ପୁରୁଷମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ କିନ୍ତୁ ଦ୍ରୁତ ପରିବର୍ତ୍ତନଶୀଳ ପରିପ୍ରେକ୍ଷୀରେ ଏହା ଦୃଦୟଙ୍ଗମ କରିବାକୁ ହେବ ଯେ, ମହିଳାମାନେ ମଧ୍ୟ ଏହା କରିବା ପାଇଁ ସମର୍ଥ।


ଠିକଣା
ଫକିରାବାଦ, କେନ୍ଦ୍ରାପଡ଼ା


# ଅଗ୍ନୀ ଭୟ ଓ ଶୁଦ୍ଧ ପରିବେଶ

ବନରେ ଅଗ୍ନୀ ! ଯେଉଁଠି ନିଆଁକୁ ଆୟତ କରିବା ଦୁରୁହ ବ୍ୟାପାର। କାଠ ଅରଣୀ ଘର୍ଷଣରୁ ଅଗ୍ନୀ ବାହାର କରିବା ପଦ୍ଧତି ମନୁଷ୍ୟ ଏହି ବନାଗ୍ନୀରୁ ଶିକ୍ଷା କରିଛି। ଦୁଇଟି ଗଛର ଡାଳ ପରସ୍ପର ଘର୍ଷଣ ଜୋରଦାର ପବନରେ ବାରମ୍ବାର ହେଲେ ଅଗ୍ନୀର ସୃଷ୍ଟି ହୋଇ ତାହା ବ୍ୟାପିଯାଏ। ପୁଣି ଆଉ ଏକ ପ୍ରକାର ବନାଗ୍ନୀ ବଜ୍ରପାତ ବୃକ୍ଷ ଉପରେ ବର୍ଷାକାଳରେ ହେଲେ ବି ହୋଇପାରେ। ମାତ୍ର ମନୁଷ୍ୟକୃତ ଅଗ୍ନୀ ସଂଯୋଗ, ଶିକାରୀମାନଙ୍କ ପଶୁ ଶିକାର ପାଇଁ କରାଯାଇଥାଏ। ମୃଗୁଣୀ ସ୍ତୁତିରେ ବ୍ୟାଧ ଟିଏ ଏପରି ବଡ଼ ଆକ୍ରାନ୍ତ କରିବାରେ ଏକ ପଟରେ ଶିକାରୀର ପୋଷାଶ୍ୱାନର ଆକ୍ରମଣ ଏକ ପଟରେ ଜାଲ ବସାଇ, ଏକ ପଟରେ ଅଗ୍ନୀ ସଂଯୋଗ କରି ଅନ୍ୟ ପଟରେ ନିଜେ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ଆକ୍ରମଣ କରିବାର ଏକ ବର୍ଣ୍ଣନ ଦିଆଯାଇଛି। ପଶୁମାନେ ଦଗ୍ଧିଭୂତ ଜଙ୍ଗଲ ନିଆଁରେ ମରିଯିବା ବା ଅର୍ଦ୍ଧଦଗ୍ଧୀଭୂତ ହେବା ପରେ ମନୁଷ୍ୟ ଜଙ୍ଗଲରେ ସେହି ପଶୁର ମାଂସ ଭୋଜନ କରି ସ୍ୱାଦ ଭିନ୍ନ ଜାଣି କଞ୍ଚା ମାଂସ ଠାରୁ ପୋଡ଼ା ମାଂସକୁ ଭୋଜନରେ ଲଗାଇଛି। ଏଥିରେ ମାଂସ ପୋଡ଼ା, ଶୁଖୁଆପୋଡ଼ା, ମାଛ ପୋଡା ଭୋଜନ କରିଆସୁଛି। ଏମିତି ପରିବା ପୋଡ଼ା ପତ୍ରପୋଡ଼ାରେ ଆଳୁ ବାଇଗଣ ସାରୁ ପୋଡ଼ି ଭୋଜନ କରିବା ଦେଖାଯାଉଛି। ଏସବୁ ପ୍ରକୃତିରେ ବନାଗ୍ନୀରୁ ଜଣାପଡ଼ିଛି।

ବନାଗ୍ନୀରେ ପ୍ରାକୃତିକ ବିପର୍ଯ୍ୟୟରେ ବନ ପାଇଁ ହେଲାବେଳେ ଏଥିରେ ଜଙ୍ଗଲ ପରିବେଶ ରକ୍ଷା ପାଇଁ ପର୍ଯ୍ୟନ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ରଷିମୁନୀ ମାନେ ବୈଦିକ ଅଗ୍ନୀ ସଂସ୍କାରରେ ହୋମ, ଯଜ୍ଞ କରାଉଥିଲେ। ରଷିମୁନୀମାନେ ମନୁଷ୍ୟ ପଶୁପକ୍ଷୀଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ଯେଉଁ ଭେଷଜ ଔଷଧର ସନ୍ଧାନ କରିଥିଲେ ତାକୁ ଗ୍ରହ ନକ୍ଷତ୍ର ବିଦ୍ୟା ସହିତ ଓ ବିଭିନ୍ନ ମାସ ଋତୁଚକ୍ର ଦୃଷ୍ଟେ ବୃକ୍ଷକୁ ରୋପଣ କରି ତହିଁରୁ ବୃକ୍ଷର ପଞ୍ଚାଙ୍ଗ ସଂଗ୍ରହ କରି ଔଷଧ ରୂପେ ବ୍ୟବହାର କରୁଥିଲେ। ବୃକ୍ଷର ମଞ୍ଜି ଡାଳ ବା ବୃକ୍ଷର କୌଣସି ଅଙ୍ଗ ରୋପଣ କରି ନୂତନ ବୃକ୍ଷ ପ୍ରସ୍ତୁତ କରାଯାଉଥିଲା। ଯାହା ଏବେ ଆହୁରି ଆଗେଇ କୌଣସି ଏକ ପତ୍ର ଫଳ ଫୁଲର କୋଷରୁ ସେପରି ବୃକ୍ଷ କରାଯାଇ ପାରୁଛି। ପୁଣି ବିଭିନ୍ନ ବୃକ୍ଷଲତାର ଅଦ୍ଭୂତି ମିଶ୍ରଣରେ ଶଙ୍କର ଫଳ ପନିପରିବା କରାଗଲାଣି। ହେଲେ ଏହାର ଜଡ଼ ସେହି ଜଙ୍ଗଲ ବନର ମୁନିରଷିଙ୍କର ଚେଷ୍ଟା ଦ୍ରଷ୍ଟାରୁ ସମ୍ଭବ ହୋଇଛି। ନିଆଁ ଲାଗି ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥାରେ ଲିଭି ଯିବା ପରେ ପାଉଁଶ ଅଙ୍ଗାର ହିଁ ରହିଯାଏ। ଅଙ୍ଗାର ହିଁ ଚାରକୋଲ କାଠର ଜଳନ୍ତା ଅଙ୍ଗାର ଟୁକୁଡା ପୂର୍ବେ ଜଙ୍ଗଲରୁ ଏପରି ଅଙ୍ଗାର ଜାଳେଣୀ ପାଇଁ ଆସୁଥିଲା। ଏମିତି କମାରଶାଳ, ବଣିଆ ଶାଳ, ଥଟାରୀଙ୍କ ସାରୀ ଶାଳ ପାଇଁ ଅଙ୍ଗାର ଲାଗୁଥିଲା। ରଜକମାନେ ଯେଉଁ ଇସ୍ତ୍ରୀ କରନ୍ତି ତହିଁରେ ପୂର୍ବେ ବିଦ୍ୟୁତ୍ ପରିବର୍ତ୍ତେ ଅଙ୍ଗାର ବ୍ୟବହାର କରାଯାଇ ଅଗ୍ନୀ ସଂଯୋଗରେ ଲଗାଇ ଇସ୍ତ୍ରୀ କାର୍ଯ୍ୟ ହାସଲ କରାଯାଉଥିଲା। ଅଙ୍ଗାର, ଅଗ୍ନୀ ଏ ସମ୍ବନ୍ଧରେ ରଷିମୁନୀଙ୍କର ନାମ ବି ଆମର ଶାସ୍ତ୍ରରେ ଏବେ ବି ଦୃଶ୍ୟ, ସପ୍ତର୍ଷି ମଣ୍ଡଳରେ ଥିବା ସପ୍ତ ରଷି ମଧ୍ୟରୁ ତିନିଜଣ ଅଗ୍ନୀ ବିଦ୍ୟାର ନିଷ୍ଠେ ସାଧନାରତ ପୁରୁଷ ଥିଲେ। ୧. ଅଙ୍ଗିରା, ୨. ଅତ୍ରୀ, ୩. କ୍ରେତୁ। ଅଙ୍ଗିରା ଅର୍ଥ ଅଙ୍ଗାର, ଅତ୍ରୀ ଅର୍ଥ ଅଗ୍ନୀ, କ୍ରତୁ ଅର୍ଥ ଯଜ୍ଞ। ସେହି ସମୟରେ ଏମାନେ ଅଗ୍ନୀ ବିଜ୍ଞାନୀ, ଅଗ୍ନୀ ଉପାସକ। ରକବେଦର ଏକ ମଣ୍ଡଳର ୩୨ ସୂକ୍ତ। ଏହା ଅଙ୍ଗିରାଙ୍କ ପୁତ୍ର ହିରଣ୍ୟକୁଳ ରଚନା କରିଛନ୍ତି। ଅନେକ ମତ ଦିଅନ୍ତି ଅଗ୍ନୀ ଉପାସକ ଦଳକୁ ଅଙ୍ଗିରା କୁହାଯାଇଥାଏ। ଐତରେୟ ବ୍ରାହ୍ମଣ ଗ୍ରନ୍ଥରେ କୁହାଯାଇଛି ଅଙ୍ଗିରା ପ୍ରକୃତରେ ଯଜ୍ଞାଗ୍ନୀର ଅଙ୍ଗାର। ଯେଉଁ ଯଜ୍ଞ ପ୍ରଥା ରହି ଆସିଛି, ତାର ମୂଳ ସ୍ରଷ୍ଟା ଅଙ୍ଗୀରା କୁହାଯାଏ। ଯଜ୍ଞର ସମ୍ବିଧାନର ହୁଏତ ସେ ତିଆରେ କରିଛନ୍ତି। ଅଗ୍ନୀ ବିଜ୍ଞାନୀମାନେ ଅଗ୍ନୀର ଧ୍ୱଂକାରୀ ଶକ୍ତିକୁ କିପରି ଲୋକ ହିତରେ ଲଗାଯାଇ ଅମୃତୀ କରଣ ଫଳ ଆଶା କରାଯାଇ ପାରିବ ତାହାର ମାର୍ଗମାନ ଦର୍ଶାଇଛନ୍ତି। ବେଦରେ ଅଙ୍ଗିରାଙ୍କର କୌଣସି ସୂକ୍ତ ନାହିଁ। ହେଲେ ତାଙ୍କର ଆନୁଗତ୍ୟ ମାନଙ୍କର ସୂକ୍ତ ଅଛି। ମୂଳତଃ କୁହାଯିବା ବ୍ରହ୍ମାଙ୍କ ମାନସ ପୁତ୍ର ରଷିମାନଙ୍କର ପ୍ରତ୍ୟେକ ଏକ ଏକ ସମ୍ପ୍ରଦାୟ ସୃଷ୍ଟି କରି ଯାଇଛନ୍ତି ଯାହା ଏବେ ଗୋତ୍ରରେ ନାମିତ ରହି ଆସୁଛି। ଏହି ମୂଳ ରଷିମାନେ ବେଦମନ୍ତ୍ର ଦ୍ରଷ୍ଟା ବା ପ୍ରୟୋଗକାରୀ ଥିଲେ। ସେତେ ଦ୍ରଷ୍ଟାଙ୍କର ବିରୁଦ୍ଧଚାରୀ ନଥିଲେ ତେବେ ବିଭାଗରୁ ଅନୁବିଭାଗ ଅବଶ୍ୟ ଆସିଥିବେ। ବହୁ ଔଷଧ ବନଜ, ଶୈଳଜ ସମ୍ଭବ ଯାହା ଉପସର୍ଗ ନଦେଖାଇ ରୋଗକୁ ମୂଳରୁ ବିନାଶକରି ବ୍ୟକ୍ତିଙ୍କୁ ନବଜୀବନ ଦେଇଥାଏ। ଆର୍ଯ୍ୟୁବେଦରେ ଅଷ୍ଟାଙ୍ଗ ଆୟୁର୍ବେଦ ଶାସ୍ତ୍ର ପାଇଁ ବୃକ୍ଷଲତାର ଚେରମୂଳୀ ଫଳ ଫୁଲ ପତ୍ର ଛାଲି, କଫ, ବାତ, ପିତ୍ତ ଶମନ ପାଇଁ ଲାଗେ। କେତେକ ଘଞ୍ଚବନ ଓ ପାହାଡ଼ ଉପରେ ପାହାଡ଼ ପାଦ ଦେଶରେ ପୁଣି ବରଫାବୃତ୍ତ ଅଞ୍ଚଳ, ଟାଙ୍ଗର ମରୁଭୂମି, ନଦୀ ଜଳଧାରା ତଟରେ ହୁଏ। ଏପରିକି ପ୍ରକାଣ୍ଡ ଜଳାଶୟ ମଧ୍ୟରେ ସମୁଦ୍ରରେ ହୁଏ। ଦ୍ରବ୍ୟ ଗୁଣ ଦେଖି ବିଧି ଅନୁସାରେ ସଂଗ୍ରହ ଶୋଧନ କରି ରସଶାଳାରେ ପ୍ରସ୍ତୁତ ଜଡ଼ିବୁଟି କାହିଁ ଯୁଗରୁ ପ୍ରୟୋଗ କରାଯାଉଛି। ଶଲ୍ୟ ଚିକିତ୍ସାର ଉତ୍ସ ଔଷଧ ସେତୁବନ୍ଧ ପାଖରେ ମିଳିନଥିଲା। ଏହାକୁ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତରୁ ସଂଗ୍ରହ କରି ଲକ୍ଷ୍ମଣଙ୍କ ଚିକିତ୍ସା ପାଇଁ ନେଇଥିଲେ। ଇନ୍ଦ୍ର ଦେବତା ମଧ୍ୟ କରିଥିଲେ ଖାଣ୍ଡବବନ।

ଜଙ୍ଗଲ ଯେ ମେଘ ବର୍ଷାର ଏକ ଉତ୍ସ ଏହା ଅନେକ ହୁଏତ ବୁଝିନାହାଁନ୍ତି, ପୁଣି ବୃକ୍ଷର ଚେର ମାଟିକୁ ଧରି ରଖେ ବୃକ୍ଷ ନଷ୍ଟ ହେଲେ ମୃତ୍ତିକା ଅବକ୍ଷୟ ହୋଇଯାଏ। ଯେଉଁ ଅମ୍ଳଜାନ ଆମେ ଗ୍ରହଣ କରି ବଞ୍ଚି ରହୁଛେ ତାହା ଜଙ୍ଗଲ ବନର ବୃକ୍ଷମାନେ ବହୁ ପରିମାଣରେ ଛାଡୁଛନ୍ତି ଫଳରେ ଜନପଦରେ ବିଭିନ୍ନ ଦିଗ ବାୟୁ ଚଳନ ଯୋଗୁ ସବୁ ସ୍ଥାନରେ ଏହା ପହଞ୍ଚି ଯାଉଛି। ଜୀବ ପ୍ରାଣର ବାନ୍ଧବ ଏଇ ବୃକ୍ଷଲତା। ଏମାନଙ୍କୁ ନଷ୍ଟ କରିଦେଲେ କାଳକ୍ରମେ ଜୀବଜଗତ ପୁଣି ନିଜକୁ ବହୁ ବୁଦ୍ଧିମାନ ବୋଲାଉଥିବା ମନୁଷ୍ୟର ନିଜ ଓ ଭବିଷ୍ୟତ ବଂଶଧର ଯେ ନିଶ୍ଚିହ୍ନ ହେବେ ଏକଥା ଯେତେ ପାଠପଢ଼ି ଶିକ୍ଷିତ ହେଲେ ବି ମୁଣ୍ଡରେ ହେଜ ହେଉନାହିଁ। ବହୁ ଉତ୍ପାତର ଶକୁନ ଆଗରୁ ଦର୍ଶାଏ। ଏହି ଶକୁନ ଦେଖି ପ୍ରତିକାର ଚିନ୍ତନ କରି ତାର ଉଗ୍ରରୂପକୁ ଶାନ୍ତ କରିବା ବିଧାନ ରଷିକୃତ ଶାସ୍ତ୍ରରେ ଅଛି। ରାଜଭବନ, ଦେବ ମନ୍ଦିରରେ ଶକୁନ ପ୍ରଥମେ ଦେଖାଯାଏ। ନିର୍ଘାତ, ଶାକୁନ ଦୁଇଟି ଦିଗରୁ ପବନ ଏକ ସ୍ଥାନରେ ସଂଯୋଗ ହେଲେ ଏକ ଭୟଙ୍କର ଶକୁନ ହୁଏ। ବଜ୍ରପାତ ଶକୁନ ଏକ ଅଗ୍ନୀଜ ଶକୁନ। ଏଥିରେ ଦୁଇ ଦିଗରୁ ଦୁଇ ବିପରୀତଧର୍ମୀ ବା ଆଗପଛ ଯାତ୍ରାର ଭିନ୍ନ ଭିନ୍ନ ଧର୍ମୀ ବାଦଲ ପିଟି ହୋଇ ବଜ୍ରପାତ ରୂପ ନିଏ। ଏକ ବାଦଲ ଭୂମି ସୂର୍ଯ୍ୟ ପାଇଁ କୌଣସି କୋଠା, ଗମ୍ବୁଜ ଉଚ୍ଚଗଛ ମନ୍ଦିରର ସମ୍ବନ୍ଧ ରଖିଥାଏ। ଏପରି ଅଗ୍ନୀଜ ଶକୁନ ଅଛି। ଅନାବୃଷ୍ଟି ପରି ବୃଷ୍ଟି ବିକାର ଜଳାଶୟ ବିକାର ଅଛି। ମିଥ୍ୟା ଅପପ୍ରଚାର ଏକ ଶକୁନ ଏହା ଗୁଜବ ବ୍ୟାପିବାରେ ବୃଦ୍ଧି ହୋଇଚାଲେ। ହସ୍ତୀଙ୍କ ଅକାଳ ମରଣ ଏକ ବିଶେଷ ଶକୁନ, ଏମିତି ଅଛି ଜଙ୍ଗଲପଶୁ ଅଚାନକ ଜନପଦକୁ ଆସିବା ଓ ଜଳଜୀବମାନେ ସ୍ଥଳ ଭାଗରେ ଦେଖାଦେବା, ଏସବୁ ମାରାତ୍ମକ ଶକୁନ। ଏଇସବୁ ଶକୁନର ଶାନ୍ତି ଆବଶ୍ୟକ କରାଗଲେ ଏହାର ପରେ ପର ସମୟକୁ ଆସୁଥିବା ସାଂଘାତିକ ଆକ୍ରମଣ ଆଦି ଛୋଟ ଆକାରରେ ହୋଇପାରେ ଜନଧନ କ୍ଷୟ ରୋକି ହୋଇଯାଏ। ଅଗ୍ନୀର ଭୟ ଏବେ ଅନେକ ସ୍ଥାନରେ ଏପରି ଭୁବନେଶ୍ୱର ରାଜଭବନ ସମ୍ମୁଖ ଅଞ୍ଚଳରେ ହେଲା। ପରେ ପରେ ରାଜ୍ୟପାଳଙ୍କ ପତ୍ନୀ ବିୟୋଗ ଏ ଶକୁନ ସବୁ ଶାନ୍ତି କରିବାର କେହି ନାମ ଧରିଲେ ନାହିଁ। ଜଗନ୍ନାଥ ମନ୍ଦିରର ସିଂହଦରଜାସ୍ଥ ସିଂହର କ୍ଷତି ଫଣି ବାତ୍ୟାରେ ହେଲା, ମନ୍ଦିର ମଧ୍ୟରେ କଳ୍ପବଟର ବଡ଼ ବଡ଼ ଡାଳପତ୍ର ଭୀଷଣ ନଷ୍ଟ ହେଲା। ଏହା ସହିତ ବହୁ ମଠ ମନ୍ଦିର ସରକାର କୌଣସି ଶାନ୍ତି ପାଠ ନକରି ମନଇଚ୍ଛା ଭାଙ୍ଗିଛନ୍ତି। ଏସବୁର ଶାନ୍ତି ବିଧାନ କରାଯାଉନାହିଁ। ଲୋକେ ଯେଉଁ ଗୋ-ଦୁଗ୍ଧ ଶିବ ମନ୍ଦିରରେ ନେଇ ଦେବ ଉପାସନାରେ ଅଭିଷେକରେ ଲଗାଉଛନ୍ତି ତାହା ଯେ ସତ୍ୟ ଓ ଶୁଦ୍ଧ ଦୁଗ୍ଧ ନୁହଁ ସମସ୍ତେ ଜାଣନ୍ତି ତାର କୁପରିଣାମ କଣ ହେବ ତ୍ରିନେତ୍ରଧାରୀ ଶୂଳପାଣିଙ୍କ କୋପ କଣ ଶାସ୍ତ୍ରରେ କେହି ପଢ଼ିନାହାନ୍ତି। ଘୃତ ମଧୁ ସବୁ ଭେଜାଲ ଏହା ଦେବ ସମ୍ବନ୍ଧ ହୋମ ଦୀପ ପଞ୍ଚାମୃତରେ ଲାଗୁଛି ଏହା ଭେଜାଲ ହେଲେ ଅଗ୍ନୀ ସହ୍ୟ କରିବେ ତ ? ଦେବତା ଅଦୃଶ୍ୟ ଶକ୍ତି ଏହାଙ୍କର ଉପାସନାରେ ଛଳନା ପଶିଲେ ବର ଯେ ଛଳନାରେ ମିଳିବ ଏକଥା କେହି ଭୁଲନ୍ତୁନାହିଁ। ଶୁଦ୍ଧ ପରିବେଶ କିପରି ହେବ ସରକାର ଓ ରଷି ଶାସ୍ତ୍ରଜ୍ଞାତାମାନେ ଏବେଠୁ ଚିନ୍ତା କରନ୍ତୁ।


ଉତ୍କଳାନନ୍ଦ ଅଜୟ କୁମାର ବେହେରା
ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩




# ସିଏମସି ୪୮ନମ୍ବର ୱାର୍ଡ ୩ ବିଜେଡି କର୍ମୀଙ୍କ ଉପରୁ ନିଲମ୍ବର ପ୍ରତ୍ୟାହାର



**ଜଗତପୁର(ଏନ୍.ଏମ୍.):** ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଏମସି ୪୮ନମ୍ବର ୱାର୍ଡରେ ପୌର ନିର୍ବାଚନ ସମୟରେ ଦଳ ବିରୋଧି କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ୩ ଜଣ କର୍ମୀଙ୍କୁ ବିଜେଡି ନିଲମ୍ବିତ କରିଥିବାବେଳେ ଆଜି ସେମାନଙ୍କ ଉପରେ ନିଲମ୍ବନ ପ୍ରତ୍ୟାହାର କରିଛି। ନିଲମ୍ବନ କର୍ମୀମାନଙ୍କୁ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସୁପାରିସ କ୍ରମେ କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ କର୍ମୀଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ଆସନ୍ତା ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ନିଲମ୍ବିତ କର୍ମୀଙ୍କୁ କୋଳେଇ ନିଆଯାଇ ଥିବା ଘଟଣା ରାଜନୈତିକ ମହଲରେ ଖୁବ ଚର୍ଚ୍ଚା ହେଉଛି। ବିଜେଡିର ୩ ନିଲମ୍ବିତ କର୍ମୀଙ୍କ ମଧ୍ୟରେ ତ୍ରିଲୋଚନ ପଣ୍ଡା, ଇତିଶ୍ରୀ ପଣ୍ଡା ଓ ରୁଦ୍ର ମହାପାତ୍ରଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି। ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ୨୦୨୪ ନିର୍ବାଚନରେ ଜେନତେନ ପ୍ରକାର ଚୌଦ୍ୱାର-କଟକ ବିଧାନସଭା ଆସନ ହାତେଇବାକୁ ଦଳ ନୂତନ ରଣନୀତି ପ୍ରସ୍ତୁତ କରିଛି। ସେଥିପାଇଁ ନିଲମ୍ବିତ କର୍ମୀମାନଙ୍କୁ ଦଳ ପୁଣି ଏକଜୁଟ କରିବାରେ ଲାଗିଛି। ସେଥିପାଇଁ ବିଧାୟକ ସୌଭିକ ବିଶ୍ୱାଳ ପ୍ରାଣ ମୂର୍ଚ୍ଛା ଉଦ୍ୟମ ମଧ ଜାରି ରଖିଛନ୍ତି। ଦଳରୁ ନିଲମ୍ବିତ କର୍ମୀମାନଙ୍କୁ ପୁଣି ବିଜୁ ଜନତା ଦଳ କୋଳେଇ ନେଇଥିବା କଥା କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ ସୂଚନା ଦେଇଛନ୍ତି।

# ସନ୍ଦେହ ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର, ପାଖରେ ପଡ଼ିଛି ଭଙ୍ଗା ଶଙ୍ଖା ଓ ଚୁଡ଼ି

**ବାରଙ୍ଗ (ଏନ୍.ଏମ୍.):** ନିଖୋଜ ଥିବା ଗୟଳବାଙ୍କ ଗାଁର ଗୋପାଳ ନାଏକ(୪୮)ଙ୍କ ମୃତଦେହକୁ ଗତ ବୁଧବାର ଦିନ ବାରଙ୍ଗ ଥାନା ପୁଲିସ ସ୍ଥାନୀୟ ଏକ କାଜୁ ଜଙ୍ଗଲରୁ ଜବତ କରିଛି। ଗୋଡ଼ିସାହି ଫାଣ୍ଡି ବିଦ୍ୟାଧରପୁରସ୍ଥିତ ଶ୍ରୀ ବିଶ୍ୱବିଦ୍ୟାଳୟ ନିକଟ ମୁଣ୍ଡିଆରେ କାଜୁ ଜଙ୍ଗଲରୁ ଗୋପାଳଙ୍କ କ୍ଷତବିକ୍ଷତ ଗଳିତ ଶବ ଉଦ୍ଧାର କରାଯାଇଛି। କେହି ତାଙ୍କୁ ରାସ୍ତାରୁ ଜଙ୍ଗଲ ଭିତରକୁ ଘୋଷାରି ନେଇ ହତ୍ୟା କରିଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଅନୁମାନ କରାଯାଉଛି। ମୃତଦେହ ନିକଟରେ ଏକ ରକ୍ତଭିଜା ପଥର, ଜଣେ ମହିଳାଙ୍କ ଚପଲ, ଭଙ୍ଗା ଶଙ୍ଖା ଓ ଚୁଡ଼ି ପଡ଼ିଥିବା ବେଳେ ବେଶ୍ କିଛି ଦୂର ଘୋଷରା ଚିହ୍ନ ରହିଛି। ତେଣୁ ହତ୍ୟାକାଣ୍ଡ ବେଳେ ସେଠାରେ କେହି ମହିଳା ଥିବା ସନ୍ଦେହ କରାଯାଉଛି। ଏଣେ ୧୫ ଦିନ ତଳୁ ଘର ଛାଡ଼ି ପ୍ରେମିକ ସହ ପଳାଇଥିବା ସ୍ତ୍ରୀ ଗୋପାଳଙ୍କୁ ହତ୍ୟା କରିଛି ବୋଲି ଗୋପାଳଙ୍କ ଭାଇ ଓ ଭଉଣୀ ଅଭିଯୋଗ କରିବା ପରେ ସମସ୍ତଙ୍କ ସନ୍ଦେହ ଦୃଢ଼ୀଭୂତ ହୋଇଛି। ସବୁଦିନ ଭଳି ଗୋପାଳ ମଙ୍ଗଳବାର ସକାଳୁ ନିଜ ସ୍କୁଟି (ଓଡି୦୫ବିଡି-୯୫୪୧) ଧରି କର୍ମକ୍ଷେତ୍ରକୁ ବାହାରିଥିଲେ। ତେବେ ଖରାବେଳେ ପୁଅ ଝିଅ ଘରୁ ଫୋନ୍ କରିଥିଲେ ବି ସେ ଉଠାଇନଥିଲେ। ଅପରାହ୍ଣରେ ଉକ୍ତ ସ୍କୁଟିଟି ଉକ୍ତ ମୁଣ୍ଡିଆ ନିକଟରେ ନରାଜ ବ୍ୟାରେଜ୍ ଆଡ଼କୁ ଯାଇଥିବା ରାସ୍ତା କଡ଼ରେ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଗୋଡ଼ିସାହି ଫାଣ୍ଡି ପୁଲିସ ଗାଡ଼ି ଜବତ କରିଥିଲେ ମଧ ଗୋପାଳଙ୍କ କୌଣସି ପତ୍ତା ମିଳିନଥିଲା। ତେବେ ପରଦିନ ସକାଳେ କେହି ସ୍ଥାନୀୟ ଲୋକ କାଜୁ ଜଙ୍ଗଲକୁ ଯାଇଥିବା ବେଳେ ଏକ ଗଛ ମୂଳେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ଜଣାଗଲା ଯେ ତାହା ଗୋପାଳଙ୍କ ମୃତଦେହ। ତାଙ୍କ ମୁଣ୍ଡ ଓ ମୁହଁକୁ ପଥରରେ ଛେଚି ଦିଆଯାଇଥିବା ଜଣାପଡୁଥିଲା। ସେହିଭଳି ମୃତଦେହକୁ ପ୍ରାୟ ୩୦ ଫୁଟ୍ ଘୋଷାରି ନେଇ ଫିଙ୍ଗି ଦିଆଯାଇଥିଲା। ଖବର ପାଇ ବାରଙ୍ଗ ଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଘଟଣାସ୍ଥଳରୁ ସମସ୍ତ ସନ୍ଦିଗ୍ଧ ସାମଗ୍ରୀ ଜବତ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ଗୋପାଳର ଘର ଜଟଣୀ ଅଞ୍ଚଳରେ। ୧୫ ବର୍ଷ ପୂର୍ବେ ସେ ଗୟଳବାଙ୍କରେ ଘରଜୋଇଁଆ ଭାବେ ରହୁଥିଲେ। ତାଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି। ଗତ ପ୍ରାୟ ୧୫ ଦିନ ପୂର୍ବେ ଗୋପାଳଙ୍କ ସ୍ତ୍ରୀ ଘର ପରିବାର ଛାଡ଼ି କୌଣସି ଯୁବକ ସହ ପଳାଇଛନ୍ତି ବୋଲି ଆଜି ଗୋପାଳଙ୍କ ସାନ ଭାଇ ଗୋବିନ୍ଦ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ସ୍ତ୍ରୀ ଓ ପ୍ରେମିକ ମିଶି ଗୋପାଳଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଗ୍ରହଣ କରିଥିଲେ ବି ହତ୍ୟା ମାମଲା ରୁଜୁ କରିନଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ କଥା ଜଣାପଡ଼ିବ ବୋଲି ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଘୋଷରା ଦାଗ ଓ ମୃତଦେହର କ୍ଷତ ଚିହ୍ନକୁ ନେଇ କିଛି ସ୍ପଷ୍ଟ ନୁହେଁ। କାରଣ ଜଙ୍ଗଲ ଭିତରେ କେ?ଣସି ହିଂସ୍ର ପ୍ରାଣୀ ମୃତଦେହକୁ କ୍ଷତବିକ୍ଷତ କରି ଘୋଷାରି ନେଇଥାଇପାରେ। ତେଣୁ ବ୍ୟବଚ୍ଛେଦ ରିପୋର୍ଟରୁ ହିଁ ସବୁ ସତ ବାହାରିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି।

# ଓଡିଆ ଜାତିକୁ ପ୍ରଧାନମନ୍ତ୍ରୀଙ୍କ ସର୍ବଶ୍ରେଷ୍ଠ ପୁରସ୍କାର: ସମୀର ମହାନ୍ତି



**ଭୁବନେଶ୍ୱର(ଏନ୍.ଏମ୍.):** ଦ୍ରୌପଦୀ ମୁର୍ମୁଙ୍କୁ ଏନ୍ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ କହିଛନ୍ତି ଯେ, ଓଡ଼ିଆ ଜାତିକୁ ପ୍ରଧାନମନ୍ତ୍ରୀଙ୍କର ଏହା ସର୍ବଶ୍ରେଷ୍ଠ ପୁରସ୍କାର। ବୁଧବାର ଦିନ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଜୀବନ ସଂଗ୍ରାମରେ ବହୁ ଝଡ଼ଝଞ୍ଜାକୁ ପ୍ରତିହିତ କରି ଶ୍ରୀମତୀ ମୁର୍ମୁ ଜୀବନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନିଜ ନିଷ୍ଠା ଓ ଧେ?ର୍ଯ୍ୟ ବଳରେ କାଉନସିଲରରୁ ରାଜନୈତିକ ଜୀବନ ଆରମ୍ଭ କରି ରାଷ୍ଟ୍ରପତି ହେବାକୁ ଯାଉଥିବା ଦ୍ରେ?ପଦୀ ମୁର୍ମୁଙ୍କ ଜୀବନ ଏବଂ କାର୍ଯ୍ୟଶୈଳୀ ଆମ ସମସ୍ତଙ୍କୁ ପ୍ରଭାବିତ କରିଛି।ଶ୍ରୀ ମହାନ୍ତି କହିଛନ୍ତି ଯେ ମୋଦୀ ଶାସନରେ ଓଡ଼ିଆଙ୍କୁ ସମ୍ମାନ ମିଳିଛି। ଗୋଟିଏ ସାଧାରଣ ପରିବାରରେ ଜନ୍ମିତ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଜଣେ ମହିଳାଙ୍କୁ ସର୍ବୋଚ୍ଚ ସାମ୍ବିଧାନିକ ପଦବି ପାଇଁ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କୁ ସମଗ୍ର ରାଜ୍ୟବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ବିରଞ୍ଚି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସସିବି ମେଡ଼ିକାଲ ପୁନଃବିକାଶ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ



**କଟକ(ଏନ୍.ଏମ୍.):** ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପୁନଃ ବିକାଶ ଓ ସମ୍ପ୍ରସାରଣ କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସିଡିଏ ତଥା ଏସସିବି ପ୍ରକଳ୍ପ ରୂପାୟନ କମିଟି ଅଧକ୍ଷ ଅନୀଲ କୁମାର ସାମଲ ଅଧକ୍ଷତା କରିଥିଲେ। ସମୀକ୍ଷା ବୈଠକ ପ୍ରାରମ୍ଭରେ ଓଡ଼ିଶା ବ୍ରିଜ ନିର୍ମାଣ ନିଗମ ଲିମିଟେଡ଼ର ସର୍ବୋଚ୍ଚ ଯନ୍ତ୍ରୀ ତଥା ପରିଚାଳନା ନିର୍ଦ୍ଦେଶକ ଇଂ.ଜୟକୃଷ୍ଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସିଡିଏ ଅଧକ୍ଷ ଶ୍ରୀ ସାମଲ ଜିଲ୍ଲାପ୍ରଶାସନର ଜମି ଅଧିଗ୍ରହଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ସେହିଭଳି ରେଡକ୍ରସ କୋଠାସ୍ଥାନାନ୍ତରିତ ନିମନ୍ତେ ୧କୋଟି ଟଙ୍କା କଟକ ରାସ୍ତା ଓ ଗୃହ ଡିଭିଜନ-୧ରେ ପୈଠ କରାଯାଇଛି। ଏଥି ପାଇଁ ସମୁଦାୟ ୧କୋଟି ୫୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି। ସେହିଭଳି ବୋଷ ଗେଷ୍ଟ ହାଉସ ନିମନ୍ତେ ଓବିସିସିଓଏମପି ଛକରେ ୭୫୮ଡିସିମିଲ ଜମି ଚିହ୍ନଟିକରଣ କରିବା ସହ ଗୃହ ନକ୍ସା ଚୂଡାନ୍ତ କରିଛି। ଜୁଲାଇ ପ୍ରଥମ ସପ୍ତାହ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯିବ। ତେବେ ଏଥି ପାଇଁ ଓଡ଼ିଶା ବିହନ ନିଗମ ଲିମିଟେଡ଼ କୋଠା ସ୍ଥାନାନ୍ତରୀକରଣ ଓ ଓଡ଼ିଶା ରାଜ୍ୟ ଚମଡା ନିଗମ ଲିମିଟେଡ଼ କୋଠା ସ୍ଥାନାନ୍ତରୀକରଣ କାର୍ଯ୍ୟ ଚାଲୁଥିବା ବୈଠକରୁ ଜଣାପଡ଼ିଛି। ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ନିକଟ ବ୍ଲଡବ୍ୟାଙ୍କ କଲୋନୀ ବାସଗୃହଗୁଡିକୁ ଭଙ୍ଗାଯିବା ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ସମସ୍ତ ଜମିଜମା ବାବଦ ମାମଲା ଶୀଘ୍ର ଫଇସଲା କରିବାକୁ ଅଧକ୍ଷ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ। ଏସଆରସି କୋଠା ସ୍ଥାନାନ୍ତରୀକରଣ ଏବଂ ବାରଙ୍ଗ ଓଡିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ଗୋଦାମ ଘର ମରାମତିର କାର୍ଯ୍ୟକୁ ଶୀଘ୍ର ସମାପ୍ତ କରି ରାଜ୍ୟ ପୋର୍ଟ ଇଂଜିନିୟରିଂ କାର୍ଯ୍ୟାଳୟକୁ ସେଠାକୁ ସ୍ଥାନାନ୍ତରୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିରୂପା ରେସିଡେନ୍ସିର ଗୋଟିଏ ଟ୍ରାନ୍ସଫର୍ମର ସହ ଦୁଇଟି ବିଦ୍ୟୁତ ଖୁଣ୍ଟ, ତିନୋଟି ଆରଏମୟୁ ଏବଂ ଗୋଟାଏ ସିଏମଏସପି ଓ ୯ଟି ଖୁଣ୍ଟର ସ୍ଥାନାନ୍ତୀକରଣ ଟିପିସିଓଡିଏଲ କାର୍ଯ୍ୟ କରୁଛି ଏବଂ ଭୂତଳ କେବୁଲ ଅଡିଟୋରିୟମ ନିକଟରୁ ସ୍ଥାନାନ୍ତୀକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବ ଏବଂ ସେଥିଲାଗି ଲେଆଇଟ ଟିପିସିଓଡିଏଲକୁ ଦେଖାଇ ଦିଆଯାଇଥିଲା। ଏଲଏଣ୍ଡଟି କମ୍ପାନୀ ବୋଷ ପାଚେରୀ ନିକଟରୁ ଉପର ଏଚଟି ବିଦ୍ୟୁତ କେବୁଲ ସ୍ଥାନାନ୍ତୀକରଣ ସହ ପୁନଃ ଥଇଥାନ ନିମନ୍ତେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଳଦଣ୍ଡା କେନାଲ କ୍ଲିନିକାଲ ଲାଗି ଓପିଟିସିଏଲ ଉପରେ ଏଚଟି ବିଦ୍ୟୁତ କେବୁଲ କାର୍ଯ୍ୟ କରିବାକୁ ମଧ କୁହାଯାଇଛି। କାଠଯୋଡି ପାଣି ପାଇପ ଲାଇନ ପୁନଃ ନିର୍ମାଣ ଓ ବଦଳା କାର୍ଯ୍ୟ ଶତକଡା ୯୮ ଭାଗ କରାଯାଇଥିବା ସମୀକ୍ଷାରୁ ଜଣାପଡିଛି। କଟକ ମହାନଗର ନିଗମ ଅକ୍ଟୋବର ୧୧.୨୦୨୨ରେ ଏହି ମାଷ୍ଟର ପ୍ଲାନ ଅନୁମୋଦନ କରିଛି। ୨୦୨୨.୧୭ ଜାନୁଆରୀରେ ଏହି ପ୍ରକଳ୍ପ ନିମନ୍ତେ ପରିବେଶ ଅନୁମୋଦନ ଲାଭ କରିଛି। ପ୍ରଥମ ପର୍ଯ୍ୟାୟରେ କ୍ଲିନିକାଲ ବ୍ଲକରେ ୪ଟି ଟାୱାରରେ ୨୦୫୮ଟି ବେଡ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୪୪ଟି ଡାକ୍ତରଙ୍କ ବାସଗୃହ ଓ ୫୨୮ଟି ନର୍ସମାନଙ୍କ ବାସଗୃହ ଏବଂ ୧୩ଟି ଟାୱାରରେ ୨୨୪୪ଟି ଛାତ୍ରଙ୍କ କକ୍ଷ ନିର୍ମାଣ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୩୦ ମାସ ଏବଂ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ୨୪ ମାସରେ ଶେଷ ହେବବୋଲି ଲକ୍ଷ୍ୟ ରଖାଯାଇଛି। ୪୫.୫ ଏକର ଜାଗା ଏବଂ ୩ .୧୯ ଲକ୍ଷ ବର୍ଗମିଟର ନିର୍ମାଣ କାର୍ଯ୍ୟକୁ ଏଲଏଣ୍ଡଟି ୨୬୩୬.୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିବ। ସେହିପରି ଏନସିସି କମ୍ପାନୀ ୮୮୮.୫୦ କୋଟି ଟଙ୍କା ବ୍ୟୟରେ ୧୩ଟି ଟାୱାର ମହାନଦୀ, କାଠଯୋଡି ଓ ବିରୂପା ରେସିଡେନ୍ସି ଏବଂ ଡିଏଭି ସ୍କୁଲର ଗୋଟିଏ କୋଠା ନିର୍ମାଣ କରିବ। ଏହି ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, କଟକ ଜିଲ୍ଲାପାଳ ଭବାନୀଶଙ୍କର ଚୟନୀ, ପୂର୍ତ୍ତବିଭାଗ ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ପାଢ଼ୀ, ଏସସିବି ମେଡ଼ିକାଲର ସମସ୍ତ କର୍ତ୍ତୃପକ୍ଷ, ଡିଏମଇଟି ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ କମ୍ପାନୀର ବରିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଇଥିଲେ।

# ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ନେଇ ବିଧାୟକ ପ୍ରତାପ ଜେନାଙ୍କ ସମୀକ୍ଷା



**ମାହାଙ୍ଗା(ଏନ୍.ଏମ୍.):** ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମାହାଙ୍ଗା ବିଭିନ୍ନ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିବା ସହ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ କୁମୁଡ଼ା ପଜୟପୁର ଠାରେ ପହଞ୍ଚି ୧୧୮କୋଟି ବ୍ୟୟ ରେ ମେଗା ପାନୀୟ ଜଳ ପ୍ରକଳ୍ପ ଇଣ୍ଟେକ୍ ଟ୍ୟାଙ୍କ କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ସହ ମଧୁପୁର ଠାରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟସ୍ଥଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡ୍ରେନେଜ୍ ବିଭାଗ ପକ୍ଷରୁ ୧୧କୋଟି ବ୍ୟୟରେ ହେବାକୁ ଥିବା ମାହାଙ୍ଗା ଜରିଆ ଝିଲି ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜରିଆ ଝିଲି ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଏହା ସହିତ ଜରିଆ ଝିଲ୍ଲୀ ତଟରେ ଅବସ୍ଥିତ ସାଇ ମନ୍ଦିର ଦର୍ଶନଃ କରିବା ସହ ସାଇ ମନ୍ଦିର ସଲଗ୍ନ ବୋଟିଙ୍ଗ ପଏଣ୍ଟକୁ ପୁନଃ ଆରମ୍ଭ କରିବା ପାଇଁ ଅଧିକାରୀମାନଙ୍କ ସହ କଥା ହୋଇ ଥିଲେ। ଏଥିରେ ବ୍ଲକ ଅଧକ୍ଷା, ଉପାଧକ୍ଷ, ସମେତ ବିଭାଗୀୟ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ।

# ଶିଶୁ ଭବନ ନାମରେ ହେବ ଜମି ଓ କୋଠା : ଆରଡିସି




**କଟକ(ଏନ୍.ଏମ୍.):** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଚିକିତ୍ସା ପ୍ରତିଷ୍ଠାନ(ଶିଶୁ) ଭବନ ବହୁ ପୁରାତନ ପ୍ରତିଷ୍ଠାନ। ଏହାର ଜମି ଓ କୋଠାକୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ନାମରେ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିଶୁ ଭବନର ସାଧାରଣ ପରିଷଦ ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶଚନ୍ଦ୍ର ଦଳାଇ ସୂଚନା ଦେଇଛନ୍ତି। ଆରଡିସି ଡ. ଦଳାଇଙ୍କ ଅଧକ୍ଷତାରେ ଆରଡିସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସୂଚନା ଦେଇ କହିଲେ ସ୍ୱାସ୍ଥ୍ୟ ବିକାଶ ସମିତିର ଅଡିଟ ନିମନ୍ତେ ରାଜ୍ୟସରକାରଙ୍କୁ ପତ୍ର ଲେଖାଯିବ। ସେହିପରି ଏସସିବି ମେଡିକାଲ କଲେଜରୁ ଶିଶୁ ରୋଗୀମାନଙ୍କ ପରିବହନ ନିମେନ୍ତ ଶିଶୁ ଭବନ ଯତ୍ନବାନ ହୋବକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡା. ଦଳାଇ ପରାମର୍ଶ ଦେଇଥିଲେ। ଶିଶୁ ଭବନ ଅଧିକ୍ଷକ ଜ୍ଞାନ ବେହେରା ବାର୍ଷିକ ବିବରଣୀ ପାଠ କରିବା ସହ ସମସ୍ତ ସୂଚନା ଦେଇ କହିଥିଲେ ଯେ, ସମ୍ପ୍ରତି ଶିଶୁ ଭବନରେ ୪୧୬ଟି ଶଯ୍ୟା ରହିଛି। ସେଥିମଧ୍ୟରୁ ଆଇସିୟୁ ୨୧ଟି ଓ ୫୪ଟି ସ୍ୱତନ୍ତ୍ର ଚିକିତ୍ସା ଶଯ୍ୟା କାର୍ଯ୍ୟ କରୁଛି। ନୂତନ କୋଠା ଜି +୬ ମହଲା ନିର୍ମାଣ ଶେଷ ହେବା ପରେ ଏହି ଅନୁଷ୍ଠାନର ଶଯ୍ୟା ସଂଖ୍ୟା ୬ ଶହକୁ ବୃଦ୍ଧି ପାଇବ। ଶିଶୁ ଭବନରେ ସମସ୍ତ ଶିଶୁ ମାନଙ୍କ ଲାଗି ବିନା ଦେୟରେ ସ୍ୱାସ୍ଥ୍ୟ ସେବା, ନିର୍ମଳ, ନିଦାନ ଓ ନିରାମୟ ସେବା ଯୋଗାଇବା ସହ ଓପିଡି ପଞ୍ଜିକରଣ କମ୍ପ୍ୟୁଟରକରଣ କରାଯାଇଛି। ବର୍ତ୍ତମାନ ଶିଶୁ ଭବନ ସ୍ୱାସ୍ଥ୍ୟ ବିକାଶ ସମିତି ନିକଟରେ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ସମୁଦାୟ ୧୯ କୋଟି ୬୩ ଲକ୍ଷ ୭୧୨ ଠଟଙ୍କା ୯୬ପଇସା ଗଚ୍ଛିତ ଥିବା ସେ ପ୍ରକାଶ କରିଥିଲେ। ଶିଶୁ ଭବନ ପରିସରରେ ଅତିରିକ୍ତ ଶୌଚାଳୟ ନିର୍ମାଣ ହୋଇଥିବା, ପାର୍କର ପୁନଃ ନିର୍ମାଣ ଶେଷ, ଓମଫେଡ ପାର୍ଲର ଓମଫେଡ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରାଯାଇ ଖୋଲାଯାଇଥିବା ଅଡିଟ ତନଖି ଅନୁମୋଦନ, ସ୍ୱାସ୍ଥ୍ୟ ବିକାଶ ସମିତି ମାନବ ସମ୍ବଳ, ଡିଜି ସେଟର ରକ୍ଷଣାବେକ୍ଷଣ, ଫନୀ ବାତ୍ୟାରେ ନଷ୍ଟ ହୋଇ ଯାଇଥିବା ବୃକ୍ଷ ଗୁଡିକ ଅପସାରଣ ଦୈନିକ ଅଳିଆ ଆବର୍ଜନା ଉଠାଣ, ବର୍ଷା ଜଳ ଅପସାରଣ ସମସ୍ୟା, ମହାପ୍ରୟାଣ ଗାଡିରେ ଚାଳକ ନିଯୁକ୍ତି ପ୍ରସଙ୍ଗ, ସିଟି ସ୍କାନ ମେସିନ ସ୍ଥାପନ, ମୁଖ୍ୟ କିରାଣୀ ଓ ହିସାବ ଅଧିକାରୀ ନିଯୁକ୍ତି, ଅଗ୍ନି ନର୍ବାପକ ପ୍ରମାଣ ପତ୍ର ହାସଲ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ କଟକ ମହାନଗର ନିଗମ ମେୟର ସୁବାଶ ସିଂହ ଯୋଗ ଦେଇ କହିଲେ ସାଂସଦ ପାଣ୍ଠିକୁ ବ୍ୟବବହାର କରାଯାଇ ଅଧିକ ଆମ୍ବୁଲାନ୍ସ କ୍ରୟ କରିବାକୁ ଦୃଷ୍ଟି ଆର୍ଷଣ କରିଥିଲେ। ଶିଶୁ ଭବନ ମଧ୍ୟରୁ ବର୍ଷା ଜଳ ନିଷ୍କାସନ ନିମନ୍ତେ ସ୍ୱତନ୍ତ୍ର ସୁବିଧା କରାଯିବା ଲାଗି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏସଡଇଓ ଙ୍କ ରଥଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତି ବର୍ଷ ଶିଶୁ ଭବନରେ ସମସ୍ତ ବିଦ୍ୟୁତ ସରଞ୍ଜାମ ତନଖି କରାଯାଇ ଫାୟାର ପ୍ରମାଣପତ୍ର ପ୍ରଦାନ କରିବାକୁ ଗୁରୁତ୍ୱ ଦିଆଯିବା ଲାଗି ପରାମର୍ଶ ଦେଇଥିଲେ। ସେହିପରି ୨୦୧୯ ଅଗଷ୍ଟ ୧୭ତାରିଖରେ ହୋଇଥିବା ବୈଠକ ବିଷୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଏହି ବୈଠକରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ,ଏସସିବି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ପ୍ରସନଜିତ ମହାନ୍ତି, ଅଧିକ୍ଷକ ପ୍ରଫେସର ଡା. ଲୁସି ଦାସ, ସିଡିଏମଓ ଡା. ସତ୍ୟବ୍ରତ ଛୋଟରାୟ, ପ୍ରଶାସେନିକ ଅଧିକାରୀ ସ୍ମିତା ସିଂହ, ଡା, ବି ମହାନ୍ତି, ହିସାବ ରକ୍ଷକ ବି. ହୋତା, ଡା. ନରେନ୍ଦ୍ର ନାଥ ସୋରେନ ଏବଂ ସପୃକ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକ ଆରମ୍ଭରେ ଆରଡିସିଙ୍କ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଅଶାନ୍ତ ମାହାଙ୍ଗା: ପୁଲିସ ଅଧିକାରୀଙ୍କ ଘରୁ ଚୋରି

**ମାହାଙ୍ଗା(ଏନ୍.ଏମ୍.):** ମାହାଙ୍ଗା ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟୟ ହେବାରେ ଲାଗିଛି। ଲୁଟ, ଛିନତାଇ, ଡକେୟତି ଏବଂ ଚୋରି ଭଳି ଅପରାଧ ପ୍ରତିଦିନ ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହେଲେ ଆଜି ଜଣେ ପୁଲିସ ଅଧିକାରୀଙ୍କ ଘରୁ ଚୋରି ହେବା ଘଟଣା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି। ପୁଲିସ ନାଁ ଶୁଣିଲେ ଚୋର ଡରି ପଳାଉଥିଲେ। ଆଜି ହେଲେ ପୁଲିସ ଘରୁ ହୋଇଛି ଚୋରି। ଏଭଳି ଘଟଣା କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉମର ଗାଁରେ ଘଟିଥିବା ଜଣାପଡ଼ିଛି। ଅନୁଗୁଳ ପୋଲିସ ଟ୍ରନିଂ ସେଣ୍ଟରରେ ଟ୍ରେନର ଥିବା ଏଏସଆଇ ଏହି ଗାଁର ସୁଧାଂଶୁ ସାମଲ ଓ ଅନୁଗୁଳ ଏସ୍ପି ଅଫିସରେ କ୍ଲର୍କ ଭାବେ ଚାକିରୀ କରିଥିବା ତାଙ୍କ ସ୍ତ୍ରୀ ସାଧନା ସେଟଙ୍କ ଘରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଜିନିଷ ଚୋରି ହୋଇଛି। ଗାଁରେ ଥିବା ତାଙ୍କର ଏହି ଘରେ ତାଙ୍କ ଦାଦା ରୁହନ୍ତି। ଶୁକ୍ରବାର ରାତିରେ ତାଙ୍କ ଗାଈ ଅସୁସ୍ଥ ହୋଇପଡିଥିବାରୁ ପାଖରେ ଥିବା ତାଙ୍କ ନିଜ ଘରକୁ ପଳାଇ ଆସିଥିଲେ। ଏହାର ସୁଯୋଗ ନେଇ ଚୋରମାନେ ତାଲା ଭାଙ୍ଗି ଘରେ ପଶି ସମସ୍ତ ଆସବାବପତ୍ର ନେଇଯିବା ସହ ଗହଣାଗାଣ୍ଠି ନେଇଯାଇଥିବାର ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି।

# ଏସସିବି ପ୍ରକଳ୍ପ ରୂପାୟନ କମିଟି ବୈଠକ

**କଟକ(ଏନ୍.ଏମ୍.):** କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ତଥା ଏସସିବି ପ୍ରକଳ୍ପ ରୂପାୟନ କମିଟିର ଅଧକ୍ଷ ଅନୀଲ କୁମାର ସାମଲଙ୍କ ଅଧକ୍ଷତାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ଚିକିତ୍ସାଳୟର ପୁନଃ ବିକାଶ ଓ ସମ୍ପ୍ରସାରଣ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷା ବୈଠକ ପ୍ରାରମ୍ଭରେ ଓଡିଶା ବ୍ରିଜ ନିର୍ମାଣ ନିଗମ ଲିଃ.ର ସର୍ବୋଚ୍ଚ ଯନ୍ତ୍ରୀ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ଜୟକୃଷ୍ଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସିଡିଏ ଅଧକ୍ଷ ଶ୍ରୀ ସାମଲ ଜିଲ୍ଲା ପ୍ରଶାସନର ଜମି ଅଧିଗ୍ରହଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ରେଡକ୍ରସ କୋଠା ସ୍ଥାନାନ୍ତରୀକରଣ ନିମନ୍ତେ ୧ କୋଟି ଟଙ୍କା କଟକ ରାସ୍ତା ଓ ଗୃହ ଟିଭିଜନ-୧ରେ ପୈଠ କରାଯାଇଛି ଏବଂ ଏହି କାର୍ଯ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷ ଆରମ୍ଭ କରିଛନ୍ତି। ଏଥିଲାଗି ସମୁଦାୟ ୧ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଛି। ସେହିପରି ବୋଷ ଗେଷ୍ଟ ହାଉସ ନିମନ୍ତେ ଓବିସିସି ଏବଂ ଏମ ପି ଛକରେ ୭୫୮ ଡିସିମିଲ ଜମି ଚିହ୍ନଟୀ କରଣ କରିବା ସହ ଗୃହ ନକ୍ସା ଚୂଡାନ୍ତ କରିଛି ଏବଂ ଜୁଲାଇ ପ୍ରଥମ ସପ୍ତାହରେ ଏଥିଲାଗି ଟେଣ୍ଡର ଆହ୍ୱାନ କରାଯିବ। ସମୀକ୍ଷା ବୈଠକରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନି, ପୂର୍ତ୍ତବିଭାଗ ସ୍ୱତନ୍ତ୍ର ସଚିବ ହେମନ୍ତ କୁମାର ପାଢୀ, ଏସସିବି ମେଡିକାଲ କଲେଜର ସମସ୍ତ କର୍ତ୍ତୃପକ୍ଷ , ଡିଏମଇଟି ସମ୍ପୃକ୍ତ ବିଭାଗଗୁଡିକର ବରିଷ୍ଠ ଅଧିକାରୀ, ସମ୍ପୃକ୍ତ କମ୍ପାନୀର ବରିଷ୍ଠ ଇଂଜିନିୟର ପ୍ରମୁଖ ଯୋଗ ଦେଇଥିଲେ।

# ଚୌଦ୍ୱାର ଅଟୋ ଡ୍ରାଇଭରଙ୍କ ରହସ୍ୟଜନକ ମୃତ୍ୟୁ: ପୁଲିସ କହୁଛି ଦୁର୍ଘଟଣା, ପରିବାର ଲୋକେ କହିଛନ୍ତି ହତ୍ୟା

## କୁହୁଳୁଛି ଅସନ୍ତୋଷ ଥାନ ଘେରାଉ କଲେ ସ୍ଥାନୀୟ ଲୋକେ





**ଚୌଦ୍ୱାର(ଏନ୍.ଏମ୍.):** ଅଟୋ ଡ୍ରାଇଭର ଲୋକନାଥ ବିଶ୍ୱାଳଙ୍କୁ ହତ୍ୟା କରାଯାଇ ନାହିଁ ବରଂ ଲୋକନାଥ ଦୃଘଟଣାର ଶିକାର ହୋଇ ମୃତ୍ୟୁ ବରଣ କରିଛନ୍ତି ବୋଲି ପୁଲିସ ସ୍ପଷ୍ଟ କରିଛି। ଏନେଇ ଚୌଦ୍ୱାର ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନଙ୍କୁ ପୁଲିସ ଘଟଣା ସ୍ଥଳକୁ ଆଣି ସିନ ରିକ୍ରେସନ କରିଛି। ହେଲେ ପରିବାର ଲୋକେ ଏହାକୁ ସହଜେ ଗ୍ରହଣ କରିପାରୁନାହାଁନ୍ତି। ସୂଚନା ଅନୁଯାୟୀ ଗତ ମାସ ୩୧ତାରିଖ ରାତିରେ ଜଗତପୁର ବିରୂପା ବ୍ୟାରେଜ ଉପରେ ଏକ ଡାଲା ଅଟୋ ଓଲଟି ପଡ଼ିଥିବା ବେଳେ ସେହି ଗାଡ଼ିର ଡ୍ରାଇଭର ନିଖୋଜ ଥିଲେ। ତାପର ଦିନ ସକାଳୁ ଡ୍ରାଇଭରଙ୍କ ମୃତଦେହ ଦୃଘଟଣା ହୋଇଥିବା ସ୍ଥାନ ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ମିଳିଥିଲା। ଗାଡ଼ି ଡ୍ରାଇଭର ଜଣଙ୍କ ଚୌଦ୍ୱାର ଓଟିଏମ୍ ଦୁର୍ଗା ବଜାରର ଲୋକନାଥ ବିଶ୍ୱାଳ ବୋଲି ଜଣା ପଡିଥିଲା। ତେବେ ତାଙ୍କୁ କିଏ ହତ୍ୟା କରି କ୍ଷତ ବିକ୍ଷତ ଅବସ୍ଥାରେ ପକାଇ ଦେଇ ଯାଇଥିବା ତାଙ୍କ ପରିବାର ତରଫରୁ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଘଟଣାର ତଦନ୍ତ କରି ୨୧ଦିନ ପରେ ଏହା ହତ୍ୟା ନୁହେଁ ବରଂ ଦୁର୍ଘଟଣା ବୋଲି ଏକ ପ୍ରେସମିଟ କରି ସୂଚନା ଦେଇଛନ୍ତି କଟକ ଏଡିସିପି ପ୍ରମୋଦ କୁମାର ରଥ। ପୁଲିସ ତଦନ୍ତ ସମୟରେ ସିସିଟିଭି ଯାଞ୍ଚ କରି ଏକ ମହେନ୍ଦ୍ରା ପିକଅପ୍ ବୋଲେରୋ ଗାଡ଼ିକୁ ଧରିବାରେ ସଫଳ ହୋଇଥିଲା। ସେହି ଗାଡ଼ିର ଡ୍ରାଇଭର ଓଟିଏମ୍ ଦୁର୍ଗା ବଜାରର ମଞ୍ଜିତ୍ ସାହୁ ଓ ମାଲିକ ଚୌଦ୍ୱାର ଡିହସାହି ଅଞ୍ଚଳର ସୁମନ୍ତ ନାୟକଙ୍କୁ ଗିରଫ କରିଥିଲା। ଡ୍ରାଇଭରଙ୍କ କହିବା ଅନୁଯାୟୀ ସେଦିନ ରାତି ପ୍ରାୟ ୧୦ଟା ସମୟରେ ଖୋର୍ଦ୍ଧାରୁ ଗାଡ଼ି ନେଇ ଚୌଦ୍ୱାର ଆଡ଼କୁ ଆସିବା ସମୟରେ ଆଖି ଲାଗି ଯାଇଥିଲା। ଫଳରେ ଲୋକନାଥଙ୍କ ଡାଲା ଅଟୋରେ ପଛରୁ ପିକଅପ୍ ଧକ୍କା ହୋଇଥିଲା। ଏଥିରେ ଲୋକନାଥଙ୍କ ଗାଡ଼ି ଓଲଟି ଯାଇଥିଲା। ଗାଡିରୁ ଲୋକନାଥ ଛିଟିକି ପଡି ପିକଅପ୍ ଗାଡ଼ି ତଳେ ଲାଗି ଦେଢ଼ କିଲୋମିଟର ଟାଣି ଆସିଥିଲେ। ଗାଡ଼ିଟି ମଙ୍ଗୁଳିଛକ ଦେଇ ଚୌଦ୍ୱାର ନୁନଟିକିରି ପାଖରେ ହିଁ ଡ୍ରାଇଭର ଜାଣିବାକୁ ପାଇଲା ଯେ ଗାଡ଼ି ତଳେ କିଛି ଲାଗିଛି। ପରେ ସେ ରକ୍ତାକ୍ତ ଅବସ୍ଥାରେ ଲୋକନାଥଙ୍କୁ ଦେଖିବାକୁ ପାଇଥିଲେ। ଏନେଇ ସେ ତା ଗାଡ଼ି ମାଲିକ ସୁମନ୍ତଙ୍କୁ ଜଣାଇଥିଲା। ମାଲିକଙ୍କ କହିବା ଅନୁଯାୟୀ ସେ ଲୋକନାଥଙ୍କୁ ସେହିଠାରେ ପକାଇ ଚାଲି ଯାଇଥିଲେ। ହେଲେ ଏସବୁ ଘଟଣାକୁ ଲୋକନାଥଙ୍କ ପରିବାର ଗ୍ରହଣ କରୁନାହାନ୍ତି। ସେମାନଙ୍କ କହିବା ଅନୁଯାୟୀ ଏହି ଘଟଣାରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ପୁଲିସ ଜାଣିଶୁଣି କେବଳ ଦୁଇଜଣଙ୍କୁ ଗିରଫ କରି ଘଟଣାକୁ ରଫାଦଫା କରୁଛି। ପ୍ରକୃତ ତଦନ୍ତ ପାଇଁ ସେମାନେ କ୍ରାଇମ୍ ବ୍ରାଞ୍ଚ ଓ ସିବିଆଇ ଅଫିସ ପର୍ଯ୍ୟନ୍ତ ଯିବେ ବୋଲି କହିଛନ୍ତି। ଅପର ପକ୍ଷରେ ପ୍ରକୃତ ଦୋଷୀଙ୍କୁ ଗିରଫ କରିବା ଦାବିରେ ଆଜି ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଚୌଦ୍ୱାର ଥାନା ଘେରାଉ କରିଥିଲେ।




# ନ୍ୟାୟ ନପାଇ କିଶୋରନଗର ଥାନା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ : ଶେଷରେ ବୁଜିଲେ ଆଖି




**କଟକ ସଦର(ଏନ୍.ଏମ୍.):** ନ୍ୟାୟ ପାଇଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଧିକାରୀଙ୍କ ନିଷ୍କ୍ରିୟତା ପ୍ରତିବାଦରେ ଜଣେ ଅଭିଯୋଗକାରୀ ଥାନା ପରିସରରେ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଚର୍ଚ୍ଚାକୁ ଆସିଛି । ସମ୍ପୃକ୍ତ ବ୍ୟକ୍ତିଜଣକ ଏଭଳି କରିବା ଦ୍ୱାରା ରାଜ୍ୟରେ ସମଗ୍ର ପୁଲିସ ବିଭାଗର ଅବହେଳା ତଥା ପକ୍ଷପାତିତାକୁ ସ୍ପଷ୍ଟ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସ୍ଥାନୀୟ କିଶନନଗର ଅଞ୍ଚଳରେ । ଦୀର୍ଘ ଦିନ ଧରି କିଶନନଗର ଥାନାରେ ଅରାଜକତା ଲାଗିରହିଥିବା ଏବଂ ଲୋକେ ନ୍ୟାୟ ନପାଇ ଓଲଟା ମାମଲାରେ ଛନ୍ଦି ହେବା ଅଭିଯୋଗ ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିବା ସମଗ୍ର ଅଞ୍ଚଳକୁ ସ୍ତମ୍ଭିଭୂତ କରିଦେଇଛି । ପ୍ରକାଶ ଯେ, ଜନୈକ ବ୍ୟକ୍ତି ହଠାତ୍ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିର ସମ୍ମୁଖରେ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ । ତାଙ୍କ ଶରୀର ୮୦ ଭାଗ ପୋଡିଯାଇଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତର ଖାନା ପଠାଯାଇଥିଲା । ତେବେ ଦୁଇଦିନ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା । ତେବେ ଆତ୍ମାହୁତି ଉଦ୍ୟମ କରିଥିବା ବ୍ୟକ୍ତିଜଣକ ଈଶାଣି ବରହମପୁର ଗ୍ରାମର ଗୁଣନିଧି ବିଷୋୟୀ (୪୮) । ତେବେ କୌଣସି ଘଟଣାକୁ ନେଇ ନ୍ୟାୟ ପାଇଁ ଥାନାର ଆଶ୍ରୟ ନେଇଥିବାବେଳେ ଥାନା ଅଧିକାରୀ ତାଙ୍କ ଅଭିଯୋଗକୁ ଅଣଦେଖା କରିଥିଲେ । ଫଳରେ ସେ ଥାନାକୁ ଦୌଡି ଦୌଡି ନିରାଶ ହେବା ପରେ ଏପରି ଚରମ ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି । ଅନ୍ୟପକ୍ଷରେ ଥାନା ଅଧିକାରିଣୀଙ୍କ ମାତ୍ରାଧିକ କାର୍ଯ୍ୟକଳାପ ଓ ଆଶାଳୀନ ବ୍ୟବହାର ଜନସାଧାରଣଙ୍କୁ ଅତିଷ୍ଠ କରୁଥିବା ବେଳେ ତାଙ୍କୁ ଉକ୍ତ ଥାନାରୁ ଯାଜପୁର ଜିଲ୍ଲାକୁ ବଦଳୀ ହୋଇଥିବା ଜଣାପଡିଛି । ମାତ୍ର ସମ୍ପୃକ୍ତ ଅଧିକାରୀ ଜଣକ ସ୍ଥାନୀୟ ନେତାଙ୍କୁ ଧରି ଏଠାରେ ରହିବାକୁ ଚାପ ଓ ଉଦ୍ୟମ କରିବା ସହ କେବଳ ମୁଷ୍ଟିମେୟ ଲୋକଙ୍କ ନିର୍ଦ୍ଦେଶକ୍ରମେ ଥାନା ପରିଚାଳିତ ହେଉଥିବା ଭଳି ସଂଗୀନ ଅଭିଯୋଗ ଉଠିଛି । ଏ ନେଇ ପୁଲିସ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି । ଏଥି ସହିତ ଆତ୍ମାହୁତି ଉଦ୍ୟମ କରିବା ଘଟଣାରେ ଥାନା ଅଧିକାରୀଙ୍କୁ ଦାୟୀ କରାଯାଇ ଅଧିକ ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ସଂକ୍ରାମକ ରୋଗ ନିରାକରଣ ନେଇ ସିଏମସି ମେୟରଙ୍କ ସମୀକ୍ଷା ବୈଠକ

**କଟକ(ଏନ୍.ଏମ୍.):** କଟକ ସହରରେ ପୂର୍ବରୁ ବହୁ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେବା ସହ କିଛି ବ୍ୟକ୍ତି ମଧ୍ୟ ମୃତ୍ୟୁବରଣ କରିଛନ୍ତି । ତେବେ କଟକ ସହରକୁ ଡେଙ୍ଗୁ ମୁକ୍ତ ରଖିବା ପାଇଁ ସିଏମସି ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଛି । ତେବେ ମେୟରଙ୍କ ଅଭିଜ୍ଞତାରୁ ଏବେ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ଭଳି ପ୍ରାଣଘାତୀ ସଂକ୍ରାମକ ରୋଗ ବ୍ୟାପିବାର ସମୟ ଆସିଛି । ତେଣୁ ଏହା ପୂର୍ବରୁ ଯଦି ପଦକ୍ଷେପ ନିଆନଯାଏ ତେବେ ବିଗତ ଦିନ ଭଳି କଟକ ସହରରେ ସଂକ୍ରମଣ ରୋଗ କାୟାବିସ୍ତାର କରିବ । ଏହା ପୂର୍ବରୁ ସିଏମସିର ବିଭାଗୀୟ ଅଧିକାରୀ ଓ କର୍ମଚାରୀଭାବେ କିଭଳି ଏହି ସଂକ୍ରାମକ ରୋଗକୁ ନିରାକରଣ କରି ପାରିବେ ସେ ନେଇ ମେୟର ଏକ ଜରୁରୀ ବୈଠକ ଡାକିଥିଲେ ।



ରାଜ୍ୟରେ ସମ୍ପ୍ରତି ୨୨୨ଜଣ ବ୍ୟକ୍ତି ଡେଙ୍ଗୁ ଆକ୍ରାନ୍ତ ହୋଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ଓ ଖୋର୍ଦ୍ଧାଜିଲ୍ଲାରୁ ଶତାଧିକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତେବେ କଟକ ଜିଲ୍ଲାରେ ଏ ପର୍ଯ୍ୟନ୍ତ କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନଥିଲେ ମଧ୍ୟ ଆଗୁଆ ପଦକ୍ଷେପ ନେବା ଉଚିତ ବୋଲି ମେୟର ସୁବାସ ସିଂହ କହିଛନ୍ତି । ଏହି ପରିପ୍ରେକ୍ଷରରେ ସିଏମସି ସମ୍ମିଳନୀ କକ୍ଷରେ ଆୟୋଜିତ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ସମ୍ପର୍କୀତ ସମୀକ୍ଷା ବୈଠକରେ ମେୟର ଅଧ୍ୟକ୍ଷତା କରି କଟକ ସହରକୁ କିଭଳି ବର୍ଷାଦିନିଆ ସଂକ୍ରମଣକୁ ରୋକାଯାଇ ପାରିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ସହରରେ ଘରକୁ ଘର ସର୍ଭେ କରାଯାଇ ଲକ୍ଷଣଯୁକ୍ତ ଲୋକଙ୍କୁ ଠାବ କରିବା ସହ ବ୍ୟାପକ ସଚେତତା କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ସେହିଭଳି ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଚଳିତବର୍ଷ ସଂକ୍ରାମକ ରୋଗ ନିରାକରଣ ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ନୂତନ ଭାବେ ଯୋଗଦେଇଥିବା ଅତିରିକ୍ତ କମିଶନର ଅନାମ ପାତ୍ରଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି । ଆଶା କର୍ମୀମାନେ ଘରୁକୁ ଘର କିଭଳି ସର୍ଭେ କରିବେ ସେ ସଂକ୍ରାନ୍ତରେ ସଚେତନତା ବୈଠକ କରାଯାଇ ତାଲିମ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହାଛଡ଼ା ପ୍ରତିମାସରେ ୪ଟି ରବିବାର ଡ୍ରାଏ ଡେ ଭାବେ ପାଳନ କରାଯିବ । ଏହି ଦିନରେ ଅଦରକାରୀ ଟାୟାର, ଛାତ ତଥା ଘର ଆଖପାଖ ସ୍ଥାନରେ ପାଣି ଜମିବାକୁ ନଦେବା ଓ ବ୍ୟାପକ ସଫେଇ ପାଇଁ ପଦକ୍ଷେପ ନିଆଯିବ । ସେହିଭଳି କଟକ ସହରରେ ୧୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହୁରି ଉନ୍ନତିକରଣ କରିବାକୁ ପଦକ୍ଷେପ ନିଆଯିବ ବୋଲି ଆଲୋଚନା କରାଯାଇଥିଲା । ଚଳିତବର୍ଷ ସିଏମସି ପକ୍ଷରୁ ୫୯ଟି ୱାର୍ଡରେ ସର୍ଭେ କରିବା ନିମନ୍ତେ ୨୫୦ଜଣ ସହରାଞ୍ଚଳ ଆଶାକର୍ମୀଙ୍କୁ ନିୟୋଜିତ କରାଯାଇଛି । ସହରବାସୀଙ୍କୁ ଡେଙ୍ଗୁ ସଂକ୍ରାନ୍ତରେ ସଚେତନ କରିବାକୁ ୨ଟି ପବ୍ଲିକ ହେଲଥ ଟିମକୁ ଦାୟିତ୍ୱ ଦିଆଯାଇଛି । ବୈଠକରେ ଯୁଗ୍ମ ଆୟୁକ୍ତ ସୁମିତା ସରକାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ସମେତ ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଉପସ୍ଥିତ ଥିଲେ ।

# ସ୍ୱାମୀର ଟାଙ୍ଗିଆ ଚୋଟରେ ସବୁ ଦିନ ପାଇଁ ଶୋଇଗଲା ସ୍ତ୍ରୀ




**ପାଟକୁରା(ଏନ୍.ଏମ୍.) :** ସ୍ୱାମୀର ଟାଙ୍ଗିଆ ଚୋଟରେ ସବୁ ଦିନ ପାଇଁ ଶୋଇଗଲା ସ୍ତ୍ରୀ । ଯାହାକୁ ଜନ୍ମଜନ୍ମାନ୍ତର ପାଇଁ ସାଥୀ ହୋଇ ରହିବାକୁ କଥା ଦେଇଥିଲେ ତାକୁ ନିଜ ହାତରେ ମାରିଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଦେଇଛି । ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ମୁସଲିମ ବସ୍ତିରେ ଅଭାବନୀୟ ଘଟଣା ଘଟିଛି । ଶୋଇଥିବା ବେଳେ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ସ୍ୱାମୀ । ପାଟକୁରା ପୁଲିସ ଅଭିଯୁକ୍ତ ସ୍ୱାମୀ ମନାନକୁ ପାଟକୁରା ଥାନାରେ ଅଟକ ରଖିଛି । ରକ୍ତଲଗା କୁରାଢୀ ଘର ଭିତରୁ ଜବତ କରାଯାଇଛି । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ହତ୍ୟାର ନିର୍ଦ୍ଦିଷ୍ଟ କାରଣ କିନ୍ତୁ ଜଣାପଡ଼ିନାହିଁ । ସୂଚନା ଅନୁସାରେ, ମନାନ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ କଳି ଝଗଡ଼ା ଲାଗି ରହୁଥିଲା । ମନାନ ପତ୍ନୀଙ୍କୁ ମଧ୍ୟ ମାରଧର କରୁଥିଲେ । ଗତକାଲି ରାତିରେ ଖାଇ ପିଇ ସେମାନେ ଗୋଟିଏ କୋଠରିରେ ସ୍ୱାମୀ-ସ୍ତ୍ରୀ ଶୋଇଥିଲେ । ମନାନ ଖଟ ଉପରେ ଶୋଇଥିବା ବେଳେ ସ୍ତ୍ରୀ ପାରୁଲ ତଳେ ଶୋଇଥିଲେ । କିନ୍ତୁ ରାତି ଅଧରେ ମନାନ ସେହି ଘରେ ଥିବା ନିଜର କାଠକଟା ଟାଙ୍ଗିଆରେ ପାରୁଲଙ୍କ ବେକରେ ଶକ୍ତ ଚୋଟ ପକାଇଥିଲେ । ସେଇଠି ଛଟପଟ ହୋଇ ପାରୁଲଙ୍କ ଜୀବନ ଚାଲି ଯାଇଥିଲା । ଶୋଇବା ଘର ରକ୍ତରେ ଭିଜି ଯାଇଥିଲା । ରକ୍ତ ଭିଜା ଟାଙ୍ଗିଆକୁ ମନାନ ସେହି ଘରକୋଣରେ ରଖି ଘର ଛାତ ଉପରକୁ ଚଢିଯାଇ ଲୁଚି ରହିଥିଲା । ଏହି ଘଟଣା ଜଣାପଡ଼ିବା ପରେ ପାଟକୁରା ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ମନାନଙ୍କୁ ଘର ଛାତ ଉପରୁ କାବୁ କରିଥିଲା । ଅନ୍ୟପଟେ ମନାନଙ୍କ ମାନସିକ ବିକୃତି ରହିଛି ବୋଲି ଆଇଆଇସି ସରୋଜ ସାହୁ ସୂଚନା ଦେଇଛନ୍ତି ।

# ବିଧବା ମା' ମୁଣ୍ଡରେ ଭିନ୍ନକ୍ଷମ ପୁଅର ବୋଝ, ପେଟ ପାଇଁ ବୁଲୁଛନ୍ତି ବାରଦୁଆର

**ଓଡ଼ଗାଁ (ଏନ୍.ଏମ୍.) :** ଆହା ପଦେ କହିବାକୁ କେହି ନାହିଁ । ସ୍ୱାମୀ ଚାଲିଯିବା ପରେ ଏକାକି ଦିବ୍ୟାଙ୍ଗ ପୁଅକୁ ଧରି ସାରା ଜୀବନ ଚାଲିବାକୁ ପଡୁଛି । ଅବସ୍ଥା ଏମିତି ହୋଇଛି ମାଆ ପୁଅଙ୍କ ଦେହରେ ଆଉ ଚାଲିବାକୁ ଶକ୍ତି ନାହିଁ । ପେଟ ଚାଖଣ୍ଡେକ ପାଇଁ ବାରଦୁଆର ବୁଲି ହାତ ପାତିବାକୁ ପଡୁଛି । ସେ ଏଭଳି ଗାଁ ଗାଁ ବୁଲି ଚାଉଳ, ପଇସା ମାଗି ପେଟ ପୋଷିଥାନ୍ତି । ଓଡ଼ଗାଁ ପାଟଣାସାହିରେ ଏକ ଭଡ଼ା ଘରେ ପଞ୍ଚୁ ସେଠୀଙ୍କ ସ୍ତ୍ରୀ ସୁଶୀଳା ସେଠୀ ଏବଂ ତାଙ୍କ ଦିବ୍ୟାଙ୍ଗ ପୁଅ ଦିଲୀପ ସେଠୀ ରହି ଆସୁଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ସୁଶୀଳାଙ୍କ ଦେଢଶୁର ଏବଂ ଦିଅର ତାଙ୍କ ସହିତ କଳି ଝଗଡା କରି ଘରୁ ବାହାର କରିଦେଲେ । ସେବେଠାରୁ ସେ ଓଡ଼ଗାଁ ପାଟଣାସାହିରେ ୭ ଶହ ଟଙ୍କା ଭଡାଘର ନେଇ ରହୁଛନ୍ତି । ରୋହିବାଙ୍କ ଗ୍ରାମରେ ତାଙ୍କର ଜାଗାବାଡ଼ି ଥିଲା ଏବଂ ସେ ଆବାସ ଯୋଜନାରେ ଘର ପାଇଥିଲେ । ଠିକାଦାର ଘର କରିଦେବ କହି ସବୁ ଟଙ୍କା ନେଇଯିବା ପରେ ଆଉ ଘର କଲାନାହିଁ । ଏଭଳି ପରିସ୍ଥିତିରେ ମାଆ ପୁଅ ଦୁହେଁ ଘର ଛାଡିବାକୁ ବାଧ ହେଲେ । ପୁଅ ଦିଲୀପ ସେଠୀ ପିଲାଦିନରୁ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ଚାଲବୁଲ କରି ପାରୁନାହାନ୍ତି । ଗୋଟିଏ ବୋଲି ପୁଅର ମୁହଁକୁ ଚାହିଁ ମା' ବାର ଦୁଆର ବୁଲି ଭିକ୍ଷାବୃତ୍ତି କରୁଛି । ସରକାରଙ୍କ ତରଫରୁ ତାଙ୍କୁ ୩୫ କିଲୋ ଚାଉଳ ଏବଂ ୫ ଶହ ଟଙ୍କା ଲେଖାଏଁ ଭତ୍ତା ବାବଦକୁ ମିଳୁଛି କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ବୋଲି ସୁଶୀଳା କହିଛନ୍ତି । ରୋହିବାଙ୍କ ପଞ୍ଚାୟତରୁ ତାଙ୍କୁ ଭତ୍ତା ଏବଂ ରାସନ ସାମଗ୍ରୀ ପ୍ରଦାନ କରାଯାଉଛି କିନ୍ତୁ ଓଡ଼ଗାଁରୁ ରୋହିବାଙ୍କ ୧୨ କିଲୋମିଟର ଦୂର ଅଟୋ ଭଡ଼ା କରି ଗଲେ ଥରକୁ ଅଢେଇ ଶହ ଟଙ୍କା ଅଟୋ ଭଡ଼ାରେ ଯାଏ ବୋଲି ସେ କହିଛନ୍ତି । ଏମିତି ପ୍ରତିମାସରେ ଭତ୍ତା ଏବଂ ରାସନ ପାଇଁ ଦୁଇଥର ଯିବାକୁ ପଡ଼ିଥାଏ । ନିଜ କର୍ମକୁ ଆଦରି ବାଧ ହୋଇ ବାର ଦୁଆର ବୁଲି ଆକୁତାକୁ ହାତ ପାତିବାକୁ ପଡୁଛି । ସକାଳୁ ଉଠି ରୋଷେଇ ବାସ ସାରି ଦିବ୍ୟାଙ୍ଗ ପୁଅକୁ ସାଙ୍ଗରେ ଧରି ମାଆ ଭିକ୍ଷା ମାଗିବାକୁ ଯାଇଥାନ୍ତି । ଚାରିରୁ ପାଞ୍ଚ କିଲୋମିଟର ଚାଲି ଚାଲି ଗଲେ ଚାଉଳ, ପଇସା ବାବଦକୁ ଦୁଇ ଶହରୁ ତିନିଶହ ଟଙ୍କା ମିଳୁଥିବା ସେ କହିଛନ୍ତି । ଉହଡହ ଖରାରେ ଖାଲି ପାଦରେ ମାଆ ଦିବ୍ୟାଙ୍ଗ ପୁଅକୁ ସାଇକେଲରେ ଠେଲି ଠେଲି ନେଉଥିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ ନିଶ୍ଚୟ କରିବ । ଏହି ମାଆ ପୁଅ ଦୁଇଜଣଙ୍କୁ ପ୍ରଶାସନ ସରକାରୀ ଜାଗା ଯୋଗାଇ ଦେବା ସହିତ ରୋହିବାଙ୍କ ପଞ୍ଚାୟତ ଓଡ଼ଗାଁରୁ ଭତ୍ତା-ରାସନ ଦେବାର ବ୍ୟବସ୍ଥା କଲେ ମା'-ପୁଅ ଦୁହେଁ ଉଦ୍ଧାର ପାଆନ୍ତେ ବୋଲି ଚର୍ଚ୍ଚା ହେଉଛି ।



# ବଢୁଛି ମାଙ୍କଡ଼ ଉତ୍ପାତ : ଉତ୍ୟକ୍ତଙ୍କ ଲୋକଙ୍କ ରାସ୍ତାରୋକ

**ଡେରାବିଶ (ଏନ୍.ଏମ୍.):** ଡେରାବିଶ ବ୍ଲକର କେତେକ ପଞ୍ଚାୟତରେ ଏବେ ମାଙ୍କଡ଼ଙ୍କୁ ନେଇ ଲୋକେ ଅତିଷ୍ଠ । ଏହି ମାଙ୍କଡ଼ ପଲ ଖାଲି ବିଲବାଡ଼ିରେ ପଶି ଫସଲ ନଷ୍ଟ କରୁନାହାନ୍ତି, ବରଂ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଛନ୍ତି । କଟକ-ଚାନ୍ଦବାଲି ରାଜ ରାସ୍ତାର ଚଣ୍ଡିବଜାର ଠାରେ ଏକ ମାଙ୍କଡ଼ ଜଣେ ଆଇସ୍କ୍ରିମ୍ ବିକାଳୀଙ୍କୁ କାମୁଡ଼ି ଆହତ କରିଛି । ଏହି ଘଟଣାକୁ ଲୋକେ ତାତିଛନ୍ତି । ମାସେ ହେଲା ସ୍ଥାନୀୟ ଅଞ୍ଚଳରେ ଏହି ମାଙ୍କଡ଼ ୧୦ରୁ ଅଧିକ ଲୋକଙ୍କୁ କାମୁଡ଼ି ଗୁରୁତର କରି ସାରିଲାଣି । ତଥାପି ବନ ବିଭାଗ ନିଦ ଭାଙ୍ଗୁନି । ଏମିତି ଅଭିଯୋଗ ଆଣି ଉତ୍ତେଜିତ ଗ୍ରାମବାସୀ ଓ ଚଣ୍ଡିବଜାରର ବ୍ୟବସାୟୀ କଟକ-ଚାନ୍ଦବାଲି ରାଜରାସ୍ତାକୁ ଦୀର୍ଘ ସମୟ ଧରି ଅଚଳ କରି ଦେଇଥିଲେ । ସୂଚନା ନେବାରେ ଜଣାପଡ଼ିଛି, ପ୍ରାୟ ମାସେହେଲା ଭାଗବତପୁର ପଞ୍ଚାୟତର କିଜାଙ୍ଗପଡ଼ା, କମିଲୋ ଓ ଖମୋଲ ପଞ୍ଚାୟତର ମେଳକସାହି ଏବଂ ଚଣ୍ଡିବଜାର ଅଞ୍ଚଳରେ ମାଙ୍କଡ଼ ପଲ ଆତଙ୍କରାଜ ଚଳାଇଛନ୍ତି । ଗ୍ରାମର ବାଡ଼ିଘରେ ପନିପରିବା ଫସଲ ଉଜାଡ଼ି ଦେବାସହ ଘରେ ବି ପଶି ଯାଉଛନ୍ତି । ଏହି ପଲରେ ଥିବା ଏକ ମାଙ୍କଡ଼ ଲୋକଙ୍କୁ କାମୁଡ଼ି ଗୋଡ଼ାଉଛି । ଗୋରୁମାନଙ୍କୁ କାମୁଡ଼ି କ୍ଷତାକ୍ତ ଗୁରୁତର କରିଦେଉଛି । ଏବେ ସୁଦ୍ଧା ମାଙ୍କଡ଼ କାମୁଡ଼ାରେ ୧୦ରୁ ଅଧିକ ଲୋକ ଗୁରୁତର ଆହାତ ହେଲେଣି । ସ୍ଥାନୀୟ ଲୋକମାନେ ଭୟରେ କାଳାତିପାତ କରିବା ସହିତ ମହିଳା ଓ ଛୋଟପିଲାମାନେ ଦିନରେ ଘରୁ ବାହାରୁ ନାହାନ୍ତି । ଲୋକେ ଘରୁ ବାହାରିଲେ ଠେଙ୍ଗା ଧରୁଛନ୍ତି । ଏ ସମ୍ପର୍କରେ ବନବିଭାଗକୁ ଜଣାଇବା ପରେ ବି କର୍ମଚାରୀମାନେ ଆସି ମାଙ୍କଡ଼ଟିକୁ ଧରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ପ୍ରତିଥର ମାଙ୍କଡ଼କୁ କଦଳୀରେ ନିଶା ଔଷଧ ଦେଇ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଧରି ପାରିନାହାନ୍ତି । ବରଂ ମାଙ୍କଡ଼ ନିଶା ଔଷଧ ଖାଇ ଅଧିକ ଉତ୍ପାତ କରୁଛି । ଡେରାବିଶ ବ୍ଲକ ଅଧୀନ ବାଘିଲୋ ଗ୍ରାମର ଆଇସ୍କ୍ରିମ୍ ବିକାଳୀ ରଙ୍ଗାଧର ଦାସ ଆଇସ୍କ୍ରିମ୍ ପେଟି ଧରି ଆସୁଥିବା ବେଳେ ଚଣ୍ଡିବଜାରଠାରେ ମାଙ୍କଡ଼ଟି ତାଙ୍କ ଗୋଡ଼କୁ କାମୁଡ଼ି କ୍ଷତାକ୍ତ କରି ପକାଇଥିଲା । ଫଳରେ ସେ ସେଠାରେ ଅଚେତ ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକମାନେ ମାଙ୍କଡ଼ଟିକୁ ଘଉଡ଼ାଇ ରଙ୍ଗାଧରଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ପଠାଇଥିଲେ । ତେବେ ଆତଙ୍କ ଚଳାଇଥିବା ଏହି ମାଙ୍କଡ଼କୁ ବନବିଭାଗ ଧରିବାରେ ଟାଳଟୁଳ ନୀତିର ପ୍ରତିବାଦ କରି ଗ୍ରାମବାସୀ ଓ ବ୍ୟବସାୟୀମାନେ କଟକ-ଚାନ୍ଦବାଲି ରାସ୍ତାରୋକ କରିଥିଲେ । ଖବର ପାଇ ବନବିଭାଗ ଅଧିକାରୀ ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ । ଖୁବ୍‌ଶୀଘ୍ର ମାଙ୍କଡ଼କୁ ଧରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା ।



# ଜାତୀୟ ସଡକ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ

**ପୁରୀ/କୋଣାର୍କ (ଏନ୍.ଏମ୍.):** ସ୍ୱଳ୍ପ ସମୟର କ୍ଷୁଦ୍ର ଚଳଚ୍ଚିତ୍ର ମାଧମରେ ସଡକ ସୁରକ୍ଷା ର ସୁନ୍ଦର ବାର୍ତ୍ତା ସମସ୍ତ ଙ୍କୁ ସଚେତନ କରିବା ସହ ଦୁର୍ଘଟଣା କୁ ହ୍ରାସ କରି ବାରେ ସହାୟକ ହେବ ବୋଲି ଓଡିଶା ହାଇକୋର୍ଟ ର ମୁଖ୍ୟ ବିଚାରପତି ଡଃ ଜଷ୍ଟିସ ଏସ୍ ମୁରଲୀଧର ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ଟାଉନ ହଲ ପରିସରରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟ ମୁଖ୍ୟବିଚାରପତି ଜଷ୍ଟିସ ଡକ୍ଟର ମୁରଲୀଧର ଯୋଗଦେଇ ରାସ୍ତା ଦୁର୍ଘଟଣାର ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର, ଦ୍ରୁତ ଗାଡି ଚାଳନା ଓଭର ଲୋଡିଂ, ଦୁର ସ୍ଥାନରୁ ସାମଗ୍ରୀ ପ୍ରେରଣ ବେଳେ ଶୀଘ୍ର ପହଞ୍ଚିବା ପାଇଁ ଅବିଶ୍ରାନ୍ତ ଗାଡି ଚାଳନା, ହେଲମେଟ ଓ ସିଟ୍ ବେଲ୍ଟ ବ୍ୟବହାର ନକରିବା ଏହାର ମୁଖ୍ୟ କାରଣ । ଯାତ୍ରୀ ଉପଯୋଗୀ ରାସ୍ତା ନିର୍ମାଣ ସହ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସେ ପରାମର୍ଶ ଦେଇଥିଲେ । ପୁଲିସ ମହାନିର୍ଦ୍ଦେଶକ ସୁନିଲ ବଂଶଲ ଛୋଟ ଛୋଟ ଦୁର୍ଘଟଣା କିପରି ବଡ ବିପତ୍ତି ଘଟାଇଥାଏ ସେ ସମ୍ପର୍କରେ ଉଦାହରଣ ଦେବା ସହ ଅନୁଭବ ଓ ଅଭିଜ୍ଞତାରୁ ନିଜ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ । ଏହି କ୍ଷୁଦ୍ର ଚଳଚ୍ଚିତ୍ର ଗୁଡିକ ନିଶ୍ଚିତ ସଡ଼କ ସୁରକ୍ଷା ପାଇଁ ସହାୟତା କରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଜଷ୍ଟିସ ମୁରାହରୀ, ଜଷ୍ଟିସ ରମଣ ପ୍ରମୁଖ ଯୋଗ ଯୋଗଦେଇ ସଡକ ସୁରକ୍ଷା ପରି ଦୁର୍ଘଟଣା ବୀମା ସମ୍ପର୍କରେ ମଧ ସମସ୍ତଙ୍କୁ ସଚେତନ କରିବାକୁ ପରାମର୍ଶ ଦେବା ସହ ସଡକ ସୁରକ୍ଷାର ବିବିଧ ପଦକ୍ଷେପ ଉପରେ ମତ ଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ପରିବହନ କମିଶନର ଅରୁଣ ବୋଥ୍ରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି କ୍ଷୁଦ୍ର ଚଳଚ୍ଚିତ୍ର କାର୍ଯ୍ୟକ୍ରମରେ ୨୩୦ ଗୋଟି ଚଳଚ୍ଚିତ୍ର ନିର୍ମାଣ ହୋଇ ଥିବା ବେଳେ ପ୍ରାୟ ୨୫୦୦ ବ୍ୟକ୍ତି ଅଭିନୟ, ସୁଟିଂ, କାହାଣୀ ରଚନା, ନିର୍ଦ୍ଦେଶନା ଇତ୍ୟାଦିରେ ସଂଲଗ୍ନ ହେବା ସଡକ ସୁରକ୍ଷା ପ୍ରତି ବଡ ଅବଦାନ ବୋଲି କହିଥିଲେ । ପରେ ବିଭିନ୍ନ କାଟେଗୋରୀ ପାଇଁ ଶ୍ରେଷ୍ଠତ୍ୱ ଆଧାରରେ ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର ସହ ଜଡିତ ବ୍ୟକ୍ତି ଏବଂ ଜୁରୀ ସଦସ୍ୟମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁଲିସ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । ଶେଷରେ ଅତିରିକ୍ତ ପରିବହନ କମିଶନର ଶ୍ରୀନିବାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କିନ୍ନର ପାଳିଲେ ରେନବୋ ସ୍ୱାଭିମାନ ପଦଯାତ୍ରା



**ଭଦ୍ରକ(ଏନ୍.ଏମ୍.):** ପ୍ରତିବର୍ଷ ଜୁନ ମାସରେ କିନ୍ନରମାନେ ପାଳନ କରୁଛନ୍ତି ରେନବୋ ସ୍ୱାଭିମାନ ପଦଯାତ୍ରା । ଏହି ଅବସରରେ ଭଦ୍ରକ ଜିଲ୍ଲାରେ ମଧ ରେନବୋ ସ୍ୱାଭିମାନ ପଦଯାତ୍ରା ଆୟୋଜିତ ହୋଇଛି । ଭଦ୍ରକ ଜିଲ୍ଲାର ସାଥି ସ୍ୱେଚ୍ଛାସେବୀ ସଂଗଠନ ଓ ଅର୍ଦ୍ଧ ନାରୀଶ୍ୱର କିନ୍ନର ମହାସଂଘ ତରଫରୁ ଆୟୋଜିତ ଏହି ପଦଯାତ୍ରା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ବାଇପାସ ଠାରେ ପହଞ୍ଚିଥିଲା । କିନ୍ନରମାନେ ଏହି ପଦଯାତ୍ରା ଜରିଆରେ ଜନ ସଚେତନତା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ବିଶେଷ କରି ଲିଙ୍ଗଗତ ସମାନତା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ପାଇଁ ସଚେତନତା କରାଯାଉଛି । ସାଧାରଣ ଲୋକଙ୍କ ପରି ସମସ୍ତ କ୍ଷେତ୍ରରେ ସମାନ ଅଧିକାର ପାଇଁ ଲଢେଇ କରୁଛନ୍ତି । ତେବେ ଏହି ପଦଯାତ୍ରା ମାଧମରେ ବିଭିନ୍ନ ଜିଲ୍ଲାରେ ସଚେତନତା କରାଯାଉଛି ।

# ସ୍ଥାଣୁ ପାଲଟିଛି ଜଗତପୁର ପୋଷ୍ଟ ଅଫିସ

**ଜଗତପୁର(ଏନ୍.ଏମ୍.):** ନାହିଁ ନାହିଁରେ ଚାଲିଛି ଜଗତପୁର ଗୋଲେଇଛକରେ ଥିବା ଜଗତପୁର ଶାଖା ଡାକ କାର୍ଯ୍ୟାଳୟ । ଏଠାରେ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟା ଦେଖାଦେଇଥିବାବେଳେ ଏହାର ପ୍ରତିକାର ପାଇଁ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଅଞ୍ଚଳବାସୀଙ୍କୁ ଅତିଷ୍ଠ କରି ପକାଇଛି । ଗୋଟିଏ ପଟେ ଡିଜିଟାଲ ଯୁଗରେ ଆଗଭଳି ଚିଠିପତ୍ର ଆଦାନ ପ୍ରଦାନ ହ୍ରାସ ପାଇଥିଲେ ମଧ ବହୁ ଗରୁତ୍ୱପୂର୍ଣ୍ଣ କାଗପତ୍ର, ଚେକ୍, ପାର୍ସଲ ଠାରୁ ଆରମ୍ଭ କରି ଟଙ୍କା ଜମା ଆଦି କାର୍ଯ୍ୟ ପାଇଁ ଜନସାଧାରଣ ଏବେବି ଡାକ ଉପରେ ନିର୍ଭର କରିଥାନ୍ତି । କହିବାକୁ ଗଲେ ଏହା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତ ସଂସ୍ଥା । ମାତ୍ର ଦିନକୁ ଦିନ କଟକ ଜିଲ୍ଲାରେ ଥିବା ବିଭିନ୍ନ ଡାକ କାର୍ଯ୍ୟାଳୟ ଏବେ ସ୍ଥାଣୁ ପାଲଟିଯିବାକୁ ବସିଛି । ସତେ ଯେମିତି ସରକାରଙ୍କ ବିଭିନ୍ନ ବିଭାଗ ଭଳି ଏହା ଖୁବ ଶିଘ୍ର ଇତିହାସ ପାଲଟି ଯିବ ବୋଲି ଚର୍ଚ୍ଚା ହେଉଛି । ତେବେ କଟକ ଜିଲ୍ଲାର ଜଗତପୁର ଅଞ୍ଚଳରେ ଥିବା ଶାଖା ଡାକ କାର୍ଯ୍ୟାଳୟରେ ଦୀର୍ଘ ଏକ ମାସ ଧରି ପୋଷ୍ଟ ମାଷ୍ଟର ଛୁଟିରେ ଥିବାବେଳେ କିଛି କମ୍ପ୍ୟୁଟର ଯାନ୍ତ୍ରୀକ ତ୍ରୁଟି ଥିବାଯୋଗୁଁ କାମ ହୋଇପାରୁ ନାହିଁ ବୋଲି ଡାକ ଅଫିସ କର୍ମଚାରୀ ମାନେ କହୁଛନ୍ତି । ତେବେ କେତେବେଳେ ମେସିନ ଖରାପ ତ ଆଉ କେତେବେଳେ ନେଟ ସ୍ଲୋ ଥିବା ଉତ୍ତର ଶୁଣିବାକୁ ମିଳୁଛି । ଏପରିକି ଡ୍ୟୁଟିରେ ଥିବା ଷ୍ଟାଫ ମାନଙ୍କର ଭିନ୍ନ ଭିନ୍ନ ପ୍ରକାର କଥା ଶୁଣି ଅଞ୍ଚଳବାସୀ ନିରାଷ ହୋଇ ଫେରୁଛନ୍ତି । ଜଗତପୁର ଅଞ୍ଚଳରେ ଏହି ପୋଷ୍ଟ ଅଫିସ ଉପରେ ଅଞ୍ଚଳର ପ୍ରାୟ ହଜାର ହଜାର ଲୋକ ନିର୍ଭର କରନ୍ତି । ଏହି କାର୍ଯ୍ୟାଳୟର ପୋଷ୍ଟ ମାଷ୍ଟର ସୋନାଲି ମିଶ୍ର ଦୀର୍ଘ ପ୍ରାୟ ଏକ ମାସ ହେବ ଛୁଟିରେ ଯାଇଥିବାବେଳେ ପୋଷ୍ଟାଲ ଆସିଷ୍ଟାଣ୍ଟ ଶିବ ପ୍ରସାଦ ଦାସଙ୍କୁ କାର୍ଯ୍ୟାଳୟ ଦାୟିତ୍ୱ ଦେଇ ଯାଇଛନ୍ତି । ତେବେ ଏହି ଶାଖା କାର୍ଯ୍ୟାଳୟରେ ୬ ଜଣ କର୍ମଚାରୀ ନିଯୁକ୍ତି ଥିଲେ ମଧ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି କାର୍ଯ୍ୟାଳୟରେ ଜଣେ ପୋଷ୍ଟ ମାଷ୍ଟର, ୩ ଜଣ ପୋଷ୍ଟ ମ୍ୟାନ, ଜଣେ ପ୍ୟାକର ଓ ଜଣେ ପୋଷ୍ଟାଲ ଆସିଷ୍ଟାଣ୍ଟ ଥିଲେ ମଧ ସାଧାରଣ ଲୋକଟିଏ ତା'ର କାଗଜ ପତ୍ର ନେଇ ଅଫିସକୁ ଯିବା କ୍ଷଣି କମ୍ପ୍ୟୁଟର ଖରାପ ଅଛି କାଲି ଆସନ୍ତୁ ବୋଲି କହି ବିଦା କରିଦେଉଥିବା ଅଭିଯୋଗ ହୋଇଛି । ଏହି ଅଫିସରେ ୩ଟି କମ୍ପ୍ୟୁଟର ରହିଥିବା ବେଳେ ମୋଟ ୬ ଜଣ କର୍ମଚାରୀ ରହିଛନ୍ତି; କିନ୍ତୁ ସାଧାରଣ ଲୋକଙ୍କ କାମ ନହେବାରୁ ହଇରାଣ ହେବା ସହ ବିଭାଗୀୟ କର୍ତ୍ତୃପକ୍ଷ ଓ ସରକାରଙ୍କ ଉପରକୁ ଅଙ୍ଗୁଳି ଉଠାଇବାକୁ ଲୋକେ ପଛାଉ ନାହାନ୍ତି । ଏପରିକି ବିଭିନ୍ନ ସଂସ୍ଥା ଭଳି କେନ୍ଦ୍ର ସରକାର ଏହାକୁ ମଧ ବିକ୍ରି କରିଦେବେ ବୋଲି ଅଞ୍ଚଳର ବରିଷ୍ଠ ନାଗରିକ ଅଭିଯୋଗ ଆଣିଛନ୍ତି । ତେବେ ଏଠାରେ ପିଏଲଆଇ, ଆରପିଏଲଆଇ କୌଣସି ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ, କୌଣସି ଦ୍ରୁତ ଗାମୀଡାକ ସେବା ହୋଇପାରୁନାହାନ୍ତି । ଜଗତପୁର ଶିଳ୍ପାଞ୍ଚଳରେ ୪୬୫ କାରଖାନା ଥିବା ବେଳେ ଡାକ ନେଣଦେଣ ତଥା ବହୁ ଗୁରୁତ୍ୱ ପୂର୍ଣ୍ଣ କାମ ହୋଇ ନପାରିବାରୁ କାରଖାନା ମାଲିକ ମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ଜଗତପୁର ଦୁଇଗୋଟି ୪୮ ଓ ୪୯ନମ୍ବର ୱାର୍ଡରେ ପାଖାପାଖି ୨୦ ହଜାର ଲୋକ ଏହି ପୋଷ୍ଟ ଅଫିସ ଉପରେ ନିର୍ଭର କରି ବହୁ ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । ତେଣୁ ଏଠାରେ ଡାକସେବାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ମନ୍ତ୍ରୀ ବିଧାୟକଙ୍କୁ ବି ନିସ୍ତାର...

ହେଲମେଟ ଯାଞ୍ଚ ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ଓ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ବିନା ହେଲମେଟରେ ଯାଉଥିବାର ଦେଖି ଟ୍ରାଫିକ୍ ପୁଲିସ ଉଭୟଙ୍କୁ ଧରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ବାଇକ୍ ଚଳାଉଥିଲେ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ତାଙ୍କ ପଛପଟେ ବସିଥିଲେ। ବାଇକ ମାଲିକ ପଙ୍କଜ ଅଗ୍ରୱାଲଙ୍କ ନାଁରେ ପୁଲିସ ୧୦୦୦ ଟଙ୍କା ଚାଲାଣ କାଟିଥଲେ। ବିଧାୟକ ସ୍ୱରୂପ କୁମାର ଦାସ ଏହି ଜରିମାନା ଟଙ୍କା ଦେଇଥିଲେ। ସୂଚନାଯୋଗ୍ୟ, ବାଲେଶ୍ୱର ଗସ୍ତରେ ଆସି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅଚାନକ ସ୍କୁଲରେ ପହଞ୍ଚିଥିଲେ। ବାଲେଶ୍ୱର ସହରର ବିଭିନ୍ନ ସ୍କୁଲ ବୁଲି ଦେଖୁଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ। ଆଜି ସକାଳେ ମନ୍ତ୍ରୀ ଓ ସଦର ବିଧାୟକ ସ୍ୱରୂପ ଦାସ ବାଲେଶ୍ୱର ଟାଉନ ହାଇସ୍କୁଲ, ବାରବାଟୀ ଗାର୍ଲସ ହାଇସ୍କୁଲ ଆଦି ସ୍କୁଲ ବୁଲି ପିଲାଙ୍କ ସହିତ ଆଲୋଚନା କରିଛନ୍ତି ମନ୍ତ୍ରୀ। ଏନେଇ ମନ୍ତ୍ରୀ କହିଛନ୍ତି ସ୍କୁଲରେ କିପରି ବ୍ୟବସ୍ଥା ରହିଛି ସେନେଇ ବୁଲି ଦେଖିବା ସହିତ ପିଲାଙ୍କ ଆବଶ୍ୟକତା ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ ସଦର ବିଧାୟକ ସ୍ୱରୂପ ଦାସଙ୍କ ବାଇକରେ ବସି ସହର ବୁଲିବା ସହିତ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଏଥି ସହିତ ଦୁଇ ଲକ୍ଷ ଛାତ୍ରଛାତ୍ରୀ ବେସରକାରୀ ସ୍କୁଲ ଛାଡ଼ି ସରକାରୀ ସ୍କୁଲକୁ ଆସିଥିବା ବେଳେ ସରକାରୀ ସ୍କୁଲ ପ୍ରତି ଅଭିଭାବକମାନଙ୍କ ଆଗ୍ରହ ବଢୁଥିବା ସେ କହିଛନ୍ତି। ଏଥି ସହିତ ରାଜ୍ୟରେ ୧୧ ହଜାର ନୂତନ ଶିକ୍ଷକ ନିଯୁକ୍ତି ନେଇ ମନ୍ତ୍ରୀ କହିଛନ୍ତି, ଆଶା ଅଛି ସୋମବାର ଏହାକୁ ହାଇକୋର୍ଟ ଅନୁମତି ଦେଇଦେବେ। ମୁଖ୍ୟମନ୍ତ୍ରୀ ବିଦେଶରୁ ଫେରିଲେ ନିଯୁକ୍ତି ପ୍ରକ୍ରିୟା ହେବ। ସେହିପରି ପିଲାଙ୍କୁ ପଣିକିଆ ପଚାରିବା ସହିତ ଚକଲେଟ ବାଣ୍ଟିଥିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ।

## ଦଳମତ ନିର୍ବିଶେଷରେ ମାଟିର ...

ବେଳେ ବହୁତ ଖୁସି ହୋଇଥିଲି। ମୋର ବିଶ୍ୱାସ ଶ୍ରୀମତୀ ମୁର୍ମୁ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଦେଶରେ ନୂଆ ଉଦାହରଣ ସୃଷ୍ଟି କରିବେ ବୋଲି ନବୀନ ଟ୍ୱିଟ୍ରେ ଲେଖିଥିଲେ। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ହେବ ଓଡ଼ିଶା ପାଇଁ ଏକ ଗର୍ବର ବିଷୟ । ଦେଶରେ ମହିଳା ସଶକ୍ତିକରଣ ପାଇଁ ଶ୍ରୀମତୀ ମୁର୍ମୁ ଉଜ୍ଜ୍ୱଳ ଉଦାହରଣ ହେବେ ବୋଲି ମୋର ଆଶା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ, ଓଡିଶାର ମୟୁରଭଞ୍ଜ ଜିଲ୍ଲାରେ ଦ୍ରୌପଦୀଙ୍କ ଘର । ଦ୍ରୌପଦୀ ୨୦ ଜୁନ ୧୯୫୮ରେ ଜନ୍ମ ଗ୍ରହଣ କରିଥିଲେ। ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ଦ୍ରୌପଦୀ ମୁର୍ମୁ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାପରେ ଜଳସେଚନ ବିଭାଗରେ କନିଷ୍ଠ ସହାୟକ ଭାବରେ ମଧ କାର୍ଯ୍ୟ କରିଥିଲେ । ୧୯୯୭ ମସିହାରେ ରାଜନୀତିକୁ ପ୍ରବେଶ କରିଥିଲେ ଦ୍ରୌପଦୀ ମୁର୍ମୁ। ୧୯୯୭ରେ ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହେବା ପରେ ରାଇରଙ୍ଗପୁର ପୌରାଧକ୍ଷା ପଦ ସମ୍ଭାଳିଥିଲେ । ଭାରତୀୟ ଜନତା ପାର୍ଟିର ଦଳୀୟ ପ୍ରାର୍ଥୀ ଭାବେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରୁ ୨୦୦୦ ଏବଂ ୨୦୦୪ରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଛନ୍ତି । ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟିର ସଂଯୁକ୍ତ ଶାସନ ବେଳେ ସେ ସ୍ୱାଧୀନ ବାଣିଜ୍ୟ ଏବଂ ଗମନାଗମନ ମନ୍ତ୍ରୀ ଭାବେ ମାର୍ଚ୍ଚ ୬, ୨୦୦୦ରୁ ଅଗଷ୍ଟ ୬, ୨୦୦୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ଏବଂ ମତ୍ସ୍ୟ ଏବଂ ପଶୁସମ୍ପଦ ବିଭାଗରେ ମନ୍ତ୍ରୀ ଭାବେ ୨୦୦୨ ଅଗଷ୍ଟ ୬ରୁ ୨୦୦୪ ମଇ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ୧୯୯୭ରୁ ସେ ବିଜେପିର ଆଦିବାସୀ ମୋର୍ଚ୍ଚା ସହ ଜଡ଼ିତ । ୧୯୯୭ରେ ଦ୍ରୌପଦୀ ମୁର୍ମୁଙ୍କୁ ଭାରତୀୟ ଜନତା ପାର୍ଟିର ଆଦିବାସୀ ମୋର୍ଚ୍ଚାର ଉପ-ସଭାପତି ପଦ ମିଳିଥିଲା । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଆଦିବାସୀ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ରହିଛନ୍ତି । ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଆଦିବାସୀ ମୋର୍ଚ୍ଚାର ରାଜ୍ୟ ଅଧକ୍ଷା ରହିଛନ୍ତି । ୨୦୧୦ରେ ମୟୂରଭଞ୍ଜର ଭାରତୀୟ ଜନତା ପାର୍ଟି (ପୂର୍ବ)ର ଜିଲ୍ଲା ଅଧକ୍ଷା ରହିଛନ୍ତି । ୨୦୧୩ରୁ ଏପ୍ରିଲ ୧୦, ୨୦୧୫ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି (ପୂର୍ବ)ର ଜିଲ୍ଲା ଅଧକ୍ଷା ଓ ୨୦୧୩ରୁ ଏପ୍ରିଲ ୧୦, ୨୦୧୫ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଆଦିବାସୀ ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ରହିଛନ୍ତି ।୨୦୧୫ ମସିହାରେ ମୁର୍ମୁ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବରେ ନିଯୁକ୍ତ ହୋଇଥିଲେ।

## ଅଫେରା ରାଇଜରେ ...

ଜୀବନ ସହ ଖେଳିବାକୁ କାହିଁକି ନିଷ୍ପତ୍ତି ନେଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଙ୍ଗସାଥୀ, ସହ କଳାକାର, ପଡ଼ୋଶୀ କେହି ମଧ ଏହାକୁ ବିଶ୍ୱାସ କରିପାରୁ ନାହାନ୍ତି। ଆତ୍ମହତ୍ୟା ପଛର କାରଣ ସମ୍ପର୍କରେ କେହି କିଛି କହିପାରୁ ନାହାନ୍ତି । ପରିବାର ସଦସ୍ୟମାନେ ଏ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ମଞ୍ଚେଶ୍ୱର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ୍ କହିଛି।

## ସୁପ୍ରିମ କୋର୍ଟ ବିଚାରପତିଙ୍କୁ ବି ...

କରିଥିବା ଜଣାପଡ଼ିଛି। ତେବେ ଏକ ବଡ଼ଧରଣର ସାଇବର ଠକେଇ କରିବା ସୁପ୍ରିମକୋର୍ଟ ବିଚାରପତିଙ୍କ ନାଁ ନେଇ କିଛି ଅପରାଧ ଘଟାଇବା ଉଦ୍ଦେଶ୍ୟରେ ଏଭଳି କରାଯାଇଥିବା କ୍ରାଇମବ୍ରାଞ୍ଚ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏନେଇ ଅଭିଯୋଗ ଆସିବା ପରେ ଫୋନ୍ କଲ୍ କେଉଁଠୁ ଆସିଛି ଏବଂ କାହିଁକି କଟକ ହାଇକୋର୍ଟକୁ ସାଇବର ଠକ ଟାର୍ଗେଟ୍ କରିଛି ସେ ନେଇ ତଦନ୍ତ ଚଳାଇଛି।

## ଘର ନାହିଁ ୧୨ବର୍ଷ ହେଲା ...

ସମୟରେ ଗାଁ ମାନଙ୍କୁ ନେତା, ମନ୍ତ୍ରୀଙ୍କ ସୁଅ ଛୁଟିଥାଏ। ସମସ୍ତେ ବିଜୁଳିଙ୍କୁ ମଣ୍ଡପରେ ଦେଖନ୍ତି ଓ କେତେ କ'ଣ ପ୍ରତିଶ୍ରୁତି ଦିଅନ୍ତି। ହେଲେ ନିର୍ବାଚନ ସରିବା ପରେ ଯେମିତି ବିଜୁଳି କଥାକୁ ମନରୁ ପସୋରି ଦିଅନ୍ତି। ବିଜୁଳିଙ୍କ ପାଇଁ ସରକାର ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ଦେବା ସହିତ ରାସନ ସାମଗ୍ରୀ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ କହିଛନ୍ତି, ଆମେ ବିଜୁଳିଙ୍କ ବିଷୟରେ ଖବର ପାଇଛୁ। ବିଡିଓ ଘଟଣାର ଅନୁଧ୍ୟାନ କରିବେ। ଯଦି ତାଙ୍କର ରହିବା ପାଇଁ ଘର ନ ଥିବ କି ତାଙ୍କର ନିଜ ପରିବାର ନ ଥିବେ ଆମେ ତାଙ୍କ ପାଇଁ କିଛି ବ୍ୟବସ୍ଥା କରିବୁ। ଗରିବ ଅସହାୟଙ୍କୁ ଆଶ୍ରୟ ଦେବାକୁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଟଙ୍କାକିଆ ଚାଉଳ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ହେଲେ ବିଜୁଳିଙ୍କୁ ଦେଖିଲେ ସରକାର କରୁଥିବା ଯୋଜନା କାହା ପାଇଁ ବୋଲି ମନରେ ପ୍ରଶ୍ନ ଉଙ୍କି ମାରୁଛି।

## ଫ୍ରେଣ୍ଡସିପ୍ ଶୃଙ୍ଗରେ ତ୍ରିରଙ୍ଗା ...

ଉଡ଼ାଇଛନ୍ତି । ସୌଭାଗ୍ୟଙ୍କ ସୂଚନା ଅନୁଯାୟୀ, ଫ୍ରେଣ୍ଡସିପ୍ ଶୃଙ୍ଗ ଶିଖରରେ ପହଞ୍ଚିବା ଯେତିକି କଷ୍ଟକର ସେତିକି ଆହ୍ୱାନଭରା ଥିଲା। ପ୍ରଥମେ ତାଙ୍କୁ ମିଶାଇ ୩ ଜଣ ଏହି ଅଭିଯାନରେ ବାହାରିଥିଲେ ବି ପରେ ଆଉ ଏକ ଦଳ ତାଙ୍କ ସହିତ ଯୋଗ ଦେଇଥିଲା। ୧୮ ତାରିଖରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ଧୁଣ୍ଡିରୁ ଚାଲିଚାଲି ଲାହୋଲିନାଲା ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଶ୍ରାମ କରି ଦ୍ୱିତୀୟ ଦିନ ଲାହୋଲିନାଲାରୁ ଲେଡିଲେଗ୍ ପର୍ଯ୍ୟନ୍ତ ଯାଇଥିଲେ। ତୃତୀୟ ଦିନ ସମିଟ୍ କ୍ୟାମ୍ପରେ ଏହି ଟିମ୍ ପହଞ୍ଚିଥିଲା। କିନ୍ତୁ ସେଠାରେ ପ୍ରବଳ ତୁଷାର ପାତ ହେବା ସହ ଆଗକୁ ବଢ଼ିବା ସମ୍ଭବ ହୋଇନଥିଲା। ତେଣୁ ସମସ୍ତେ ପୁଣି ଥରେ ଲେଡିଲେଗକୁ ଫେରି ଆସିଥିଲେ। ପର୍ବତ ଶିଖରକୁ ଯିବା ସମ୍ଭାବନା କମ୍ ଲାଗୁଥିଲା। ହେଲେ ରାତି ୧୦ଟାରେ ଆଗକୁ ବଢ଼ିବା ପାଇଁ ସୂଚନା ମିଳିବା ପରେ ସାଢେ ୧୧ଟାରେ ପୁଣି ଥରେ ଶିଖର ଛୁଇଁବାକୁ ସମସ୍ତେ ବାହାରିଥିଲେ। ତେବେ ଆକାଶ ସଫା ନଥିବାରୁ ତୁଷାରପାତ ଭିତରେ ଯିବା ଆହ୍ୱାନଭରା ଥିଲା। ତେଣୁ ସଫଳତା ସମ୍ଭାବନା କମ୍ ଥିବାରୁ ମନରେ ଆଶଙ୍କା ରହୁଥିଲା। କିନ୍ତୁ ଏହାକୁ ଆହ୍ୱାନ ଭାବେ ଗ୍ରହଣ କରି ସମିଟ୍ କ୍ୟାମ୍ପରେ ବିଶ୍ରାମ କରିବା ପରିବର୍ତ୍ତେ ଆଗକୁ ବଢ଼ି ଚାଲିଥିଲେ। ସେଠାରେ ବରଫ ମଧ୍ୟରେ ଆଣ୍ଠୁ ପର୍ଯ୍ୟନ୍ତ ପୋତି ହୋଇଯାଉଥିଲା। ତେବେ ୨୩ ତାରିଖ ସକାଳ ସାଢେ ୭ଟାରେ ସମସ୍ତେ ଫ୍ରେଣ୍ଡସିପ ଶୃଙ୍ଗରେ ପହଞ୍ଚିବାରେ ସଫଳ ହୋଇଥିଲେ। କିନ୍ତୁ ପାଗ ଭଲ ନଥିବାରୁ ସେଠାରେ ମାତ୍ର ୨ ମିନିଟ୍ ରହିବା ପରେ ସମସ୍ତେ ତଳକୁ ଫେରି ଆସିଥିଲେ। ସୌଭାଗ୍ୟ ଓ ପ୍ରଭାସଙ୍କ ଏହି ସଫଳତା ପାଇଁ ଏବେ ବିଭିନ୍ନ ମହଲରୁ ସେମାନଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିଲାଣି। ସୂଚନାଯୋଗ୍ୟ, ସୌଭାଗ୍ୟ ବର୍ତ୍ତମାନ ଆକାଶବାଣୀର ସମ୍ବଲପୁର କେନ୍ଦ୍ରରେ କାର୍ଯ୍ୟରତ ଥିଲାବେଳେ ୨୦୧୯ରେ ଆଇରନମ୍ୟାନ ହୋଇଥିଲେ। ପ୍ରଭାସ ଜଣେ ଧାବକ ହୋଇଥିଲା ବେଳେ ଜଣେ ସାଇକେଲ ଚାଳକ ଭାବେ ମଧ ବେଶ ଜଣାଶୁଣା ଅଛନ୍ତି।

## ଆସନ୍ତା ବଜେଟ୍ ଅଧିବେଶନ ନେଇ ସର୍ବଦଳୀୟ ବୈଠକ ଜୁନ ୨୯ରେ

**ଭୁବନେଶ୍ୱର(ଏନ୍.ଏମ୍.):** ଆସନ୍ତା ଜୁଲାଇ ୨ତାରିଖରୁ ଆରମ୍ଭ ହେବାକୁ ଥିବା ବଜେଟ୍ ଅଧିବେଶନର ସୁପରିଚାଳନା ପାଇଁ ଚଳିତ ମାସ ୨୯ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବଜେଟ ଅଧିବେଶନର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ କରିବା ପାଇଁ ସବୁ ଦଳର ନେତୃମଣ୍ଡଳୀଙ୍କଠାରୁ ସହଯୋଗ କାମନା କରାଯିବ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଆମ ରାଜ୍ୟ ଓଡ଼ିଶାରେ ମଧ ସଂକ୍ରମଣ ଦେଖାଦେଲାଣି। ସର୍ବଦଳୀୟ ବୈଠକରେ ଏ ବିଷୟରେ ମଧ ଆଲୋଚନା କରାଯିବ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି।

# ଅଣସର ଘରେ ଶ୍ରୀଜୀଉ : ଚିକିତ୍ସା ପାଇଁ ଦଶ ମୂଳାରିଷ୍ଟ ପ୍ରସ୍ତୁତି ଓ ଚକା ବିଜେ ନୀତି



**ପୁରୀ(ଏନ୍.ଏମ୍.):** ଅଣସର ଘରେ ପ୍ରଭୁ ଜଗନ୍ନାଥ। ସ୍ନାନପୂର୍ଣ୍ଣମୀ ପର ଠାରୁ ଅସୁସ୍ଥ ଶ୍ରୀ ଜୀଉଙ୍କୁ ଚିକିତ୍ସା ନିମନ୍ତେ ଅଣସରରେ ଘରେ ରଖାଯାଇ ଗୁପ୍ତସେବା ଚାଲିଛି। ଶ୍ରୀଜୀଉଙ୍କୁ ଫୁଲୁରି ତେଲ ଲାଗି ହେବା ପରେ ଆଜି ଦଶମୀ ତିଥିରେ ଦଶମୂଳ ମୋଦକ(ଦଶ ମୂଳାରିଷ୍ଟ) ଲାଗି ହୋଇ ସାରିବା ପରେ ମହାପ୍ରଭୁ ଚକା ବିଜେ ହେବାର ପରମ୍ପରା ରହିଛି। ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ଶ୍ରୀଜୀଉଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ଏହା ଏକାଦଶୀ ଦିନ ଶ୍ରୀଜୀଉଙ୍କ ପାଖେ ସମର୍ପଣ ହୋଇଥାଏ। ଶ୍ରୀମନ୍ଦିରର ରାଜବୈଦ୍ୟ ସେବକ ମାନେ ପୁରୁଷାନୁକ୍ରମେ ମହାପ୍ରଭୁଙ୍କ ଏହି ସେବା କରିଥାନ୍ତି। ଏହି ମହୌଷଧି ପ୍ରସ୍ତୁତି ନିମନ୍ତେ - ଶାଳପର୍ଣ୍ଣି, ଗମ୍ଭାରୀ, ଫଣଫଣା, କୃଷ୍ଣ ପର୍ଣ୍ଣି, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା, ଲବଙ୍ଗ କୋଳି, ନବାଙ୍କୁରୀକୁ ପ୍ରଥମେ ଶୁଖା ଯାଇ ପରେ ଏହାକୁ କୁଟା ଯାଇ ଗୁଣ୍ଡ କରାଯାଇଥାଏ। ଏହି ଗୁଣ୍ଡ କୁ ଗାମୁଛାରେ ଛାଣି ନୂତନ କାଠ ଚୁଲିରେ କଡେଇ ବସଯାଇ ଖୁଆ, ଶର୍କରା, ସର, ମହୁ, ଘିଅ, ଭାଙ୍ଗ ଆଦି ପକାଯାଇ ଏହାକୁ ପାଗ କରାଯାଏ। ପାଗ ପରେ ଏହାକୁ କଦଳୀ ପତ୍ର ଉପରେ ରଖି ଥଣ୍ଡା କରାଯାଇଥାଏ। ଥଣ୍ଡା ହେଲା ପରେ ଏହାକୁ ଗୋଲାକାର ମୋଦକ କରି ୩ଟି କୁଡୁଆରେ ରଖା ଯାଇଥାଏ। ଏହା ଉପରେ କର୍ପୂର ଦେଇ ତାଳପତ୍ର ଭୋଗେଇରେ ରଖି ଶ୍ରୀମନ୍ଦିର ଗାରଦରେ ଦାଖଲ କରାଯାଇଥାଏ। ନୀଳାଦ୍ରି ମହୋଦୟ ଶାସ୍ତ୍ରରେ ମହାପ୍ରଭୁଙ୍କ ଅଣସର କାଳୀନ ଗୋପନ ସେବା ସଂପର୍କରେ ରହିଥିବା ମାର୍ଗ ଦର୍ଶକ ମୁତାବକ, ବିଶ୍ୱାବସୁ ତଥା ବିଦ୍ୟାପତି ବଂଶଧାରମାନେ ଶ୍ରୀଅଙ୍ଗ ସେବାରେ ଲାଗିବେ। ଏହି ସେବା ପାଇଁ ବିଭିନ୍ନ ପ୍ରକାରର ଚେରମୂଳିରୁ ପ୍ରସ୍ତୁତ ଔଷଧ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବଡଓଡିଆ ମଠରୁ ଆସିଥିବା ଫୁଲୁରି ତେଲ ଓ ଶୁଦ୍ଧସୁଆର ସେବକମାନେ ଯୋଗାଇଥିବା ଓଷୁଅ ବା ଖଳି। ଏହାପରେ ଶ୍ରୀ ଜୀଉ ସୁସ୍ଥ ହୋଇ ଅଗଣିତ ଶ୍ରଦ୍ଧାଳୁଙ୍କୁ ନେତ୍ରୋତ୍ସବରେ ନବଯୌବନ ଦର୍ଶନଦେବେ।

### ଆର୍ଯ୍ୟୁବେଦ ଶାସ୍ତ୍ର ଉପରେ କାହିଁକି ଭରସା କରନ୍ତି ମହାପ୍ରଭୁ

ସ୍ନାନ ପୂର୍ଣ୍ଣମୀ ଦିନ ସର୍ବାଙ୍ଗ ସ୍ନାନ ପରେ ଅସୁସ୍ଥ ହୋଇ ପଡିଥିବା ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବା ଲାଗି ଦଶମୂଳ ମହୌଷଧି ଲାଗି କରାଯାଏ। ପବିତ୍ର ଏକାଦଶୀ ତିଥି ଅବସରରେ ବିଳମ୍ବିତ ରାତିରେ ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ପତି ମହାପାତ୍ର ସେବକ ଏହାକୁ ଲାଗି କରିବେ। ଏହି ମହୌଷଧି ଶ୍ରୀ ଅଙ୍ଗରେ ଉପଚାର କରାଯିବା ପରେ ଜ୍ୱରରେ କମ୍ପୁଥିବା ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହେବେ। ଏଥିସହିତ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ମଧ ଅନୁଷ୍ଠିତ ହେବ। ଶ୍ରୀଜୀଉମାନେ ରକ୍ତବସ୍ତ୍ର ପରିଧାନ କରିବେ ଓ ମହାପ୍ରଭୁଙ୍କୁ ତୁଳସୀ ଲାଗି ହେବେ। ସ୍ନାନ ପୂର୍ଣ୍ଣମୀ ପରଠାରୁ ଅସୁସ୍ଥ ହୋଇପଡିବା ପରେ ମହାପ୍ରଭୁଙ୍କୁ ନୀତିରେ ତୁଳସୀ କିମ୍ବା ଧଳା ଫୁଲ ବ୍ୟବହାର ହେଉନଥିଲା। ଦଇତାପତି ସେବକଙ୍କ ଉଦ୍ୟମ କ୍ରମେ ମହାପ୍ରଭୁ କ୍ରମଶଃ ସୁସ୍ଥ ହୋଇ ଉଠନ୍ତି। ପୂର୍ବରୁ ବଡ଼ ଓଡ଼ିଆ ମଠ ଫୁଲୁରି ତେଲ ଯୋଗାଇ ଦିଅନ୍ତି, ଯାହା ମହାପ୍ରଭୁଙ୍କ ଠାରେ ଲାଗି କରାଯାଏ କ୍ଷ ସେହିଭଳି ଶୁଦ୍ଧ ସୁଆର ସେବକ ମହାପ୍ରଭୁଙ୍କୁ ଔଷଧ ଯୋଗାଇ ଦିଅନ୍ତି। ଏହି କ୍ରମରେ ମହାପ୍ରଭୁ ଚକାବିଜେ ହେବା ପରେ ସୁସ୍ଥ ହେଉଥିବା ଲକ୍ଷଣ ପ୍ରକାଶ ପାଏ। ଏବଂ ପ୍ରଭୁଙ୍କ କବିରାଜ ତୁରନ୍ତ ଶ୍ରୀମନ୍ଦିରକୁ ଦଶମୂଳ ବା ମୋଦକ ବିଜେ କରାନ୍ତି। ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଶ୍ରୀମନ୍ଦିରର ଅନବସର ଗୃହରେ ତିନୋଟି ମୁଗୁନି ପଥରର ଚକା ଅଣସର ପିଣ୍ଡିରେ ରଖାଯାଇ ବିଗ୍ରହଙ୍କୁ ଏକ ଚକା ଉପରେ ବିଜେ କରାଯାଏ। ପାରମ୍ପରିକ ରୀତି ମତେ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କୁ ଆରୋଗ୍ୟ ହେବା ନିମନ୍ତେ ରାଜବୈଦ୍ୟଙ୍କ ପ୍ରସ୍ତୁତ ଦଶମୂଳ ମୋଦକ ସେବନ କରିବାକୁ ଦିଆଯାଇଥାଏ। ରାଜବୈଦ୍ୟମାନେ ପ୍ରସ୍ତୁତ କରିଥିବା ଦଶମୂଳ ମୋଦକକୁ ପତି ମହାପାତ୍ର ସେବକ ଠାକୁରମାନଙ୍କୁ ଭୋଗ କରିବା କରିବା ପରେ ଅଣସର ଘରେ ଶୋଇରହିଥିବା ଜୀଉମାନେ ଉଠି ଚକା ଉପରକୁ ବିଜେ କରିଥାନ୍ତି।

# ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ମକଡ୍ରିଲ

**ପୁରୀ(ଏନ୍.ଏମ୍.):** ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ ଡ୍ରିଲ ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଦୁଇ ବର୍ଷ ପରେ ଭକ୍ତଙ୍କ ଗହଣରେ ଚଳିତ ରଥଯାତ୍ରା ହେଉଥିବାରୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି। ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ ଡ୍ରିଲର ପରିକଳ୍ପନା। ଏହା ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ସେ କହିଥିଲେ। ଏସ୍ପି ଡକ୍ଟର କନୱର ବିଶାଲ ସିଂ ସମସ୍ତ




ବିଭାଗ ତାଙ୍କର ଦାୟିତ୍ୱ କୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ ଡ୍ରିଲ ବେଶ ସହାୟକ ହେବ ବୋଲି କହିଥିଲେ। କମାଣ୍ଡାଣ୍ଟ ଶ୍ରୀ ଲିଙ୍ଗରାଜ ମିଶ୍ର ମକଡ୍ରିଲ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରି ଏହା ରଥଯାତ୍ରା ପରିଚାଳନାକୁ ଅଧିକ ଶୃଙ୍ଖଳିତ ଓ କ୍ରିୟାଶୀଳ କରିବ ବୋଲି କହିଥିଲେ। ଓସଡମାର ସି ଜି ଏମ ଡକ୍ଟର ସୁଶ୍ମିତା ବେହେରା ମକଡ୍ରିଲର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଉପଜିଲ୍ଲାପାଳ ଭବତାରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲିପ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍ ପି ମିହିର ପ୍ରସାଦ ପଣ୍ଡା, ଜିଲ୍ଲା ଆପାତ କାଳୀନ ଅଧିକାରୀ ଡକ୍ଟର ଜିତେନ୍ଦ୍ର କୁମାର ପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ପୁଲିସ ଅଧିକାରୀ, ସ୍ୱଚ୍ଛାସେବୀ ମାନେ ଏହି ମକଡ୍ରିଲରେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଏହି ଅବସରରେ ପ୍ରସ୍ତୁତ ଏସ୍ ଓ ପି ପୁସ୍ତକର ଉନ୍ମୋଚନ କରିଥିଲେ। ପରେ ଏନ ଡିଆର ଏଫ, ଓଡ୍ରାଫ, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ, ଆମ୍ବୁଲାନ୍ସ ,ପୂର୍ତ୍ତ ବିଭାଗ, ପୌର ପ୍ରଶାସନ ଇତ୍ୟାଦି ବିଭାଗର ସମ୍ମିଳିତ ମକଡ୍ରିଲର କାର୍ଯ୍ୟକୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧମରେ ପରିଚାଳନା କରାଯାଇଥିଲା।

### ଶ୍ରୀ ଜୀଉଙ୍କ ପାଇଁ ପ୍ରସ୍ତୁତି ଚାଲିଛି ନୂଆପାଟଣାରୁ ଖଣ୍ଡୁଆପାଟ

**ଆଠଗଡ଼ (ଏନ୍.ଏମ୍.):** କଟକ ଜିଲ୍ଲା ଟିଗିରିଆ ନୂଆପାଟଣାରୁ ଖଣ୍ଡୁଆପାଟ ଶ୍ରୀଜୀଉଙ୍କୁ ଲାଗି ହେବ। ଏହାକୁ ପିନ୍ଧି ପ୍ରଭୁ ଜଗନ୍ନାଥ ଯିବେ ମାଉସୀ ଘରକୁ। ଏଥିରେ ବୁଣାକାର ଆଖିରେ ନିଦ ହଜିଯାଇଛି। ସପରିବାରେ ଲାଗିପଡ଼ିଛନ୍ତି ଶ୍ରୀଜୀଉଙ୍କ ଖଣ୍ଡୁଆପାଟ ପ୍ରସ୍ତୁତିରେ। ଗୀତଗୋବିନ୍ଦ ଖଣ୍ଡୁଆପାଟ ସହ ବଡ ଠାକୁରଙ୍କ ସମ୍ପର୍କ ନିଆରା। ଏହି ପାଟ ପିନ୍ଧି ବଡଦେଉଳରେ ଝଲସୁଥାନ୍ତି ବଡଠାକୁର। କେବଳ ବଡ ଦେଉଳ ନୁହେଁ ଶ୍ରୀ ଜୀଉଙ୍କ ସ୍ନାନଯାତ୍ରା ହେଉବା ଘୋଷଯାତ୍ରା। ଏ ସବୁ ନୀତିକାନ୍ତି ଲାଗି ଦରକାର ପଡେ ଗୀତଗୋବିନ୍ଦ ଖଣ୍ଡୁଆପାଟ। ଏଥିପାଇଁ ବୁଣାକାର ପରିବାର ଲାଗି ପଡ଼ିଛନ୍ତି। କିଏ ସୂତା ଯୋଖିବାରେ ବ୍ୟସ୍ତ ତ କିଏ ତନ୍ତରେ ବସି ଗୀତଗୋବିନ୍ଦ ଲେଖିବାରେ ବ୍ୟସ୍ତ। ଆଗକୁ ଆସୁଛି ଘୋଷଯାତ୍ରା। ପ୍ରଭୁଙ୍କ ଅଙ୍ଗରେ ଲାଗିହେବ ଏସବୁ ବସ୍ତ୍ର। ଏହା ପୂର୍ବରୁ ଏସବୁ ବସ୍ତ୍ର ଶ୍ରୀମନ୍ଦିର ପ୍ରଶାସକ ପାଖରେ ପଇଠ କରାଯିବ ସେଥିପାଇଁ ଚଳଚଞ୍ଚଳ ବୁଣାକାର ପରିବାର।

# ବନ୍ ଭି-ଭିଭା ଟେକ୍ନୋଲୋଜି ୨୦୨୨ରେ ଆରଏମ ୦୦୧ ନିର୍ମାଣ ହୋଇଛି

**ଭୁବନେଶ୍ୱର (ଏନ୍.ଏମ୍.):** ଭାରତୀୟ ଏରିଏଲ୍ ମୋବିଲିଟି ଷ୍ଟାର୍ଟଅପ୍ ବନ୍ ଭି, ପ୍ୟାରିସ ଠାରେ ଅନୁଷ୍ଠିତ ଭିଭାଟେକ୍ ୨୦୨୨ରେ ଏହାର କାର୍ଗୋ ଲଜିଷ୍ଟିକ୍ସ କନସେପ୍ଟ ପ୍ଲାଟଫର୍ମ (ଫ୍ଲାଇଂ) ବିଷୟରେ ଘୋଷଣା କରିଛି। ଆଇଆଇଟି ମଣ୍ଡିର ପ୍ରୋତ୍ସାହନ ଏବଂ ଏଆଇସି ସିଭି ରମଣ ଓ ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜର ସପୋର୍ଟରେ ବନ୍ ଭି ଭାରତର ପ୍ରଥମ ଏଆଇ-ପାୱାର୍ଡ ମଲ୍ଟି-ୟୁଟିଲିଟି ଇଲେକ୍ଟ୍ରିକ୍ ଏୟାର ଭେଇକିଲ, ଆରଏମ ୦୦୧ ନିର୍ମାଣ କରିଛି। ଏହି ଓଡ଼ିଶା ଭିତ୍ତିକ ଷ୍ଟାର୍ଟଅପକୁ ଗ୍ଲୋବାଲ ପ୍ଲାଟଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରିବା ସହ ଏରୋସ୍ପେସ୍ ସଲ୍ୟୁସନ୍ କ୍ଷେତ୍ରରେ ଏହାର ପ୍ରଶଂସନୀୟ ଇନୋଭେସନକୁ ପ୍ରଦର୍ଶନ କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। କୋର୍ ଟିମର ସଦସ୍ୟ ସତ୍ୟବ୍ରତ ଶତପଥୀ (କୋ-ଫାଉଣ୍ଡର, ସିଇଓ), ଗୌରବ ଅଚ୍ଚା (କୋ-ଫାଉଣ୍ଡର, କୋ- ସିଇଓ), ଅବିନାଶ ସାହୁ (କୋ-ଫାଉଣ୍ଡର, ସିଟିଓ) ଏବଂ ରାହୁଲ କୁମାର (କୋ-ଫାଉଣ୍ଡର, ହେଡ୍ ଅଫ୍ ଡିଜାଇନ୍) ଏଥିରେ ଯୋଗ ଦେଇଥିଲେ। ଭିଭାଟେକ୍ ପ୍ୟାରିସରେ ଭାରତର ପ୍ରଡକ୍ଟ ଇନୋଭେସନ୍ ଷ୍ଟୋରୀକୁ ନେତୃତ୍ୱ ନେବାପାଇଁ ବନ୍ ଭିକୁ ନୀତି ଆୟୋଗ, ଇନଭେଷ୍ଟ ଇଣ୍ଡିଆ, ଅଟଳ




ଇନୋଭେସନ୍ ମିସନ୍, ଆଇଏସ୍ପିଆଇଆରଆଇଟି ଏବଂ ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ଦୂତାବାସ ମିଳିତ ଭାବେ ଚୟନ କରିଥିଲେ। ଭିଭା ଟେକ୍ନୋଲୋଜି ୨୦୨୨ର ଷଷ୍ଠ ସଂସ୍କରଣ ଜୁନ୍ ୧୫-୧୮ରୁ ପ୍ୟାରିସଠାରେ ଅନୁଷ୍ଠିତ ହୋଇଛି। ଏଥିରେ ୧୪୯ଟି ଦେଶରୁ ପ୍ରାୟ ୧୧୯ ମିଲିୟନ୍ ଲୋକଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିବା ବେଳେ ଏହି ସମ୍ମାନଜନକ ସମ୍ମିଳନୀରେ ଭାରତର ପ୍ରଥମ ବିଧିବଦ୍ଧ ପ୍ରବେଶ ଥିଲା। ଏହି ସମାବେଶରେ ଅନ୍ୟ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଟିମ୍ କୁକ୍ (ଆପଲ୍), ଏରିକ୍ ଏସ୍ ୟୁଆନ୍ (ଜୁମ୍) ଏବଂ ମାର୍କ ଜୁକରବର୍ଗ (ଫେସବୁକ୍)ଙ୍କ ପରି ବକ୍ତାଙ୍କ ସମେତ ୧୪୦୦୦ରୁ ଅଧିକ ଭିଜିଟର ଆସିଥିଲେ। ଏହି ଇଭେଣ୍ଟ ହେଉଛି ୟୁରୋପର ସବୁଠାରୁ ବଡ଼ ଷ୍ଟାର୍ଟଅପ୍ ଓ ଟେକ୍ ଇଭେଣ୍ଟ, ଯାହାକି ହଜାର ହଜାର ବ୍ୟବସାୟିକ ଉଦ୍ୟୋଗୀ, ଲିଡର୍ସ, ଡିରେକ୍ଟର୍ସ, ଆଡମିନଷ୍ଟ୍ରେଟର, ଷ୍ଟାର୍ଟଅପ୍, ଇନଭେଷ୍ଟର, ଗବେଷକ ଏବଂ ଉଦ୍ଭାବକଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରି କେବଳ ବ୍ୟବସାୟ ଏବଂ ଗବେଷଣା ନୁହେଁ, ବରଂ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ। ନେଟୱର୍କ ପ୍ରଦର୍ଶନୀ ପାଇଁ ଏହା ଏକ ବିରାଟ ପ୍ଲାଟଫର୍ମ ପ୍ରଦାନ କରୁଥିବାବେଳେ ଏଥିରେ ପ୍ରଦର୍ଶନୀ, ପୁରସ୍କାର, ପ୍ୟାନେଲ ଆଲୋଚନା ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆଦି ଅନ୍ତର୍ଭୁକ୍ତ ଥିଲା। ବନ୍ ଭିର ଆରଏମ୦୦୧, ୪୦ କିଲୋମିଟର ଯାଏଁ ୨୦୦ କେଜିର ଓଜନ୍ ଉଠାଇବାକୁ ସକ୍ଷମ, ଯାହାକି ନେବାଆଣିବା ଜନିତ ସମସ୍ୟାର ସମାଧାନ ସାବ୍ୟସ୍ତ ହୋଇପାରିବ। ଆରଏମ ୦୦୧ର ଅତ୍ୟାଧୁନିକ ଡିଜାଇନର ମଲ୍ଟି-ୟୁଟିଲିଟି ଆପ୍ଲିକେସନ୍ ଅଛି। ଏହି ଓଣ୍ଡର ଏରିଏଲ ଭେଇକିଲ୍ ଯେ କୌଣସି ଏରିଏଲ କ୍ରାଫ୍ଟ ତୁଳନାରେ ୩ ଗୁଣା ହାଲକା ଏବଂ ହେଲିକପ୍ଟର ତୁଳନାରେ ୨ ଗୁଣ ଶକ୍ତଶାଳୀ। ଖାସ୍ ଏହି କାରଣରୁ ଆରଏମ୦୦୧ ସୁଲଭ ଦରରେ ଇ-କମର୍ସ ଲଜିଷ୍ଟିକ୍ସ ପାଇଁ ଏକ ବିକଳ୍ପ ବୋଲି ନିଜକୁ ପ୍ରମାଣିତ କରିସାରିଛି। ଏହାର ଡିଓ୩୧୧ଏ ସାର୍ଟ ଫାଇଡ୍ ବ୍ୟାଟେରୀ ଏବଂ ଏସ୍ଆଇସି (ସିଲିକନ୍ କାର୍ବାଇଡ୍) ଭିତ୍ତିକ ହାଇ ଭୋଲଟେଜ୍ ପ୍ରପଲ୍ସନ୍ ସିଷ୍ଟମ୍ ନିଶ୍ଚିତ କରେ ଯେ ଏୟାରକ୍ରାଫ୍ଟଟି ଏକ କାର୍ବନ ଶୂନ୍ୟ, ଦକ୍ଷତା ପୂର୍ଣ୍ଣ ତଥା ସୁରକ୍ଷିତ ଏମିସନ୍ ମଡେଲ। ଏହାର ସ୍ୱୟଂଚାଳିତ ସେନ୍ସର ଏବଂ ଡାଟା ପ୍ରୋସେସିଂ ପାୱାର ବଳରେ ଏହା ଅଗ୍ନି ନିର୍ବାପକ ଅପରେସନ୍ କିମ୍ବା ବିପର୍ଯ୍ୟୟ ନିରାକରଣରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ବଢ଼ିଆ ଏୟାରକ୍ରାଫ୍ଟ ହୋଇପାରିବ। ଜରୁରୀକାଳୀନ ଚିକିତ୍ସା ସାମଗ୍ରୀ ପଠାଇବା ହେଉ କିମ୍ବା ପାହାନ୍ତିଆ ଅଞ୍ଚଳରେ ଲଜିଷ୍ଟିକାଲ ଅପରେସନ୍ ପାଇଁ ମ୍ୟାପିଂରେଏହା ୟୁଜର ଫ୍ରେଣ୍ଡଲି ହୋଇପାରିବ। ଏହାର ଅଟୋ-ପାଇଲଟ୍ ବ୍ୟବସ୍ଥା ତଥା ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ପାଇଁ ଏବଂ ପ୍ରତିକୂଳ ପରିସ୍ଥିତିରେ କାମ କରିବା ପାଇଁ ଏହାର କ୍ଷମତା ଥିବାରୁ ଏହାକୁ ତଦନ୍ତ ଓ ଅନୁସନ୍ଧାନ କାର୍ଯ୍ୟରେ ବ୍ୟବହାର କରିହେବ। ମୋଟାମୋଟି ଭାବେ ବନ୍ ଭି ଆରଏମ ୦୦୧ ଏକ ଭର୍ସାଟାଇଲ୍ ଏରିଏଲ ଭେଇକିଲ୍ ଯାହା କି ବ୍ୟାପକ କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଏହିଭଳି ଇନୋଭେସନ୍ ଜରିଆରେ ବନ୍ ଭି ଏରୋସ୍ପେସ୍ ସଲ୍ୟୁସନ୍ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିବା ସହ ଭାରତ ଓ ଏହାର ଇନୋଭେଟିଭ୍ ପ୍ରତିଭାଙ୍କୁ ବିଶ୍ୱସ୍ତରରେ ପ୍ରମୋଟ୍ କରିପାରିଛି।




# ଚେସକୁ ଲୋକପ୍ରିୟ କରାଇବାକୁ ସବୁ ପଦକ୍ଷେପ ଗ୍ରହଣ କରିବି : ଅନୁରାଗ ଠାକୁର



**ଧର୍ମଶାଳା(ଏନ୍.ଏମ୍.) :** କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଧର୍ମଶାଳା ଠାରେ ଆୟୋଜିତ ଚେସ୍ ଅଲିମ୍ପିଆଡର ମଶାଲ ରିଲେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୂଆଦିଲ୍ଲୀର ଆଇଜି ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଐତିହାସିକ ମଶାଲ ରିଲେର ଶୁଭାରମ୍ଭ କରିଥିଲେ। ଚେସ୍ ଅଲମ୍ପିଆଡ ମଶାଲ ରିଲେ ଦେଶର ୭୫ଟି ସହର ପରିକ୍ରମା କରିବ। ଚଳିତ ବର୍ଷ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଥିବାରୁ ଏପରି ପରିକ୍ରମା ନିମନ୍ତେ ଯୋଜନା କରାଯାଇଛି। ଏହି ଅବସରରେ ଧର୍ମଶାଳାର ଏଚପିସିଏ ପରିସରରେ ଆୟୋଜିତ ସଭାରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ଠାକୁର କହିଲେ ଯେ, ଭାରତରେ ଚେସର ଏକ ସୁଦୀର୍ଘ ଇତିହାସ ରହିଛି। ଆମେ ଚତୁରଙ୍ଗ ଠାରୁ ଆରମ୍ଭ କରି ଶତରଞ୍ଜ ବା ଚେସ୍ ପର୍ଯ୍ୟନ୍ତ ପହଞ୍ଚିଛୁ। ଚେସ୍ ଅଲିମ୍ପିଆଡ୍ ଇତିହାସରେ ପ୍ରଥମ ଥର ଭାରତ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ଚେସ୍ ଅଲିମ୍ପିଆଡ୍ ଅବସରରେ ୧୮୮ଟି ଦେଶର ୨୦୦୦ରୁ ଅଧିକ ଖେଳାଳି ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଭାରତ ଆସିବେ। ଏହି କାର୍ଯ୍ୟକ୍ରମରେ ହିମାଚଳ ପ୍ରଦେଶ ସରକାରଙ୍କ ଯୁବ ବ୍ୟାପାର, କ୍ରୀଡ଼ା ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ରାକେଶ ପଠାନିଆ, ସର୍ବଭାରତୀୟ ଚେସ୍ ମହାସଂଘର ମହାସଚିବ ଭରତ ସିଂ ଚୌହାନଙ୍କ ସମେତ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଏଆଇସିଏଫର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଧର୍ମଶାଳାସ୍ଥିତ ସାଇ କେନ୍ଦ୍ରର ଆଥଲେଟ୍, ଏନବାଇକେଏସର ସ୍ୱେଚ୍ଛାସେବୀ ଏବଂ ହିମାଚଳ ପ୍ରଦେଶ ଚେସ୍ ସଂଘର ଯୁବ ଖେଳାଳିଙ୍କ ସମେତ ୫୦୦ରୁ ଅଧିକ ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ। ଚେସ୍ ଗ୍ରାଣ୍ଡମାଷ୍ଟର ଦୀପ ସେନଗୁପ୍ତା ଚେସ୍ ମଶାଲକୁ ଶ୍ରୀ ଠାକୁରଙ୍କୁ ହସ୍ତାନ୍ତର କରିଥିଲେ। ଏହାପରେ ମଶାଲକୁ ଶିମଲା ନିଆଯାଇଥିଲା। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଏବଂ ଜଣେ କ୍ରୀଡ଼ାପ୍ରେମୀ ହୋଇଥିବା ଦୃଷ୍ଟିରୁ ହିମାଚଳ ପ୍ରଦେଶ ଏବଂ ଭାରତରେ ଚେସକୁ ଲୋକପ୍ରିୟ କରାଇବାରେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ଠାକୁର ଆଶ୍ୱାସନା ଦେଇଥିଲେ।

# ୮ ମାସରେ ୬ ଅଧିନାୟକ; ଯୋଜନା ନଥିଲା, ଅଧିକ ସେନାପତି ସୃଷ୍ଟି କରିଛୁ : ଦ୍ରାବିଡ଼



**ବେଙ୍ଗାଲୁରୁ (ଏଜେନ୍ସି) :** ଗତ ୮ ମାସ ଭିତରେ ଭିନ୍ନ ଭିନ୍ନ ଫର୍ମାଟକୁ ମିଶାଇ ୬ଜଣ ଅଧିନାୟକ ଭାରତୀୟ ଦଳର ନେତୃତ୍ୱ ନେଇଛନ୍ତି। ଏଥିନେଇ କିନ୍ତୁ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ ବିଶେଷ ଚିନ୍ତିତ ନାହାନ୍ତି। ବରଂ ଏତେ କମ୍ ସମୟ ଭିତରେ ଏତେ ଜଣ ଅଧିନାୟକ ସୃଷ୍ଟି କରିପାରିଥିବାରୁ ବେଶ୍ ଖୁସି ଅଛନ୍ତି ସେ। ଏହାକୁ ନେଇ ନିଜ ମନର ଭାବନାକୁ ମଧ୍ୟ ଖୋଲି କହିଛନ୍ତି ଦ୍ରାବିଡ଼। ଦେଇଥିବା ଏକ ସାକ୍ଷାତକାରରେ ଦ୍ରାବିଡ଼ କହିଛନ୍ତି ଯେ ଏହା ବି ବେଶ୍ ଆହ୍ୱାନପୂର୍ଣ୍ଣ ଥିଲା। ଗତ ୮ ମାସ ଭିତରେ ଆମେ ୬ଜଣ ଅଧିନାୟକ ପାଇଛୁ। ସତ କହିବାକୁ ଗଲେ ଏଥିନେଇ ଆମେ କୌଣସି ପ୍ରାକ୍ ଯୋଜନା କରି ନଥିଲୁ। ଆମେ ଯେତେ ସଂଖ୍ୟକ ମ୍ୟାଚ୍ ଖେଳୁଛୁ ଏଭଳି ଘଟଣା ଘଟିବା ସ୍ୱାଭାବିକ। ସମ୍ପ୍ରତି ପରିବେଶ ଓ ପରିସ୍ଥିତିକୁ ବୁଝି ତଦନୁଯାୟୀ ନିଷ୍ପତ୍ତି ନେବାର ସମୟ ଆସିଯାଇଛି। କିଛି ପିଲାଙ୍କ ସହ ମୋତେ କଠିନ ପରିଶ୍ରମ କରିବାକୁ ପଡ଼ିଛି। ତେବେ ସବୁ ପରିସ୍ଥିତିକୁ କିନ୍ତୁ ମୁଁ ମନଭରି ଉପଭୋଗ କରିଛି। ଆମକୁ ଅଧିକରୁ ଅଧିକ ଅଧିନାୟକ ସୃଷ୍ଟି କରିବାର ସୁଯୋଗ ମିଳିଛି। ଯାହା ଭାରତୀୟ କ୍ରିକେଟ୍ ପାଇଁ ଏକ ସକାରାତ୍ମକ କଥା। ଆମେ ନିୟମିତ ଭାବେ ଭଲ କରିବାକୁ ଚେଷ୍ଟା କରି ଆସୁଛୁ। ଗତ ୮ ମାସ ଭିତରେ ଆମେ ମଧ୍ୟ ଢେର ପରୀକ୍ଷା ନୀରିକ୍ଷା କରିଛୁ। ଧଳାବଲ୍ କ୍ରିକେଟରେ ଆମେ ବହୁତ ଭଲ କରିଛୁ। ଏହା ଆମ ଦଳର ବଳିଷ୍ଠ ଚରିତ୍ରକୁ ଦର୍ଶାଉଛି। ଟେଷ୍ଟ କ୍ରିକେଟ୍ ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକା ଗସ୍ତରେ ଆମକୁ ନିରାଶ ହେବାକୁ ପଡ଼ିଥିଲା। ଅବଶ୍ୟ ବହୁ ଯୁବ ଖେଳାଳିଙ୍କୁ ସେମାନଙ୍କ ପରାକାଷ୍ଠା ଦେଖାଇବା ଲାଗି ପର୍ଯ୍ୟାପ୍ତ ସୁଯୋଗ ମିଳିଥିଲା। ଅଧିକାଂଶ ଏହି ସୁଯୋଗର ପୂରା ଫାଇଦା ଉଠାଇ ଥିଲେ। ଆମ ପାଖରେ ଏବେ ଅତୁଳନୀୟ କଳା କୌଶଳ ବିଶିଷ୍ଟ ଢେର ଦ୍ରୁତ ବୋଲର ଅଛନ୍ତି। ଭାରତୀୟ କ୍ରିକେଟ୍ ପାଇଁ ଏହା ଗୌରବମୟ ମୁହୂର୍ତ୍ତ। ସୂଚନାଯୋଗ୍ୟ ଯେ, ବିଭିନ୍ନ କାରଣରୁ ଗତ ୮ ମାସ ଭିତରେ ରୋହିତ ଶର୍ମା, ବିରାଟ କୋହଲି, କେଏଲ୍ ରାହୁଲ୍, ଶିଖର ଧାୱନ, ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା ଜାତୀୟ ଦାୟିତ୍ୱ ନେବାକୁ ମନୋନୀତ ହୋଇଛନ୍ତି। କେବଳ ପାଣ୍ଡ୍ୟା ଆଗାମୀ ଆୟର୍ଲାଣ୍ଡ ଗସ୍ତରେ ତାଙ୍କ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି।

# କ୍ରିକେଟରୁ ରୁମେଲିଙ୍କ ଅବସର



**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ରୁମେଲି ଧର ବୁଧବାର କ୍ରିକେଟ୍ର ସମସ୍ତ ଫର୍ମାଟ୍ରୁ ଅବସର ଘୋଷଣା କରିଛନ୍ତି। ୩୮ ବର୍ଷ ବୟସ୍କା ଧର ଭାରତ ପାଇଁ ୪ ଟେଷ୍ଟ, ୭୮ ଦିନିକିଆ ଆନ୍ତର୍ଜାତିକ ସାଙ୍ଗକୁ ୧୮ ଟ୍ୱେଣ୍ଟି-୨୦ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଥିଲେ। ଟେଷ୍ଟରେ ଗୋଟିଏ ଅର୍ଦ୍ଧଶତକ ସହ ମୋଟ ୨୩୬ ରନ୍ ଏବଂ ୮ ୱିକେଟ୍ ଦଖଲ କରିଥିଲା ବେଳେ ଦିନିକିଆରେ ୬ ଅର୍ଦ୍ଧଶତକ ସହାୟତାରେ ମୋଟ ୯୬୧ ରନ୍ ଓ ୬୩ ୱିକେଟ୍ ଅକ୍ତିଆର କରିଥିଲେ। ୨୦୦୫ରେ ଦିଲ୍ଲୀଠାରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ରୁମେଲି ସେହି ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୨୦୦୬ରେ ଟନ୍ଟନ୍‌ରେ ଶେଷ ଟେଷ୍ଟ ଖେଳିଥିଲେ। ସେହିପରି ୨୦୦୩ରେ ଇଂଲଣ୍ଡ ବିପକ୍ଷରେ ଦିନିକିଆ ଆନ୍ତର୍ଜାତିକ ପଦାର୍ପଣ କରିଥିବା ରୁମେଲି ୨୦୧୨ରେ ଶେଷ ଦିନିକିଆ ଖେଳିଥିଲେ। ଅନ୍ୟପକ୍ଷରେ ଟ୍ୱେଣ୍ଟି-୨୦ରେ ମୋଟ ୧୩୧ ରନ୍ କରିଥିଲା ବେଳେ ୧୩ ୱିକେଟ୍ ପାଇଥିଲେ। ୨୦୦୬ରେ ଇଂଲଣ୍ଡ ବିପକ୍ଷରେ ଟ୍ୱେଣ୍ଟି-୨୦ ପଦାର୍ପଣ କରିଥିବା ରୁମେଲି ୬ ବର୍ଷ ପରେ ଆଶ୍ଚର୍ଯ୍ୟଜନକ ଭାବେ ୨୦୧୮ରେ ପୁନର୍ବାର ଜାତୀୟ ଦଳକୁ ଫେରିଥିଲେ। ସେତେବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ସେ ଆହତ ଝୁଲଣ ଗୋସ୍ୱାମୀଙ୍କ ବଦଳ ଖେଳାଳି ଭାବେ ଦଳରେ ସାମିଲ ହୋଇଥିଲେ। ଜଣେ ଅଲ୍ରାଉଣ୍ଡର ଭାବେ ପରିଗଣିତ ରୁମେଲି ଦକ୍ଷିଣ ଆଫ୍ରିକାରେ ଆୟୋଜିତ ୨୦୦୫ ବିଶ୍ୱକପ୍ ଫାଇନାଲ୍ରେ ଭାରତକୁ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ତେବେ ବୁଧବାର ସେ ଆନ୍ତର୍ଜାତିକ କ୍ରିକେଟ୍ରୁ ଅବସର ନେଇଯିବା କଥା ଇନ୍‌ଷ୍ଟାଗ୍ରାମ୍‌ରେ ଘୋଷଣା କରିବା ସହ ତାଙ୍କ କ୍ରିକେଟ୍ ଯାତ୍ରାରେ ସାମିଲ ଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋର ୨୩ ବର୍ଷର କ୍ରିକେଟ୍ ଜୀବନ ପଶ୍ଚିମବଙ୍ଗରେ ଶ୍ୟାମନଗରଠାରୁ ହିଁ ଆରମ୍ଭ ହୋଇଥିଲା। ହେଲେ ଆଜି ସମସ୍ତ ଫର୍ମାଟ୍ରୁ ଅବସର ଘୋଷଣା କଲାବେଳେ ଖୁବ୍ ଦୁଃଖ ଲାଗୁଛି। କିନ୍ତୁ ଶରୀର ଆଉ ଅନୁମତି ଦେଉନି। ପୁଣି ନୂଆ ଖେଳାଳିଙ୍କ ଉତ୍ଥାନ ଘଟୁଥିବାରୁ କ୍ରିକେଟ୍ରୁ ଅବସର ନେଇଯିବା ଏହା ହିଁ ପ୍ରକୃଷ୍ଟ ସମୟ'' ବୋଲି କହିଛନ୍ତି ରୁମେଲି। କ୍ରିକେଟ୍ରୁ ସର୍ବଦା ଭଲ ପାଇଆସୁଥିବାରୁ ଆଜି ଅବସର ନେଲା ବେଳେ ମୋର ପରିବାର, ବିସିସିଆଇ, ବନ୍ଧୁ, ଶୁଭେଚ୍ଛୁ, ପ୍ରଶଂସକ ଏବଂ ମୁଁ ପ୍ରତିନିଧିତ୍ୱ କରିଆସିଥିବା ଦଳଗୁଡ଼ିକୁ (ବେଙ୍ଗଲ, ରେଳବାଇ, ଏୟାର ଇଣ୍ଡିଆ, ଦିଲ୍ଲୀ, ରାଜସ୍ଥାନ ଓ ଆସାମ) ଧନ୍ୟବାଦ ଜଣାଉଛି। ହେଲେ ମୁଁ କ୍ରିକେଟ୍ ସହ ସଂପୃକ୍ତି ଜାରି ରଖିବି। ସୁଯୋଗ ମିଳିଲେ କ୍ରିକେଟ୍ର ବିକାଶ ଏବଂ ଦେଶରେ ଯୁବ ତାରକାଙ୍କୁ ସୃଷ୍ଟି କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବି ବୋଲି ରୁମେଲି କହିଛନ୍ତି।

# ସିଲେକସନ ନମିଳିବାରୁ ହାତ କାଟିଦେଲେ କ୍ରିକେଟର

**ଇସଲାମାବାଦ(ଏଜେନ୍ସି) :** ଘରୋଇ ଟିମ୍ ପକ୍ଷରୁ ଖେଳିବାକୁ ସୁଯୋଗ ନ ମିଳିବାରୁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଜଣେ ଯୁବ କ୍ରିକେଟର। ପାକିସ୍ତାନର ସିନ୍ଧ ପ୍ରଦେଶରେ ଏହି ଘଟଣା ଘଟିଛି। ଦ୍ରୁତ ବୋଲର ଶୋହିବ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଆୟୋଜିତ ଇଣ୍ଟର ସିଟି ଚାମ୍ପିୟନଶିପ୍ ଖେଳିବାର ସୁଯୋଗ ନପାଇବାରୁ ଏପରି କାଣ୍ଡ ଘଟାଇଛନ୍ତି। ସେ ସିଲେକସନ ନ ହେବା ଦୁଃଖରେ ନିଜ ହାତ କାଟି ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି।

ଶୋହିବଙ୍କ ପରିବାରର ଜଣେ ସଦସ୍ୟ କହିଛନ୍ତି, ମଙ୍ଗଳବାର ପୂରା ଘଟଣା ଘଟିଛି। ଇଣ୍ଟର ସିଟି ଟ୍ରାଏଲ ପାଇଁ ଶୋହିବଙ୍କୁ ତାଙ୍କ କୋଚ୍ ଚୟନ କରି ନଥିଲେ। ଏଥିରେ ସେ ମର୍ମାହତ ହେବା ସହ ନିଜକୁ ଘର ଭିତରେ ବନ୍ଦ କରି ରଖିଥିଲେ। ଦୀର୍ଘ ସମୟ ଧରି ଶୋହିବ ଘର ଭିତରେ ରହିଥିବାରୁ ସମସ୍ତଙ୍କର ସନ୍ଦେହ ବଢ଼ିଥିଲା। ଏହାପରେ ପରିବାର ଲୋକ ବାଧ୍ୟ ହୋଇ କବାଟ ଭାଙ୍ଗି ଥିଲେ। ଏହି ସମୟରେ ସେ ବାଥରୁମରେ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିବା ଦେଖିଥିଲେ। ସେହି ଅବସ୍ଥାରେ ପରିବାର ଲୋକ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। ଚିକିତ୍ସା ପରେ ମଧ୍ୟ ତାଙ୍କ ଅବସ୍ଥା ଏବେ ବି ଗୁରୁତର ଥିବା ପରିବାର ଲୋକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଯୋଗ୍ୟ ଯେ, ୨୦୧୮ରେ କରାଚିର ଜଣେ ଅଣ୍ଡର-୧୯ କ୍ରିକେଟର ମହମ୍ମଦ ଜାରୟବ ଟିମରୁ ବାଦ ପଡ଼ିବା ପରେ ବେକରେ ଦୌଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ।

# ରୋଭର୍ସ ଆଥଲେଟିକ କ୍ଲବ କାର୍ଯ୍ୟନିର୍ବାହୀ କମିଟିର ବୈଠକ

**କଟକ(ଏନ୍.ଏମ୍.) :** କଟକର ଏକ ସର୍ବପୁରାତନ କ୍ଲବ ତଥା ରୋଭର୍ସ ଆଥଲେଟିକ କ୍ଲବର କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ବାରବାଟୀ ଷ୍ଟାଡିୟମ ସ୍ଥିତ କ୍ଲବ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ତଥା ରାଜ୍ୟ କୃଷିମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅନୁପସ୍ଥିତ ରହିଥିବାରୁ କ୍ଲବର ଉପ ସଭାପତି ଶ୍ରୀ ରବି ପଟ୍ଟନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ କ୍ଲବର ବରିଷ୍ଠ ସଦସ୍ୟ ସ୍ୱର୍ଗତଃ ଡ: ନିର୍ମଳକାନ୍ତି ସେନ ଏବଂ ସ୍ୱର୍ଗତଃ ମଦନ ରାଓଙ୍କର ବିୟୋଗରେ ସେମାନଙ୍କର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛିଲା। କ୍ଲବର ସମ୍ପାଦକ ସଦାନନ୍ଦ ଦାସ ୨୦୨୦-୨୧, ଏବଂ ୨୦୨୧-୨୨ ରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ କ୍ଲବ ଫୁଟବଲ, ବାସ୍କେଟବଲ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୨୦୨୨-୨୩ ବର୍ଷ ପାଇଁ ୬ ଲକ୍ଷ ୪ ହଜାର ୮୫୦ ଟଙ୍କାର ବଜେଟ ଉପସ୍ଥାପନ କରାଯାଇ ତାହା କାର୍ଯ୍ୟନିର୍ବାହୀ କମିଟିରେ ଗୃହୀତ ହୋଇଛି। ଆସନ୍ତା ଜୁଲାଇ ମାସ ତୃତୀୟ ସପ୍ତାହରେ କ୍ଲବର ସାଧାରଣ ପରିଷଦ ବୈଠକରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତାବ ଉପସ୍ଥାପନ କରାଯାଇ ତାହାକୁ ଗୃହୀତ କରାଯିବ। ବୈଠକରେ କ୍ଲବର ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରଯାଇଥିଲା। ଗତ ୨୦୧୯ ମସିହାରେ କ୍ଲବ କଟକ ଫୁଟବଲ ଲିଗରେ ଗ୍ରୁପ ଚମ୍ପିୟାନ ହୋଇଥିବାରୁ ଖେଳାଳୀ ଓ କୋଚ୍ ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବୈଠକରେ ଶ୍ରୀଧର ଦାସ, ସୁଘୋଷ ଦାସ କେତେକ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ଯତୀନ ଦତ୍ତ ଧନ୍ୟବାଦ ଦେଇଥିଲେ।

# ବ୍ରେ ପ୍ରତିଯୋଗିତା : ଅଭିନ୍ନ ଓ ବିଶ୍ୱଜିତ ଶ୍ରେଷ୍ଠ ଖେଳାଳି



**କଟକ(ଏନ୍.ଏମ୍.) :** ଖେଳ କୁଦ ପ୍ରତି ଏବେ ଜନସାଧାରଣ ଚାହିଦା ବଢ଼ିଛି। ବିଶେଷ କରି ଖେଳରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ସେ ପଡ଼ିଆରେ ହେଉ ବା ଗାଁ ଚଉପାଢ଼ିରେ; ଏମିତି କ୍ରୀଡ଼ା ପ୍ରତିଯୋଗିତା ବେଶ ମଜାଦାର ହୋଇ ପାରିଛି। ତେବେ ରଜ ମହୋତ୍ସବ ଅବସରରେ ସ୍ଥାନୀୟ ନୂଆପଟଣା ସ୍ଥିତ ପପୁଲାର କ୍ଲବରେ ଏକ ବ୍ରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଭାବେ ଅଭିନ୍ନ ସୁନ୍ଦର ରାଉତ ଏବଂ ବିଶ୍ୱଜିତ ରାଜଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ସୁଜିତ ସ୍ୱାଇଁ, ସମ୍ପାଦକ ଜଗନ୍ନାଥ ସାହୁ ଏବଂ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହି ଉଭୟଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ସୁବାଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ସହରର ବିଭିନ୍ନ କ୍ଲବ ଅଂଶଗ୍ରହଣ କରିଥିଲେ।

# ଅନ୍ତର୍ଜାତୀୟ ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କ ନାଁରେ ହତ୍ୟା ଅଭିଯୋଗ

**ରାଉରକେଲା (ଏନ୍.ଏମ୍.) :** ଅନ୍ତର୍ଜାତୀୟ ହକି ତାରକା ବୀରେନ୍ଦ୍ର ଲାକ୍ରା ଓ ତାଙ୍କ ବାନ୍ଧବୀ ମନଜିତ ଟେଟେଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଛନ୍ତି ମୃତକ ଆନନ୍ଦ ଟପ୍ପୋ (୨୮) ପରିବାର ଲୋକ। ଏକ ସାମ୍ବାଦିକ ସମ୍ମିଳନୀରେ ମୃତକଙ୍କ ବାପା ବନ୍ଧନ ଟପ୍ପୋ, ମା ଆଶ୍ରିତା ଟପ୍ପୋ, ଦାଦା ଜିନ୍ଦା ଟପ୍ପୋ ଓ ଡାଲୁ ଟପ୍ପୋ ଅଭଯୋଗ କରିଛନ୍ତି। ଗତ ଫେବୃଆରୀ ୨୮ତାରିଖ ଦିନ ପ୍ରାୟ ୧୨ଟାରେ ଭୁବନେଶ୍ୱର ଇନଫୋସିଟି ଥାନା ଅନ୍ତର୍ଗତ ଆୟୁଷ ରେଡିୟମ ଫ୍ଲାଟ୍ ନମ୍ବର ୪୦୧ରେ ବେକରେ ଶାଢ଼ି ଦେଇ ଆନନ୍ଦ ଆତ୍ମହତ୍ୟା କରିଥିବା ବୀରେନ୍ଦ୍ର ମୃତକଙ୍କ ବାପାଙ୍କୁ ଫୋନ ମାଧ୍ୟମରେ ସୂଚନା ଦେଇଥିଲେ। ମୃତକଙ୍କ ବେକରେ ୨ଟି ଦାଗ ରହିଥିଲା। ୧୦ ଦିନ ପୂର୍ବରୁ ଆନନ୍ଦ ବିବାହ କରିଥିଲେ। ପ୍ରକାଶଥାଉ କି, ହକିତାରକା ବୀରେନ୍ଦ୍ର ଲାକ୍ରା ଓ ଆନନ୍ଦ ପିଲାଦିନର ସାଙ୍ଗ ଥିଲେ। ଏମିତିକି ବୀରେନ୍ଦ୍ରଙ୍କୁ ମୃତକଙ୍କ ପରିବାରବର୍ଗ ପୁଅ ଭଳି ଦେଖୁଥିଲେ। ବୀରେନ୍ଦ୍ରଙ୍କ ବିବାହ ସମୟରେ ମଧ୍ୟ ମୃତକଙ୍କ ବାପା ମା' ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗତ ନଭେମ୍ବର ମାସରେ ବୀରେନ୍ଦ୍ର ମୃତକଙ୍କ ଘରେ ପହଞ୍ଚି ତା ବାପାଙ୍କୁ କହିଥିଲେ ଯେ, ଆନନ୍ଦ ଏମିତି କଣ ହେଉଛି। ତାକୁ ମନା କର। ଏ ବିଷୟରେ କିନ୍ତୁ ବୀରେନ୍ଦ୍ର ଆଉ କିଛି ଅଭିଯୋଗ କରିନଥିଲେ। ଏମିତିକି ମୃତ୍ୟୁ ଦିନ ବୀରେନ୍ଦ୍ର ଘଟଣାସ୍ଥଳକୁ ନେଇକି ଗଲେନି। ଯେତେ ଅନୁରୋଧ କଲେ ବି ସେ ବାହାନା କରିବା ସହ ଇନଫୋସିଟି ଥାନାକୁ ଡାକିଥିଲେ। ମୃତକ ଆନନ୍ଦ ଓ ବୀରେନ୍ଦ୍ରଙ୍କ ସହ ରହୁଥିବା କୁତ୍ରା ବ୍ଲକ ଅନ୍ତର୍ଗତ ସମଲେଇମୁଣ୍ଡାର ମୂଳ ନିବାସୀ ମନଜିତ ଏକାସାଙ୍ଗରେ ପାଠ ପଢିଥିଲେ ଓ ଭଲ ବନ୍ଧୁ ଥିଲେ। ମୃତ୍ୟୁ ଦିନ ଉକ୍ତ ଫ୍ଲାଟରେ କେବଳ ବୀରେନ୍ଦ୍ର ଓ ମନଜିତ ଉପସ୍ଥିତ ଥିଲେ। ଭୁବନେଶ୍ୱର ପୁଲିସ ସହାୟତା କରୁନଥିବା ଅଭିଯୋଗ ହୋଇଛି। ଏଣୁ ସିବିଆଇ ତଦନ୍ତ ଦାବି କରିଛନ୍ତି। ଏନେଇ ଫୋନ ଯୋଗେ ବୀରେନ୍ଦ୍ରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ତେବେ ସେ ଫୋନ ନ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।




# ୨୯ରୁ କଟକରେ ଜୁନିୟର ଜାତୀୟ ଅଶୀଚାଳନା




**କଟକ(ଏନ୍.ଏମ୍.) :** ଆସନ୍ତା ୨୯ରୁ ଜୁଲାଇ ୨ ତାରିଖ ପର୍ଯ୍ୟନ୍ତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୩୦ତମ ଜୁନିୟର ଜାତୀୟ ଅଶୀଚାଳନା ଚାମ୍ପିଅନସିପ ଖେଳାଯିବ। ୨୦ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ବାରବାଟୀ ଷ୍ଟାଡିୟମ ସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ଅଶୀଚାଳନା ସଂଘ, ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଭାରତୀୟ ଅଶୀଚାଳନା ମହାସଂଘର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଖେଳାଯିବ। ଏଥିରେ ବାଳକ ବର୍ଗର ପ୍ରତିଯୋଗିତାରେ ୩୦ଟି ରାଜ୍ୟ ଦଳ ଓ ବାଳିକା ବର୍ଗରେ ୨୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ।

ପ୍ରତିଯୋଗିତା ପରିଚାଳନା ଲାଗି ଜଣେ ନିର୍ଦ୍ଦେଶକ, ଜଣେ ବୈଷୟିକ ନିର୍ଦ୍ଦେଶକଙ୍କ ସମେତ ୨୮ଜଣ ରେଫରୀ, ୧୮ଜଣ ଟେକ୍ନିକାଲ ଅଫିସିଆଲ ନିଯୁକ୍ତ ହେବେ। ସମସ୍ତ ଖେଳାଳି, ଷ୍ଟାଫ ଓ ଅଫିସିଆଲଙ୍କ ନିମନ୍ତେ ବାରବାଟୀ ଷ୍ଟାଡିୟମରେ ରହଣୀ ବ୍ୟବସ୍ଥା କରାଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ରମେଶ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ପାର୍ଥସାରଥୀ ବେହେରା, ଶୈଳେନ୍ଦ୍ର କୁମାର ସାହୁ, ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ଦଳ ମଧ୍ୟ ଘୋଷଣା କରାଯାଇଥିଲା। ଇପି ବାଳକ ଦଳ- କ୍ରାଷ୍ଣା ସେଠ, ସୂର୍ଯ୍ୟକାନ୍ତ ରାଉଳ, ବିଶ୍ୱଜିତ ମହାକୁଳ, ଜ୍ୟୋତିରଞ୍ଜନ ଠାକୁର, ଇପି ବାଳିକା ଦଳ- ଅନ୍ୱେଷା ହୋତା, ସିଏଚ ରାଣୀ, କିରଣ ସେଠ, ଅଂସ୍ମିତା ନନ୍ଦ, ଫଏଲ ବାଳକ ଦଳ- ପ୍ରତୀକ ଶତପଥୀ, କେ ମୁକେଶ, ରୋନେଲ ସିଂ, ୱାଇ ରାହୁଲ, ଫଏଲ ବାଳିକା ଦଳ- ସ୍ନାତ ମହାନ୍ତି, ଜି. ସୁନୀଲ, ଡି. ଶ୍ରେୟା, ସବରେ ବାଳକ ଦଳ- ଆକାଶ ମାଝୀ, କେ.ଏମ ପ୍ରୀତମ, ସିଦ୍ଦିକ ଖାନ, ପ୍ରିୟାଂଶ ସାହୁ, ସବରେ ବାଳିକା ଦଳ- ବର୍ଷା ପ୍ରିୟଦର୍ଶିନୀ ବାରିକ, ରୋଶନୀ ଭୋଇ, ଜାଇବା, ସଂସ୍କୃତି ମହାନ୍ତି ପ୍ରମୁଖ ରହିଛନ୍ତି।

Printed, Published and owned by Sri Tapan Kumar Sahoo At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha),
Printed at Sakuntala Printers, Bidanasi, Cuttack-753014 (Odisha) and Published at At - Badachanachoo, Po- Nakhara, Via-Choudwar, Dist-Cuttack- 754025 (Odisha)
Editor : SRI TAPAN KUMAR SAHOO    Mob- 8895134289, 9938725879. Email : nishkarsha.media@gmail.com    ସମ୍ପାଦକ: ତପନ କୁମାର ସାହୁ